RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheenews.com



ବାସ୍ତବତାର ପରିପ୍ରକାଶ


# ପ୍ରାଚୀ

# PRACHEE

ଅକ୍ଟୋବର ୨୦୨୧

ମୂଲ୍ୟ : ୨୫ ଟଙ୍କା





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଲିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ସପ୍ତମ ବର୍ଷର ସପ୍ତମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓ 'ପ୍ରାଚୀ'ର କଲମ ୫୦

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 7, OCTOBER 2021, Issue No. vii

**RNI No. : ODIODI/2015/64435**

P.R. No. : CK(C)/96/2016-2018

**ପ୍ରାଚୀ ପରିବାର :**

ଉପଦେଷ୍ଟା :

**କୃଷ୍ଣ ପ୍ରସାଦ ଦାସ**

ସମ୍ପାଦକ :

**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

ସମ୍ପାଦନା ସହଯୋଗୀ :

**ପ୍ରାଚୀ ପ୍ରଯୁକ୍ତା**

କାର୍ଯ୍ୟନିର୍ବାହୀ ସଂପାଦକ:

**ଡ. ସୁମନ୍ତ ସାଇଁ**

ପରିଚାଳକ ସଂପାଦକ:

**ଡ. ଦିପକ କୁମାର ଦାଶ**

ସହ ସମ୍ପାଦକ :

**ଡ. ନାରାୟଣ ମହାନ୍ତି**

**ଡ. ଅଞ୍ଜୁମନ ଆରା**

**ଡ. ଆଲୋକ କୁମାର ବରାଳ**

**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**

**ଡ. ଜ୍ଞାନୀ ଦେବାଶିଷ ମିଶ୍ର**

**ଡ. ନେତାଜୀ ଅଭିନନ୍ଦନ**

**ଡ. ନିରୋଦ କୁମାର ମନ୍ତ୍ରୀ**

ଉପସ୍ଥାପନା :

**ମମତା ଖଣ୍ଡାୟତରାୟ**

ଡିଟିପି :

**ପ୍ରଶାନ୍ତି ସାଇଁ**

ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :

**ବିଭୁପ୍ରସାଦ ନାୟକ**

ଅଳଙ୍କରଣ :

**ବିଜୟ କୁମାର ସାହୁ**

ବିଜ୍ଞାପନ ଅଧିକାରୀ :

**ଅବିନାଶ ଦାଶ**

ବିତରଣ ଅଧିକାରୀ :

**ରାଜେନ୍ଦ୍ର ବାରିକ**

ମୁଦ୍ରଣ :

**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**

ନୂଆବଜାର, କଟକ - ୪

**Niladri Vihar, Cuttack - 4**
**E-mail :**
**pracheepatrika@rediffmail.com**
**Web Site :**
**www.pracheenews.com**

## ଏଇ ସଂଖ୍ୟାରେ...

| | | |
|---|---|---|
| **ରାସନ୍ କାର୍ଡ଼** | - ଲୀଳାବତୀ ମହାପାତ୍ର | ୦୭ |
| **ବିଶ୍ୱବିଜୟୀ ଗାନ୍ଧୀ** | - ଡଃ ପାବକ କାନୁନ୍‌ଗୋ | ୧୧ |
| **ଥିଲା ଜଣେ ପଡ଼ୋଶୀ** | - ଦିପୁନ୍ ପୁହାଣ | ୧୩ |
| **ମାତୃଭାଷା ମୋ ପରିଚୟ** | - ମାନସ ରଞ୍ଜନ ପଟ୍ଟନାୟକ | ୧୬ |
| **ନାୟକର ନାମ ବାପା** | - ମମତା ବାରିକ | ୧୮ |
| **ଉତ୍କଳୀୟ ସଂସ୍କୃତିରେ ନୌବାଣିଜ୍ୟ** | - ଗୋଲାପ ନନ୍ଦ | ୨୩ |
| **ବଖରାଏ ଘର** | - ତପନ କୁମାର ସ୍ୱାଇଁ | ୨୪ |
| **ଅନୁତପ୍ତ ନିଆଁରେ ଚିନ୍ତେଇ** | - ବନଲତା ସିଂହ | ୨୪ |
| **ସୁଖ ବୋଲି ଆମେ ଭାବୁଥାଏ ଯାହା** | - ନିଶିକାନ୍ତ ପାଢ଼ୀ | ୨୬ |
| **କି ହେବ ରାବଣ ପୋଡ଼ିଲେ** | - ଜୟନ୍ତୀ ବାରିକ | ୨୮ |
| **ଆମ ଗାଆଁରେ ହୋଲି** | - ଅମରନାଥ ବାରିକ | ୨୯ |
| **ବିଡ଼ମ୍ବନା** | - କୁନଲତା ତ୍ରିପାଠୀ | ୩୦ |
| **ଏକ ପୁରୁଣା ପ୍ରଶ୍ନ** | - ବିନୟ ମହାପାତ୍ର | ୩୩ |
| **ବୃନ୍ଦ ଲାଲ ଗୋବିନ୍ଦ** | - ସୂର୍ଯ୍ୟକାନ୍ତ ଦାସ | ୩୫ |
| **"ଇଞ୍ଜିୟରରେ ପ୍ରେମିକା"** | - ସୁଦର୍ଶନ ସାହୁ | ୩୬ |
| **ତଥାପି ଅପେକ୍ଷା କରାଯାଉ** | - ଡକ୍ଟର ବିଜୟାନନ୍ଦ ସିଂହ | ୩୮ |
| **ସୁଧାର ଗାଈର ବାଛୁରୀ ମନ୍ଥର** | - ଅନୁପମା ନନ୍ଦ (ଗୃହିଣୀ) | ୪୪ |
| **ଆମ ପରିବେଶ** | - ରୁବିନ୍ ନାଏକ | ୪୫ |
| **ସୃଷ୍ଟିର ମୂଳ** | - ପୁଷ୍ପାଞ୍ଜଳି ପଣ୍ଡା | ୪୫ |
| **ଆ ସଭ୍ୟତାର ବାର୍ତ୍ତା** | - ବିଶ୍ୱନାଥ କର | ୪୬ |
| **ଚିର ଅଭିମାନ** | - ଲକ୍ଷ୍ମୀପ୍ରିୟା ମାଇତି | ୪୬ |
| **ନିମିତ୍ତ ମାତ୍ର** | - ଆନନ୍ଦ କୁମାର ମାଇତି | ୪୭ |
| **ଶେଷ ଠିକଣା** | - ସୁନନ୍ଦା ମହାନ୍ତି | ୪୭ |

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡ଼ିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..................................................

ଠିକଣା ........................................ ପିନ୍‌କୋର୍ଡ୍ ....................

ମୋବାଇଲ୍ ନମ୍ବର ............................ ଇ-ମେଲ୍ ............................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର........................................ ତାରିଖ....................................

ବ୍ୟାଙ୍କ୍.................................... ସ୍ଥାନ.................................................

ତାରିଖ.................................... ଦସ୍ତଖତ.................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheenews.com

# ରାସନ୍ କାର୍ଡ଼

- ଲୀଳାବତୀ ମହାପାତ୍ର

ଗ୍ରୀଷ୍ମବିକାଶରେ ମନ ଘର ଧରିଥାଏ । ପ୍ରଚଣ୍ଡ ସୂର୍ଯ୍ୟ କିରଣରେ ସାରା ପରିବେଶ ଉତ୍ତପ୍ତ ହୋଇଉଠିଥାଏ । ପ୍ରାଣୀଜଗତ ରୁ ଆରମ୍ଭ କରି ଉଦ୍ଭିଦ ଜଗତ ପର୍ଯ୍ୟନ୍ତ ସମସ୍ତେ ରୌଦ୍ରତାପରେ ଅସ୍ତବ୍ୟସ୍ତ ହୋଇ ଉଠୁଥାନ୍ତି । ଦିବା ନଅ ଘଟିକା ହୋଇଗଲେ ରାସ୍ତାଘାଟ ପ୍ରାୟ ଶୂନଶାନ୍ ହୋଇଯାଏ ।

କିନ୍ତୁ ସରକାରୀ ଚାକିରିଆ, ସେଥିରେ ପୁଣି ପ୍ରାଥମିକ ଶିକ୍ଷକ । ଏମାନେ ରୌଦ୍ରତାପରେ ମଧ୍ୟ ଘର ଘର ବୁଲି ଖାଦ୍ୟସୁରକ୍ଷା ଯୋଜନା ନିମନ୍ତେ ସର୍ଭେ କରିବାକୁ ବାଧ୍ୟ ହୋଇଥାନ୍ତି । ଗାୟତ୍ରୀ ଅନିଚ୍ଛାସତ୍ତ୍ୱେ ସର୍ଭେ କାମରେ ବାହାରିଲା । ସେ ଘର ଘର ବୁଲି ସମସ୍ତଙ୍କ କବାଟ ବାଡ଼େଇବ । କିଏ ଖୁସି ହେବ ତ କିଏ ବିରକ୍ତିରେ ଦୁଇପଦ ତାକୁ ଗାଳିଦେବ । ଏସବୁ ଗାୟତ୍ରୀକୁ ଭାରିବାଧେ । କାହାକୁ କହିବ ? ସରକାରଙ୍କ ଅଧିନରେ ତ ଚାକିରି କରିଛି । ତା' ସ୍ୱାମୀ ପ୍ରବୋଧ ତାକୁ ଚାକିରି ଛାଡ଼ିଦେବ ପାଇଁ ବାରମ୍ବାର କହୁଥିଲେ ମଧ୍ୟ ଏ ମହଙ୍ଗାଯୁଗକୁ ଅନେଇ ସେ ଚାକିରି ଛାଡ଼ିପାରେ ନାହିଁ ।

ବ୍ୟାଗରେ ପାଣି ବୋତଲ ଛତା ଧରି ଉଠୁନଥିବା ଶରୀରକୁ ଘୋଷାଡ଼ି ଘୋଷାଡ଼ି ଟୁଙ୍ଗୁରି ଟୋଲା ଅଭିମୁଖେ ଚାଲିଲା । ଜଣକ ଦୁଆର ପାଖରେ ଯାଇ କବାଟ ବାଡ଼ାଇଲା । ଦଶବାର ବର୍ଷର ପିଲାଟିଏ ଆସି କବାଟ ଖୋଲିଲା । ଗାୟତ୍ରୀ ପିଲାଟିକୁ ଦେଖି ସ୍ନେହରେ ଗେଲ କରି କହିଲା କିନୁ କିପରି ଅଛୁ ? ପଢ଼ାପଢ଼ି କରୁଛୁ ତ ? କିନୁ ତାଙ୍କରି ବିଦ୍ୟାଳୟରେ ପଢ଼େ । କିନୁ ଗାୟତ୍ରୀର ପାଦ ଛୁଇଁ ମୁଣ୍ଡିଆ ମାରିଲା । ଘର ଭିତରକୁ ଡାକିନେଇ ଚୌକିଟିଏ ପକାଇ ଦେଇ ବସିବାକୁ କହିଲା ।

ଗାୟତ୍ରୀ କିନ୍ତୁ ଘରର ପରିବେଶ ଚାରିପଟେ ଆଖି ବୁଲାଇ ଆଣିଲା । ସେମିତି କିଛି ଆଖି ଦୃଶିଆ ସମ୍ପତ୍ତି ନାହିଁ । କେବଳ ଚାରି ବଖରା ପକ୍କା ଘର ଓ ବାପା ଜେଜେ ଅମଳର ଅଟୋରିକ୍ସାଟିଏ । ଜମିବାଡ଼ି କିଛି ନାହିଁ । ଦୁଇ ଭାଇ ଭଉଣୀ ଓ ବିଧବା ମା ସେ ଘରେ ବସବାସ କରନ୍ତି । କିନୁର ମା ନିର୍ମାଣଧିନ ଶ୍ରମିକ ଭାବରେ କାମ କରି କିଛି ରୋଜଗାର କରେ । ସରକାରଙ୍କ ତରଫରୁ ପାଇଥିବା ବିପିଏଲ କାର୍ଡ଼ରୁ ତାକୁ ମାସକୁ ପଚିଶ କିଲୋ ଚାଉଳ ମିଳେ । ସେମାନେ ଦୁଃଖ ସୁଖରେ ଚଳିଯାଆନ୍ତି । କିନୁ ଓ ତା' ଭଉଣୀ ସରକାରୀ ବିଦ୍ୟାଳୟରେ ପାଠ ପଢ଼ନ୍ତି ।

ଗାୟତ୍ରୀ ପେନ୍‌ପେପର ବାହାର କଲା । ଲେଖିବ କି ଲେଖିବନି ଭାବନାରେ ପଡ଼ିଗଲା । ଯଦି ସେ ଚାରିବଖରା ପକ୍କା ଘର ଓ ଅଟୋ ରିକ୍ସାଟିଏ ଅଛି ବୋଲି ଲେଖି ଦେଉଛି ତାହାହେଲେ କିନ୍ତୁ ମା' ର ବିପିଏଲ କାର୍ଡ଼ ଖଣ୍ଡିକ ଯିବ । ରାସନ କାର୍ଡ଼ ମଧ୍ୟ ମିଳିବ ନାହିଁ । ଯଦି ସେ ଠିକ୍ ତଥ୍ୟ ପ୍ରଦାନ ନ କରେ ଭବିଷ୍ୟତରେ ସେ ଦଣ୍ଡିତ ହୋଇପାରେ । କିନ୍ତୁ ଓ ତା ଭଉଣୀର କୁନି କୁନି ମୁହଁ ଦିଓଟି ତା ଆଖି ସାମ୍ନାରେ ଝଲସି ଯାଉଥାଏ । ଥାଉ, ପଛେ ଫର୍ମଟି ପୂରଣ କରିବ କହି ସେଠାରୁ ଉଠି ଅନ୍ୟଗୃହ ଅଭିମୁଖେ ଯିବାକୁ ବାହାରିଲା ।

ଘର ଘର ବୁଲି ବୁଲି ଗାୟତ୍ରୀକୁ ବେଳ ଜଣାପଡ଼ିଲା ନାହିଁ । ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ତା ମନରେ ଗଭୀର ରେଖାପାତ କଲା । ସତରେ ଲୋକଗୁଡ଼ାକ କି କଷ୍ଟରେ ଜୀବନଯାପନ କରୁଛନ୍ତି । ଏତେ ବଡ଼ ଖରାରେ ଫ୍ୟାନ୍‌ଟିଏ ନାହିଁ । ହାତ ବିଞ୍ଚଣା ବା କାଗଜରେ ବିଂଚି ହେଉଥାନ୍ତି । ପିଇବା ପାଣିର ସୁବିଧା ନାହିଁ । ଏ ବସ୍ତିର ଅଧିକାଂଶ ପିଲା ତାରି ବିଦ୍ୟାଳୟରେ ପାଠ ପଢ଼ନ୍ତି । କଥାରେ ଅଛି ଗାଁ ପରିମଳ ଧୋବା ତୁଠରୁ ଜଣା ପଡ଼ିଲା ପରି ଏ ବସ୍ତିର ପରିବେଶରୁ ସେମାନଙ୍କର ଦୟନୀୟତାର ଛାପ ସ୍ପଷ୍ଟ ବାରି ହୋଇ ପଡୁଥାଏ । ସମସ୍ତଙ୍କର ଗୋଟିଏ ପ୍ରଶ୍ନ ଦିଦି ଆମକୁ ରାସନ୍ କାର୍ଡ଼ କେବେ ମିଳିବ ?

ଗାୟତ୍ରୀ ଗାଁ ମୁଣ୍ଡରେ ଥିବା ଚାଳ ଘର ପାଖକୁ ଗଲା । ବାରଣ୍ଡା ଉପରେ ସପଖଣ୍ଡେ ପକାଇ ସେବତୀ ବୁଢ଼ୀ ବସିଛି । ତା'ର ସ୍ୱାମୀ ଚାଲିଗଲା ପରେ ଗ୍ରାମର ଲୋକମାନେ ତାକୁ ଡାହାଣୀ ରୂପେ ସଜାଇ ଦେଲେ । ପୁଅବୋହୂମାନେ ମଧ୍ୟ ତା ପାଖ ଛାଡ଼ି ଅନ୍ୟ ଗ୍ରାମରେ ରହୁଛନ୍ତି । ଅଶୀ ବର୍ଷର ବୁଢ଼ୀଟି ଏକାକୀ ତା ଜୀବନ ସହ ସଂଗ୍ରାମ କରୁଛି । ତା' ଘରକୁ ଯିବା ପାଇଁ ଗ୍ରାମର ସମସ୍ତ ଲୋକେ ତାକୁ ବାରଣ କରିଥିଲେ । ସମସ୍ତଙ୍କ ବାରଣ ସତ୍ତ୍ୱେ ଗାୟତ୍ରୀ ଆଜି ଛିଡ଼ା ହୋଇଛି ସେବତୀ ବୁଢ଼ୀ ପାଖରେ । ପ୍ରଥମେ ପ୍ରଥମେ ସେ ଡରି ଡରି ତା' ପାଖରେ ବସିଲା । ତାକୁ ଦେଖି ବୁଢ଼ୀ ଠାକୁଆ ମୁହଁରେ ହସ ଧାରୁଏ ଦେଇ କହିଲା ଦିଦି ମୋ ପାଇଁ ରାସନକାର୍ଡ଼ ଖଣ୍ଡେ କରିଦିଅ । ମୁଁ ବହୁକଷ୍ଟରେ ଚଳୁଛି । ଭିକ ମାଗିଲେ ଭିକଗଣ୍ଡିଏ କିଏ ଦେଉ ନାହାନ୍ତି । ସମସ୍ତେ ଡାହାଣୀ କହି ତଡ଼ି ଦେଉଛନ୍ତି । ଗାୟତ୍ରୀ ଫର୍ମଟି ପୂରଣ କରି ସେଠାରୁ ଚାଲି ଆସିଲା ।

ସେଦିନ ଗାୟତ୍ରୀ ଘରକୁ ଫେରୁ ଫେରୁ ସଂଧ୍ୟା ହୋଇ

ଯାଇଥାଏ । ଘରେ ପହଂଚି ଗୋଡ଼ହାତ ଧୋଇ ସଞ୍ଜ ଦେଲା । ତା'ପରେ ଫର୍ମଧରି କିନୁର ଚାରିବଖରା ପକ୍କା ଘର ଓ ଅଟୋରିକ୍ସାଟିଏ ଅଛି ବୋଲି ଲେଖିବ କି ଲେଖିବନି ଭାବିଲା । ତା' ଭାବନା ରାଜ୍ୟରେ ସେ ଦେଖିଲା କିନୁ ଆଉ ବିଦ୍ୟାଳୟକୁ ଆସୁନି । କିନୁ ଭଲ ପଢ଼େ । ଭଲ ଗୀତ ଗାଏ । ସେ ଜଣେ ଆଜ୍ଞାଧୀନ ଛାତ୍ର । ତା'ର ଅନୁପସ୍ଥିତି ସବୁ ବର୍ଗର ଶିକ୍ଷକଙ୍କୁ ବିଚଳିତ କରିଦେଲା ।

ଦିନେ ଗାୟତ୍ରୀ କିନୁର ଭଉଣୀକୁ କିନୁ ବିଷୟରେ ପଚାରିଲା । ତା' ଭଉଣୀ ଠାରୁ ଯାହା ଜାଣିଲା ତା ପାଦ ତଳୁ ମାଟି ଖସିଗଲା ପରି ଲାଗିଲା । ବର୍ତ୍ତମାନ ସରକାର ବିପିଏଲ କାର୍ଡ଼ ନେଇଯାଇଛନ୍ତି । ତାଙ୍କୁ ରାସନ୍ କାର୍ଡ଼ ମିଳିନି । ମା ବି ରୋଗାଗ୍ରସ୍ତ ହୋଇପଡ଼ିଲେଣି । ଦିନେ ଗଲେ ଦୁଇଦିନ କାମକୁ ଯାଇପାରୁ ନାହାନ୍ତି । ଏପରିସ୍ଥଳେ ପରିବାର କିପରି ଚଳିବ ? ତେଣୁ କିନୁ ବାଧ ହୋଇ ଇଟାଭାଟିରେ କାମ କରୁଛି । ସେ ଆଉ ବିଦ୍ୟାଳୟ କୁ ପଢ଼ିବା ପାଇଁ ଆସିପାରିବ ନାହିଁ ।

ଗାୟତ୍ରୀ କିନୁ ବିଷୟରେ ଶୁଣି ଆଉ ଧୈର୍ଯ୍ୟ ଧରି ରହିପାରିଲା ନାହିଁ । ସେ ଦୌଡ଼ିଲା ଇଟାଭାଟିକୁ । କିନୁ ପୂର୍ବପରି ଆସି ତା' ପାଦ ଛୁଇଁ ମୁଣ୍ଡିଆ ମାରିଲା । ଗାୟତ୍ରୀ କିନୁକୁ କୁଣ୍ଡାଇ ପକାଇଲା । ତା' ହାତ ଦୁଇଟିକୁ ମୁହଁ ପାଖକୁ ଆଣି ଦେଖିଲା । କଅଁଳ ହାତରେ ନାଲି ନାଲି ପଟାପଟା ଗାର ପଡ଼ିଯାଇଛି । ଗାୟତ୍ରୀଙ୍କ ଲୁହରେ କିନୁର ହାତ ଦିଓଟି ସଫା ହୋଇଗଲା । ଠାଏ ଠାଏ ଛାଲ ବାହାରି ଯାଇଥିବାର ଚିହ୍ନ ଗାୟତ୍ରୀ ଦେଖିଲା ।

ମା ମୋତେ ଖାଇବାକୁ ଦିଅ । ମୁଁ ଟ୍ୟୁସନ୍ ଯିବି କହି ପୁପୁନ ଗାୟତ୍ରୀକୁ ହଲାଇ ଦେଲା । ପୁପୁନ ଗାୟତ୍ରୀର ବଡ଼ ପୁଅ । ପଂଚମ ଶ୍ରେଣୀରେ ପଢ଼େ । ତା' ପାଇଁ ଗାୟତ୍ରୀର କେତେ ସ୍ୱପ୍ନ । ସବୁ ସ୍ୱପ୍ନକୁ ସାକାର କରିବା ପାଇଁ ସେ ଥାକ ଥାକ କରି ସଜାଇ ରଖିଛି । ତା'ର ଆର୍ଥିକ ସ୍ୱଚ୍ଛଳତା ଅଛି । ପୁପୁନ ତା' ଲକ୍ଷସ୍ଥଳରେ ପହଂଚି ପାରିବ କିନ୍ତୁ କିନୁ ? ସେ ଯଦି ପକ୍କାଘର ଓ ଅଟୋରିକ୍ସାଟି, ଅଛି ବୋଲି ଲେଖି ଦେବ ତାହା ହେଲେ କିନୁର ପରିବାର ରାସନକାର୍ଡ଼ ଖଣ୍ଡିକ ପାଇବାରୁ ବଂଚିତ ହେବେ । ସରକାରଙ୍କ ସ୍ଲୋଗାନ 'ସମସ୍ତେ ପଢ଼ନ୍ତୁ ସମସ୍ତେ ବଢ଼ନ୍ତୁ'ର ସଫଳ ରୂପାୟନ ହୋଇପାରିନାହିଁ ।

ରାଉରକେଲା ।

# ବାବୁ !

- ବଳବନ୍ତ ସାହୁ (ବବଲୁ)

ସୁଦୀର୍ଘ ଅଟ୍ଟାଳିକା ର ଫଳକରେ ଲାଗିଥିବା ଇଟା ଖଣ୍ଡିକ ଖୁବ୍ ତାଚ୍ଛଲ୍ୟ କରେ ପାହାଚ ତଳ ମାଟିକୁ.. । ଗର୍ବରେ ଗାଇଚାଲେ ନିଜ ପ୍ରଶଂସାର ଭାଗବତ । କାନଡେରି ଶୁଣେ ପାହାଚ ତଳ ମାଟି । ହେଲେ ପ୍ରକାଶ କରିପାରେ ନାହିଁ ଛାତିତଳର ଜମାଟ୍ ବାନ୍ଧିଥିବା କୋହକୁ । କହିପାରେନି ନିଜେ ନିଭଉଥିବା ସହନଶକ୍ତିର ଗଭୀରତାକୁ.. । କହିପାରେନି ଦୁଇମାଟିର ଫରକ୍‌କୁ । ପାହାଚ ତଳ ମାଟି ଜିଏଁ ମାଟି ପାଇଁ, ଆଉ ଫଳକର ଇଟା ଜିଏଁ ଆକାଶ ପାଇଁ.. । ଇଟା ଭୁଲିଯାଇଥିବା ତା' ଦୁର୍ଗନ୍ଧ ଅତୀତକୁ ଆଉ ଭାଟିରେ ସହିଥିବା ଅସହ୍ୟ ଜ୍ୱାଳାକୁ.. । ହେଲେ ମାଟି କେବେ ଭୁଲେ ନାହିଁ କିଛି.. । ଅବିକଳ ମାଟି ପରି ମଣିଷ- 'ବାବୁ' । ବାବୁ ଜିଇଁଥାଏ ମାଟି ପାଇଁ.. । ବାବୁ କହିଲେ ସାହେବି ବାବୁ କି ପୋଲିସ ବାବୁ ନୁହଁ ! ସେ ବାବୁମାନଙ୍କର ତ' ବଡ଼ ବଡ଼ ପେଟ ଥାଏ । ଖାଇବା ପାଇଁ, ପିଇବା ପାଇଁ । ମୁଣ୍ଡରେ ମୁଣ୍ଡେ ବୁଦ୍ଧି ଥାଏ । ପର ଥାଳରୁ ଝାମ୍ପିବା ପାଇଁ । ପର ବିଶ୍ୱାସକୁ ପିଇବା ପାଇଁ ଆଉ ପର ଯୌବନପଲଙ୍କରେ ଦିନରାତି ଶୋଇବା ପାଇଁ.. । ହେଲେ ଏ ବାବୁର କଣ ଅଛି ଯେ ? ଯାହା ଅଛି ସବୁ ଗୋଟେ ଗୋଟେ କଳଙ୍କର ଭାର । ଏଇ ଜଡ଼ ଦେହ, ହାଇ କ୍ୱାଲିଟି ନାମ, ପୁରସ୍କାର ପାଇଥିବା ଦଶ ବାର ହାତ ଜମି, ନିଜର ଭାବୁଥିବା ଗଛଲତା ପାହାଡ୍ ପରବତ୍ ଆର୍ ପାରବତି ନନୀ । ଯାହାକେ କେଭେ ନନୀ ଡାକି ନାଇଁ, ମାଆ.. ଡାକିଛେ ମାଆ' । ଏ ସବୁ ହିଁ ତା କୁଟୁମ୍ବ । ବାବୁ କମାଏ, ପାର ରାନ୍ଧେ । ସମସ୍ତେ ଖାଆନ୍ତି । ଆଗେ ଗଛଲତା ପାହାଡ଼ ପର୍ବତ ମାନେ ବି କମଉଥିଲେ । ଯଦି ବି' ଖାଉନଥିଲେ । ଏବେ କିନ୍ତୁ ସେମାନେ ନକମାଇ ଏମିତି ଖାଉଛନ୍ତି ଯେ ଦିନେ ଦିନେ ଉପାସ ରହିବାକୁ ପଡ଼େ ବାବୁ ଆଉ ପାର କୁ । ଯେଉଁ ଦିନଠୁ ସରକାରର ଆଖି ପଡ଼ିଛି ଗଛଲତା ଆଉ ପାହାଡ଼ ପରବତ୍ ଉପରେ ।

ସରକାର୍ ର ଆଖି ବହୁତ ତୀକ୍ଷ୍ଣ । ସେ ଆଏକ୍ ପକାଲେ ରହସି ! ଡାକରା ଆସିଲା ଗାଁକୁ । ମଝା ଖୁଲି ଗଣା ରଡ଼ିଲା- 'ଶୁନ ଶୁନ.. ! ଆମର୍ ଗାଁ'ର ଡୁଙ୍ଗରୀ କେ ସରକାର୍ ନେଇଯିବା ପରେ.. ହୋ..ଶୁନ ଶୁନ ଶୁନ.. ।' କାଳିଆ କସରା ପଛେ ପଛେ, ବାବୁ ବୁଣୁଥିଲା କିଛି ସ୍ୱପ୍ନ । ଥରି ଉଠିଲା ପାଦ । ଘୁରିବାକୁ ଲାଗିଲା ତା' ଆଖି ଡୋଳାର ପୃଥିବୀ । ମୁଡ଼େ ଛିଣ୍ଡି ପଡ଼ିଗଲା ଆକାଶ । ପାଦ ତଳୁ ଧସିଗଲା ମାଟି । ଯେମିତି ହେଇଥିଲା ବାଇଶ ବର୍ଷ ପୂର୍ବେ । ଇସ୍କୁଲ ରେ ଶୁଣୁଥିଲା ଯେତେବେଳେ ତାର୍ ମାଆ ବୁଆ ଆର୍ ନାଇଁନ... ! ଧାଇଁ ଯାଇ ଦେଖିଥିଲା ରାଜଧାନୀ ମୁହାଁ ଟ୍ରେନ୍‌ଲାଇନ୍‌କୁ । କିଛି ତାଜା ରକ୍ତ ଆଉ ମାଂସରେ ସବୁଦିନ ପାଇଁ ଲିଭିଯାଉଛି ତା ମାଆ ଆର୍ ବୁଆ ଡାକ... । ଲିଭିଯାଇଛେ ତା ସେନେହ ପେରେମ ରାଗ୍ ରୁଷା ଆଉ ସମ୍ପର୍କର ଜୁଇ । ଲିଭିଯାଇଛନ୍ ଆଏକ୍ ବୁଜି ବିଶ୍ୱାସ କରୁଥିବାର ଜିଅନ୍ତା ମାହାପୁରୁ ଦୁଇ । ସେଥିପାଇଁ ବୋଧେ ବାବୁ ଏବେ ବି ଥରିଉଠେ ରାଜଧାନୀ ମୁହାଁ ଟ୍ରେନ୍‌ଲାଇନ୍‌କୁ ।

ବୁଝାସୁଝା କରି ଜାଣିଲା ଡୁଙ୍ଗରୀ ଫଟା ହେଇ ଟ୍ରେନ୍ ଲାଇନ୍ ତିଆରି ହେବ । ରାଜଧାନୀ କେ.. । ଗଛଲତା ସଫା କରି ସେନେ ଗଢ଼ି ଉଠିବା ବଡ଼ ବାରୁଦ କାରଖାନା ଟେ । କାରଖାନାରେ ଭୁଲ ଟିକେ ଅଧେ ହେଇଗଲେ ଲିଭିଯିବା ମାଟିକୁ ମାଆ କହୁଥିବାର ବାବୁ ପରି ହଜାର୍ ହଜାର୍ ଲୋକର ସପନ୍ ଆଉ ଜୀବନ୍ । ବାବୁର ବୁଦ୍ଧି ହଜିଗଲା । ଗାଁର ବଡ଼ବଡ଼କିଆ ଲୋକମାନଙ୍କୁ କହିଲା । ଫତୁଆ ହେଇ ଥାନା ଗଲା । ଗୁହାରୀ ଗଲା । ହେଲେ କାହାର ଛାତିରେ ଦମ୍ ଅଛେ ? ହେଡ୍ ସବୁ ବୃର୍ଥା.. ସବୁ ଡବା ଗୁରସ୍ ! ସେ ଥାନାବାବୁ ବି' ଆଉ ସେ ଓକିଲ ବାବୁ ବି' । କାନ୍ଦି କାନ୍ଦି ବୁଝଲା ଆଉ ପାହାଁ ଦେଲା ହାଇକୋର୍ଟ ରେ । ସେ ଦିନ ବି' ଦଶ ବରଷ ପୁରିଗଲା । ତା' ଭିତରେ ଡୋରି ବନ୍ଧାହେଲା ପାର' ର ପାଠପଢ଼ାରେ । ଭଙ୍ଗାହେଲା ରାଜ୍ ଜୁଟକ ଲେଖେ ଖଡ଼ି ଶୁଝିଥିବାର ବିହାଘର୍ । ହେଲେ ଫଏସଲା ଦିନ ଘୁଂଚି ଚାଲୁଥିଲା । ସେ ଦିନ ଆସୁଛେ ବୋଲି ନିଦ ନାହିଁ ବାବୁ ଆଖିରେ । ଛନେ ଆଖି ବୁଜିଲେ ସପନେ ଆସୁଛେ ଓକିଲ ବାବୁ ର ସାତଜନ୍ମର ପାପଭାର । ଛାତିପିଟି ରଡ଼ିଉଠିଲା ମାଟି- 'ପାର..ମାଆ...' । ମାଆ ଡାକ କ୍ଷୀଣ ହୋଇଆସୁଥିଲେ ବି ବଢ଼ି ଆସୁଥାଏ ପ୍ରକୃତିର ସମବେଦନା । ଉଦିତପ୍ରାୟ ସୂର୍ଯ୍ୟ ଲୁଚିଯାଉଥାନ୍ତି ପାହାଡ଼ ଉହାଡ଼ରେ ଆଉ ସୁସକି ସୁସକି କାନ୍ଦୁଥାଏ ପବନ୍ । ସତରେ କେତେ ସମ୍ବେଦନ ଏ ପ୍ରକୃତି ! ସମବେଦନାରେ ଆହୁରି ଅସହ୍ୟ ହେଉଥାଏ ବାବୁ ଛାତିରେ । ସେ ବେହୋସ... ।

ଭିନ୍ନ ଗୋଟେ ଅସମ୍ବେଦନ ପରିବେଶରେ.. ଆଖି ଖୋଲିଥାଏ ବାବୁ ! ଯେଉଁଠି ବିଚାର କରାଯାଏ ଧନୀ ଗରିବର

ପାର୍ଥକ୍ୟ । ମୋଟା ମୋଟା ଟଙ୍କାରେ ଲୁଚାଯାଏ ପାଶବିକତାର ହିମାଳୟ । ଚେନ୍ କଡ଼ିରେ ବନ୍ଧାହୁଏ ମଣିଷପଣିଆ । ଫାସି ଖୁଂଟରେ ଝୁଲିଥାଏ ନିରୀହତା । ଆଜାଦ୍ କରିଦିଆଯାଏ ମହାବଳ ବ୍ୟାଘ୍ରମାନଙ୍କୁ । ଯେପରି ସେମାନେ ଝାମ୍ପି ପାରିବେ ନିରୀହମାନଙ୍କ ଆଖିର ନିରୀହତାକୁ.. । ବାବୁ ଚେଷ୍ଟା କରୁଥାଏ ମନେ ପକେଇବା ପାଇଁ ତା ପାଶବିକତା । ଯେଉଁଠି ପାଇଁ ତା' ଚରିତ୍ର ଉପରେ ବନ୍ଧାହୋଇଛି ଗୋଟେ ନର୍କକୁଣ୍ଡ । ଉତ୍ତର ପାଉନଥାଏ ବାବୁ । ଉତ୍ତର ବଦଳରେ ପାଉଥାଏ ବରଂ ବାବୁପଣିଆର ପାବାର୍ । ଲାଠି ମାଡ଼ରେ ଫୁଲି ଫୁଲି ଉଠୁଥାଏ ବାବୁର ଦେହ । ଶୀତଳତାର ସ୍ପର୍ଶ ଦେଉଥାଏ ପୋଲିସ୍ ବାବୁଙ୍କ ଦେହର ଉଷ୍ମତାକୁ । ପୋଲିସ୍ ବାବୁ ଥକିଗଲେ ହେଲେ ବାବୁ ଥକିଲା ନାହିଁ ତା' ଉତ୍ତର ଖୋଜିବାରେ । ନୁଆଁ ବାବୁ ଆସିଲେ । ନୁଆଁ ବାଡ଼ି ଆସିଲା ହେଲେ ବାବୁ ଉପରେ ଭାର ସମାନ । ବାବୁ ଖୋଜୁଥାଏ ତା' ପାଶବିକତା । ସେ ପାଇଗଲା ଯେତେବେଳେ ଥକିପଡ଼ିଲା ଅନ୍ୟ ଏକ ପାଶବିକତା ।

ପୋଲିସ୍ ବାବୁ କହିଲେ- କ'ଣ କରିଛୁ ? ମନେ ନାହିଁ । କି କଣିଷ ବେ ତୁ..? ନିଜ ଝିଅକୁ...ଛି..ଛି.. । ଶଳା ଲାଜ ନାହିଁ, ପୁଣି ପଚାରୁଛି କଣ କରିଛି ! କି କି ମଣିଷ ଅଛନ୍ତି ? ଭଗବାନ ! (ଦୀର୍ଘ ଶ୍ୱାସ ନେଇ..) ଆବେ ଶଳା ଯାହା ତୋ ଘରେ କରୁଥିଲୁ କରୁଥିଲୁ... । ତା' ବିନା ଇଚ୍ଛାରେ ବି' । ମରିବ ନାହିଁ କଣ ବଂଚିବ ?

ବାବୁ ସବୁ ବୁଝିଗଲା । ଯା' ପରେ ଚେଷ୍ଟା ବି କଲାନି ପ୍ରମାଣ ଜାଣିବା ପାଇଁ । ପୋଲିସ୍ ବାବୁ ନିର୍ଦ୍ଧୁମ୍ ମାଡ଼ରେ ମଧ୍ୟ ସେ ହଜିସାରିଥିଲା ଗୋଟେ ଭାବନା ରାଜ୍ୟରେ । ଯେମିତି କେବଳ ପ୍ରଶ୍ନ ଆଉ ପଶ୍ଚାତାପର ହିମାଳୟ । ମାଟି, ପାଣି, ପବନକୁ ଭଲପାଉଥିବା ବାବୁ କିପରି ସାଜିଗଲା ପଶୁ ଠାରୁ ହୀନ । ଜରି ଗୋଟାଲି ଝିଅଟାକୁ ପାଳିଲା ବାର ବର୍ଷ । ମେଂଟାଇବା ପାଇଁ ତା' ପାପ ଲାଳନା । ବାହାନା କରି ଡାକୁଥିଲା ଝିଅ ବଦଳରେ ମାଆ ବୋଲି । ଛି' କେତେ ନୃଶଂସ ସେ । ରଜନୀର ନିସ୍ତବ୍ଧତା ମଧ୍ୟରେ କଳାପରଦାକୁ ଚିରିଫାଡ଼ି ଦେଇ ବିରତ ଭାବେ ଥାନା ଭିତରକୁ ମାଡ଼ିଆସୁଥିବା ଝିଙ୍କାରୀ ସହ ବାବୁ କାନରେ ପ୍ରତିଧ୍ୱନିତ ହୋଇଉଠିଲା..

ପାପୀ..
ଛି' ବଳାତ୍କାରୀ...
ମଣିଷଖିଆ...
ପାହାଡ଼, ପରବତ୍ ଖିଆ...
ଗଛପତର୍ ଖିଆ...
ବଳାତ୍କାରୀ...
ମଣିଷଖିଆ...
ପାପୀ...

ଅସହ୍ୟ । ଝାମ୍ପି ଆଣିଲା ପୋଲିସ୍ ବାବୁ ବନ୍ଧୁକଟାକୁ । ଜାଣିଥିବା ହିସାବେ ଦବେଇଚାଲିଲା ବନ୍ଧୁକଙ୍କୁ.. ଯେ ପର୍ଯ୍ୟନ୍ତ ଢୋ ଢୋ ବନ୍ଧୁକ ଶବ୍ଦରେ ଧୋଇହୋଇନଯାଇଛି ତା' ଶରୀରର କୂଢ଼ କୂଢ଼ ପାଶବିକତା । ଯାହା ଦେଇଥିଲେ ଓକିଲ ବାବୁ ଆଉ ପୋଲିସ୍ ବାବୁ । ପରିଣାମରେ କିଛି ହେଲାନି କାହାର । ହେଲା ବାବୁପଣିଆର ଜୟ ଆଉ ମଣିଷପଣିଆର ପରାଜୟ । ନିରନ୍ଧ୍ର ଅନ୍ଧାରରେ ଲୁଚି ଯାଉଥିବା ଜହ୍ନ ଦେହେ, ଆସ୍ତେ ଆସ୍ତେ ବୋଲି ହୋଇଯାଉଥିଲା ମଳାରକ୍ତର ଛିଟା । ଯେଉଁ ରକ୍ତଛିଟା ଉପହାସ କରୁଥିଲା, ଦୁଇ ଇଂଚର ଓସାର ଛାତି ଆଉ ହୃଦୟଧାରୀ ବାବୁମାନଙ୍କୁ... ।

ଭୂଷଲାଡ଼, ସିନ୍ଧେକେଲା, ବଲାଙ୍ଗୀର ।

# ବିଶ୍ୱବିଜୟୀ ଗାନ୍ଧୀ

- ଡଃ ପାବକ କାନୁନ୍‌ଗୋ

ମହାତ୍ମା ଗାନ୍ଧୀଙ୍କ ଜନ୍ମର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ସାରା ବିଶ୍ୱରେ ପାଳିତ ହେଉଥିବାବେଳେ ତାଙ୍କ ସମ୍ପର୍କରେ ଅଧିକ ଜାଣିବା ପାଇଁ ଅଗଣିତ ମଣିଷ ଆଜି ବି ଯେ ଆଗ୍ରହ ପ୍ରକାଶ କରୁଛନ୍ତି ତାହା ତାଙ୍କ ଅସାଧାରଣ ଚରିତ୍ର ଓ ଜୀବନର ପ୍ରତାପ ବୋଲି କୁହାଯାଉଛି । କେବଳ ତାଙ୍କ ଜୀବନ ନୁହେଁ, ମୃତ୍ୟୁ ପରବର୍ତ୍ତୀ ଜୀବନ ମାନବ ଜାତି ପ୍ରତି ଶିକ୍ଷାପ୍ରଦ ହୋଇ ଯାଇଛି ବୋଲି ପଣ୍ଡିତମାନେ ମତପ୍ରକାଶ କରୁଛନ୍ତି ।

ଆଉ ଗୋଟିଏ ଦୃଷ୍ଟିରୁ ଗାନ୍ଧୀଙ୍କ ବିଷୟରେ ତାତ୍ତ୍ୱିକ ଓ ସୂକ୍ଷ୍ମ ଆଲୋଚନା ହେଉଛି । ବିଶ୍ୱ ରଙ୍ଗମଂଚରେ ଗାନ୍ଧୀଜୀଙ୍କ ସମସାମୟିକ ବିରାଟ ପୁରୁଷମାନଙ୍କର ପ୍ରତାପ ସେମାନଙ୍କ ଦେଶ ଓ ଆଖପାଖରେ ସୀମାବଦ୍ଧ ରହିଥିଲାବେଳେ ମହାତ୍ମାଙ୍କ କ୍ଷେତ୍ରରେ ତାହାର ବିପରୀତ ହିଁ ଘଟୁଛି । ଦେଶ ଭିତରେ ତାଙ୍କ ସ୍ମୃତି, ତାଙ୍କ ଅବଦାନ ଓ ତାଙ୍କ କୃତିତ୍ୱକୁ ମଳିନ ବା ନିଷ୍ପ୍ରଭ କରିବାକୁ ସଂଗଠିତ ଉଦ୍ୟମ ଚାଲିଥିଲାବେଳେ ସାରା ବିଶ୍ୱ ପାଇଁ ସେ ଗୋଟିଏ ଆଲୋକ ବର୍ତ୍ତିକା ଭାବରେ ଉଭା ହେବା ଘଟଣା ବିଶ୍ୱ ଇତିହାସରେ ବିରଳ ବୋଲି କହିଲେ ଭୁଲ ହେବ ନାହିଁ । ଋଷର ମହାନନେତା ଲେନିନ ଓ ଷ୍ଟାଲିନ୍, ଆମେରିକାର ରାଷ୍ଟ୍ରପତି ରୁଜ୍‌ଭେଲ୍‌ଟ୍, ବ୍ରିଟୀଶ ପ୍ରଧାନମନ୍ତ୍ରୀ ଓ ସାହିତ୍ୟରେ ନୋବେଲ ପୁରସ୍କାର ବିଜେତା ଉଇନ୍‌ଷ୍ଟନ୍ ଚର୍ଚ୍ଚିଲ, ଫ୍ରାନ୍‌ସର ଡିଗଲ, ଚୀନର ମାଓ ସେ ତୁଙ୍ଗ ଓ ଇଣ୍ଡୋଚୀନର ହୋ ଚି ମିନ୍‌ଙ୍କ ଦୃଷ୍ଟାନ୍ତଏ ସମ୍ପର୍କରେ ଦିଆଯାଇପାରେ । ମାନବ ଜାତି, ସଭ୍ୟତା ପାଇଁ ସେମାନଙ୍କର ଅବଦାନ କିଛି କମ୍ ନୁହେଁ । ମଣିଷ ଚିନ୍ତାରାଜୀରେ ମଧ୍ୟ ସେମାନେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଥିଲେ । କିନ୍ତୁ ଦୁର୍ଭାଗ୍ୟର କଥା ଯେ ସେମାନେ ଯେପରି ବିଶ୍ୱବ୍ୟାପୀ ସ୍ୱୀକୃତି ପାଇବା କଥା ତାହା ପାଇ ନାହାନ୍ତି ।

କିନ୍ତୁ ଭାରତରେ ଗାନ୍ଧୀ ବହୁ ଦୂରକୁ ଅବହେଳିତ ଓ ଉପେକ୍ଷିତ ହେଉଥିଲେ ମଧ୍ୟ ତାଙ୍କ ନୂଆ ଭାବରେ ଆବିଷ୍କାର କରିବାର ପ୍ରକ୍ରିୟା ସାରା ଦୁନିଆରେ ଚାଲିଛି । ତାଙ୍କ ପରିଚୟ ଜଣେ କିମ୍ବଦନ୍ତୀ ପୁରୁଷ ଭିତରେ ଆଉ ସୀମିତ ରହିନାହିଁ । ଜଣେ ବିଶ୍ୱପ୍ରେମିକ, ମାନବ ପ୍ରେମୀ ଓ ଦାର୍ଶନିକ ଭାବରେ ସେ ସବୁଆଡ଼େ ସମ୍ମାନିତ ହେଉଛନ୍ତି । କିଛି କିଛି ବର୍ଷର ବ୍ୟବଧାନରେ ନୂଆ ନୂଆ ଗାନ୍ଧୀଙ୍କ ପରିଚୟ ପାଇ ସାରା ବିଶ୍ୱ ଚଳିତ ହୋଇଯାଇଛି । ଜୀବନ୍ତ ଗାନ୍ଧୀ ଓ ମରଣ ପରବର୍ତ୍ତୀ ଗାନ୍ଧୀଙ୍କର ମାନବ ସମାଜ ପାଇଁ ଅବଦାନର ନୂଆ ନୂଆ ଫର୍ଦ୍ଦ ଉନ୍ମୋଚିତ ହୋଇ ତାଙ୍କୁ 'ଗ୍ଲୋବାଲ ଗାନ୍ଧୀ'ରେ ପରିଣତ କରିହେଉଛି । ପରିସ୍ଥିତି ଓ ପରିବେଶକୁ ଚାହିଁ ତାଙ୍କ ଭିତରୁ ନୂତନ ଆଲୋକର ଅନୁସନ୍ଧାନ ମଣିଷ ଜାତି ବ୍ରତୀ ହୋଇଛି । ସେ ଯେପରି ହୋଇଯାଇଛନ୍ତି 'ପୋଟେବଲ୍ ଗାନ୍ଧୀ' ।

ଅନେକ ବେଗର ମୁକ୍ତିଦାତା ବା ଦେଶବାସୀଙ୍କୁ ନୂଆ ରାସ୍ତାରେ ଚଳାଇଥିବା ଅସାଧାରଣ ବ୍ୟକ୍ତିମାନଙ୍କ କଥା ଆଲୋଚନା କଲେ ଗୋଟିଏ କଥା ମନକୁ ଆସି ଯାଉଛି । ସେହି ସବୁ ଦେଶର ଲୋକେ ଯେଉଁ ଆଶା ନେଇ ସ୍ୱାଧୀନତା ଲାଭ କରିଥିଲେ, ନୂଆ ଦେଶର ଯେଉଁ ସ୍ୱପ୍ନ ସେମାନେ ଦେଖିଥିଲେ ନାନା କାରଣରୁ ସେହି ଆଶା ପୂରଣ ନ ହେଲେ ବା ନୈରାଶ୍ୟର ଗୋଟିଏ ବାତାବରଣ ସୃଷ୍ଟି ହେଲେ ସେମାନଙ୍କ ପ୍ରତି ଜନ ଅସନ୍ତୋଷ ବଢ଼େ ଏବଂ ସେମାନେ କ୍ରମେ ଲୋକପ୍ରିୟତା ହରାଇ ବସନ୍ତି । ଆଉ ଗୋଟିଏ ଦୃଷ୍ଟିରୁ ଯେଉଁ ମାନେ ନୂଆତତ୍ତ୍ୱ ବା ଆଦର୍ଶର ପ୍ରଚାର କରିଥାନ୍ତି ସେହି ଆଦର୍ଶ ନିନ୍ଦିତ ହୋଇଗଲେ ଏଗୁଡ଼ିକର ସ୍ରଷ୍ଟା ବା ପ୍ରଚାରକମାନେ ମଧ୍ୟ ଅଲୋଡ଼ା ହୋଇପଡ଼ନ୍ତି । ଲେନିନ, ଷ୍ଟାଲିନ୍ ଙ୍କ କ୍ଷେତ୍ରରେ ଏହା ଘଟିଲା । ବିଂଶ ଶତାବ୍ଦୀର ଶେଷ ଭାଗରେ ପୃଥିବୀର ଅନେକ ଦେଶରୁ କମ୍ୟୁନିଜିମ୍ ବା ସାମ୍ୟବାଦ ଅପସରି ଯିବା ପରେ ସେମାନଙ୍କର ଗୁରୁତ୍ୱ କମି ଆସିଲା । ପରିସ୍ଥିତି ଏପରି ହେଲା ଯେ ଋଷରେ ଷ୍ଟାଲିନ୍ ଓ ଲେନିନ୍‌ଙ୍କ ବିରୁଦ୍ଧରେ ଆନ୍ଦୋଳନ ସବୁ ଗଢ଼ି ଉଠିଲା । ଚୀନରେ ବିପ୍ଲବୀ ମାଓ ସେ ତୁଙ୍ଗଙ୍କର ମଧ୍ୟ ସେହି ଅବସ୍ଥା ହେଲା । ମାଓଙ୍କର ଶହ ଶହ ପ୍ରତିମୂର୍ତ୍ତିକୁ ଉତ୍ୟକ୍ତ ଲୋକେ ଧ୍ୱଂସ କରି ଦେଇ ମାଟିରେ ମିଶାଇ ଦେଲେ / ଯୁକ୍ତରାଷ୍ଟ୍ର ଆମେରିକାର ପ୍ରାଧାନ୍ୟ ବିଶ୍ୱରେ ହ୍ରାସ ହେବାରୁ ହେବାରୁ ରୁଜ୍‌ଭେଲ୍‌ଟ ବା ଆରଜେନ୍ ହୋରକ ଭଳି ନେତାମାନଙ୍କର ପ୍ରଭାବ ମଧ୍ୟ ହ୍ରାସ ପାଇଲା ।

ଗାନ୍ଧୀଙ୍କ କ୍ଷେତ୍ରରେ କିନ୍ତୁ ଏହାର ବ୍ୟତିକ୍ରମ ଘଟିଛି । କୌଣସି ଆଦର୍ଶର କାନ୍ଧ ଉପରେ ବସି ଆଗକୁ ଯାଉଥିବାରୁ ଏବଂ ତାଙ୍କ ବିଚାରରେ 'ଗାନ୍ଧିବାଦ' ବୋଲି କିଛି ତତ୍ତ୍ୱ ନଥିବାରୁ କୌଣସି ବଡ଼ ଧରଣର ପରିବର୍ତ୍ତନ ତାଙ୍କ ସୁନାମରେ ଆଂଚ ଆଣିପାରୁ ନାହିଁ । ୧୯୮୦ ଦଶକରୁ ବିଶ୍ୱର ଅନେକ ଦେଶରେ, ବିଶେଷତଃ

ପୂର୍ବ ଇଉରୋପ ରେ କମ୍ୟୁନିଷ୍ଟ ଶାସନର ଅବସାନ ଘଟି ଗଣତନ୍ତ୍ର ଶାସନ ପ୍ରତିଷ୍ଠା ହେଲା ପରେ ଲେନିନ୍, ଷ୍ଟାଲିନ୍ ଓ ମାଓ ସେମାନଙ୍କର ପୂର୍ବ ଗୁରୁତ୍ୱ ହରାଇବସିଲେ ।

ଆଉ ଗୋଟିଏ ଦୃଷ୍ଟିରୁ ଏ କଥାର ଆଲୋଚନା କରାଯାଇପାରେ । ବହୁ ଲୋକଙ୍କର ଧାରଣା ଯେ ମହାତ୍ମା ଗାନ୍ଧୀ ଯେ ବିରାଟତ୍ୱ ମୁକୁଟ ପିନ୍ଧି ପାରିଲେ ତାହାର ପ୍ରଧାନ କାରଣ ସେ ଏ ଦେଶକୁ ଇଂରେଜ ଶାସନରୁ ମୁକ୍ତ କରିଥିଲେ । ଭାରତର ଯେ ସେ ମୁକ୍ତିଦାତା ଓ ଜାତିର ଜନକ ଭାବରେ ସର୍ବଦା ସ୍ୱୀକୃତ ଓ ପୂଜ୍ୟ ଏଥିରେ ସନ୍ଦେହ ନାହିଁ । କାରଣ ତାଙ୍କ ନାମକୁ ସବୁବେଳେ ଆମ ସ୍ୱାଧୀନତା ସହିତ ଯୋଡ଼ିବାର କୌଣସି ଯୁକ୍ତିଯୁକ୍ତ କାରଣ ନାହିଁ । ଆମ ଦେଶ କେବେ ସ୍ୱାଧୀନ ହେବ ସେ ସମ୍ପର୍କରେ କିଛି ସଂକେତ ବା ନିଶ୍ଚିତତା ନଥିଲା ସେତେବେଳେ ମଧ୍ୟ ସେ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିପାରିଥିଲେ । ସତ୍ୟ ଓ ଅହିଂସାର ପୂଜାରୀ ଭାବରେ ଏବଂ ଶାନ୍ତିପୂର୍ଣ୍ଣ ପନ୍ଥାରେ ପରିବର୍ତ୍ତନ ଆଣିବାର ଦକ୍ଷତା ତାଙ୍କର ଥିଲା ।

ଗୋଟିଏ ଉଦାହରଣ କଥାଟିକୁ ସ୍ପଷ୍ଟ କରିଦେବ । ବିଂଶ ଶତାବ୍ଦୀର ଆରମ୍ଭରେ ରୋମାରୋଲାଁ ବିଶ୍ୱ ବିଦିତ ହୋଇଯାଇଥିଲେ । ସାହିତ୍ୟରେ ନୋବେଲ ପ୍ରାଇଜ ପାଇବା ପରେ ତାଙ୍କର ପ୍ରସିଦ୍ଧି ଆହୁରି ବଢ଼ିଯାଇଥିଲା । ଜଣେ ଇଂରେଜ ଆଡ଼ମିରାଲଙ୍କ କନ୍ୟା ମାଡେଲିନ୍ ସ୍ଲେଜ୍ ଥରେ ରୋଲାଙ୍କୁ ଖେଦ ଅନୁରୋଧ କଲେ, ଏପରି କିଛି ପନ୍ଥା ମୋତେ କୁହନ୍ତୁ ଯାହାକୁ ଅନୁସରଣ କଲେ ମୁଁ ଜୀବନରେ ନୂଆ ଆଲୋକର ସନ୍ଧାନ ପାଇପାରିବି । ଲେଖକ ସେହି ଯୁବତୀକୁ ଗୋଟିଏ ଛୋଟ ବହି ଦେଖାଇ ସେଥିରେ ଥିବା ଛବିକୁ ସେ ଜାଣନ୍ତିକି ବୋଲିସେ ପ୍ରଶ୍ନ କରିଥିଲେ । ସେ କିନ୍ତୁ କହିପାରିଲେ ନାହିଁ । ବହିଟିର ନାମ ଥିଲା 'ମହାତ୍ମା ଗାନ୍ଧୀ' । ଲେଖକ ତାଙ୍କୁ କହିଲେ, ଭାରତରେ ରହୁଥିବା ଏହି ସାଧାରଣ ଲୋକଟି ପାଖକୁ ଯାଅ । ସେ ତୁମକୁ ନୂଆ ବାଟର ସନ୍ଧାନ ଦେଇପାରିବେ । ତାଙ୍କ ନାମ ମହାତ୍ମାଗାନ୍ଧୀ । ତାଙ୍କୁ ତୁମେ କହି ପାର । ଆଉ ଜଣେ ଯୀଶୁଖ୍ରୀଷ୍ଟ; ତାହାର ବର୍ଷକ ପରେ ସେହି ଯୁବତୀ ଭାରତ ଆସି ଗାନ୍ଧୀଙ୍କ ଆଶ୍ରମରେ ପହଂଚିଲେ । ଗାନ୍ଧୀ ତାଙ୍କ ନାମ ରଖିଲେ ମୀରାବେନ୍ । ୧୯୨୦ ରେ ଆମେରିକାର ଜଣେ ସମ୍ମାନିତ ପାଦ୍ରୀ ରେଭରେଣ୍ଡ ହୋମ୍ସ । ଚର୍ଚ୍ଚରେ ପ୍ରାର୍ଥନା ପରେ ସମବେତ ଶ୍ରଦ୍ଧାଳୁଙ୍କୁ ସେ ପ୍ରଶ୍ନ କଲେ- ବିଂଶ ଶତାବ୍ଦୀର ଶ୍ରେଷ୍ଠ ବ୍ୟକ୍ତି କିଏ ? କିଏ ଲେନିନ୍ କହିଲାବେଳେ ଆଉ କେହି ଷ୍ଟାଲିନ୍ ତ ଆଉ କେହି ଟଲଷ୍ଟୟ ଓ ରୋମାରୋଲାଙ୍କ କଥା କହିଲେ । ଶେଷକୁ ପାଦ୍ରୀ କହିଲେ- ସେ ହେଉଛନ୍ତି ଭାରତରେ ବାସ କରୁଥିବା ଜଣେ ଅଳ୍ପ ଜଣାଶୁଣା ଆନ୍ଦୋଳନ କାରୀ । ତାଙ୍କ ନାମ ମୋହନ ଦାସ କରମ ଚାନ୍ଦ ଗାନ୍ଧୀ ।

୧୯୨୦ ଦଶକ ପରେ ମହାତ୍ମାଙ୍କ ଖ୍ୟାତି ସାରା ଦୁନିଆରେ ପ୍ରଚାରିତ ହେବାରେ ଲାଗିଲା । ସେତେବେଳକୁ(୧୯୦୯) ତାଙ୍କ ହିନ୍ଦ୍ ସ୍ୱରାଜ ବହି ପ୍ରକାଶ ପାଇ ସାରିଥାଏ । ଗୋଖିଲେ ବା ନେହେରୁଙ୍କ ପରି ବାପୁଜୀଙ୍କର ଅତି ପ୍ରିୟ ନେତାମାନେ ଏହାର ବିଷୟବସ୍ତୁକୁ ସମାଲୋଚନା କରୁଥିଲେ ମଧ୍ୟ ବିଶ୍ୱର ଅନ୍ୟ ଅଂଶରେ ରହୁଥିବା ବହୁ ପ୍ରସିଦ୍ଧ ଗବେଷକ, ପଣ୍ଡିତ, ଲେଖକ, ଭାବୁକ ଓ ବୈଜ୍ଞାନିକ ଏହାର ଭୂୟସୀ ପ୍ରଶଂସା କଲେ । ପ୍ରଖ୍ୟାତ ଚିନ୍ତାନାୟକ ଜି.ଡି.ଏଚ୍ କୋଲ କହି ଉଠିଲେ, ଦାର୍ଶନିକ ରୁଷୋଙ୍କ କାଳଜୟୀ ପୁସ୍ତକ (ସୋସିଆଲ କଂଟ୍ରାକ୍ଟ) ଠାରୁ 'ହିନ୍ଦ ସ୍ୱରାଜ' ଉତ୍କୃଷ୍ଟ । ବିଶ୍ୱପ୍ରସିଦ୍ଧ ବୈଜ୍ଞାନିକ ଆଇନଷ୍ଟାଇନ୍ ଙ୍କ ଦୃଷ୍ଟି ସେତେବେଳକୁ ଗାନ୍ଧୀଙ୍କ ଉପରେ ପଡ଼ିଲାଣି । ତାଙ୍କ ମତରେ, ସାରା ବିଶ୍ୱର ଦାର୍ଶନିକ ଶକ୍ତି ବିରୋଧରେ କେବଳ ନୈତିକ ଓ ଆଧ୍ୟାତ୍ମିକ ଶକ୍ତିକୁ ପୁଞ୍ଜି କରି ଏଇ ମଣିଷଟି ଈଶ୍ୱରଙ୍କର ଗୋଟିଏ ବିସ୍ମୟଙ୍କର ସୃଷ୍ଟି । ୧୯୩୮ରେ ଗାନ୍ଧୀଙ୍କର ୫୦ ତମ ଜୟନ୍ତୀ ଉପଲକ୍ଷେ ଡକ୍ଟର ରାଧାକୃଷ୍ଣନ୍ ଙ୍କ ଦ୍ୱାରା ଗୋଟିଏ ଗ୍ରନ୍ଥ ପ୍ରକାଶିତ ହୋଇଥିଲା । ସେଥିରେ ବିଶ୍ୱର ବହୁ ବିଦ୍ୱାନ ମତ ପ୍ରକାଶ କରିଥିଲେ ଯେ ଅହିଂସା ତଥ୍ୟକୁ ବ୍ୟକ୍ତିଗତ ସ୍ତରରୁ ନେଇ ସାରା ଦେଶର କୋଟି କୋଟି ଲୋକଙ୍କ ପାଖରେ ପହଂଚାଇବାର ସାମର୍ଥ୍ୟ ବା ଶକ୍ତି ଗାନ୍ଧୀଙ୍କର ଥିବାରୁ ତାଙ୍କୁ ମଣିଷଜାତି ସବୁବେଳେ ଶ୍ରଦ୍ଧାର ସହିତ ମନେ ରଖିବ । ବୁଦ୍ଧଦେବଙ୍କ ପରେ କୋଟି କୋଟି ଲୋକଙ୍କର ହୃଦୟକୁ ଛୁଇଁବାର ପ୍ରୟାସ ଗାନ୍ଧୀଜୀ ହିଁ କରିଥିଲେ ଲବଣ ସତ୍ୟାଗ୍ରହ (ଆଇନ୍ ଅମାନ୍ୟ ଆନ୍ଦୋଳନ) ପରେ ଗାନ୍ଧୀଙ୍କର ଯଶ ଏପରି ଦିଗନ୍ତ ବିସ୍ତାରୀ ହୋଇ ଗଲା ଯେ ପ୍ରସିଦ୍ଧ ନାଟ୍ୟକାର ଜର୍ଜ ବର୍ଣ୍ଣାଡ଼୍'ଶଙ୍କୁ ଯେତେ ବେଳେ ପ୍ରଶ୍ନ ହେଲା, ଗାନ୍ଧୀଙ୍କ ସମ୍ପର୍କରେ ଆପଣଙ୍କର ଧାରଣା କ'ଣ ସେ ଟିକିଏ ହସି ଉତ୍ତର ରଖିଲେ- ତୁମେ ମୋତେ ଯଦି ପଚାର ହିମାଳୟ ସମ୍ପର୍କରେ ମୋର ଧାରଣା କ'ଣ ଏହାର ଯେପରି ସଠିକ୍ ଉତ୍ତର କିଛି ଦେଇ ପାରିବି ନାହିଁ, ଏହି ପ୍ରଶ୍ନଟିର ଉତ୍ତର ଦେବା ମଧ୍ୟ ସେହି ପରି କଷ୍ଟକର ।

ସଂପାଦକ, ଜ୍ଞାନମଣ୍ଡଳ
ଫାଉଣ୍ଡେସନ୍, ଭୁବନେଶ୍ୱର

## ଥିଲା ଜଣେ ପଡ଼ୋଶୀ

- ଦିପୁନ୍ ପୁହାଣ

ଶାବୀ ବୁଢ଼ୀ ଶୋଇଛି । ଉଁ ନାହିଁ କି ଗୁଁ ନାହିଁ । ମାଣ୍ଡିଟା ସାମାନ୍ୟ ମୁଣ୍ଡ ଉପରକୁ ଘୁଂଚି ଯାଇଛି । ଚିରା କଂଥଟା ଗୋଟେ କରିଆ ହୋଇ ଦଉଡ଼ିଆଖଟରୁ ଫାଳେ ତଳକୁ ଖସି ଯାଇଛି । ହାଡୁଆ ଦିହଟାକୁ ଆବୁରୁ ଯାବୁରୁ କରି ଗୁଡ଼େଇ, ରଖିବବା ଶାଢ଼ୀଟା ଛାତି ଉପରୁ ତଳକୁ ଖସି ଯାଇଛି । ଚମ ଧୁଡୁ ଧୁଡୁ ଦେହରୁ ମାଂସଳ ଲୁଗା । ବାଁ ଗୋଡ଼ରେ ପଟି ଗୁଡ଼ା ହୋଇଛି । ଖଟ ଗୋଡ଼କୁ ଲାଗି ଔଷଧ ଶିଶି, ତାଟିଆ ପାଣିଲୋଟା ଓ ଭୂଇଁରେ ଗଡୁଥିବା ଷ୍ଟିଲ ଗିଲାସ, ସବୁଠି ମାଛି ଭଣଭଣ । ଶାବୀବୁଢ଼ୀର ପଟି ଗୁଡ଼ା ହୋଇଥିବା ଗୋଡ଼ରେ, ଶାବୀ ବୁଢ଼ୀର ମୁହଁରେ ହାତରେ ପେଟରେ ଜଂଘରେ ସବୁଠି ମାଛି ମାଛି ମାଛି । ହେଲେ ବି ଶାବୀ ବୁଢ଼ୀ ଶୋଇଛି । ଉଁ ନାହିଁ କି ଚୁଁ ନାହିଁ ।

ହେ ! ତାକୁ ଉଠାଅନି । ବରଂ ସେ ସେମିତି ଶୋଇଥାଉ । ଆଉକିଛି ଘଣ୍ଟା କିଛିଦିନ କିଛି ମାସ, କିଛି ବର୍ଷ ଯୁଗ ପରେ ଯୁଗ, ବରଂ ଶାନ୍ତିରେ । ସେ ବୁଢ଼ୀକୁ ଶୋଇବାକୁ ଦିଅ ଶାଲୀ ବୁଢ଼ୀ କମ ହଇରାଣ ନକରିଛି ଏଇ କିଛିଦିନ ହେବ । ସାହିଟା ଯାକର ସବୁ ଲୋକଙ୍କ ନାକରେ ପାଣି ପିଏଇ ଛାଡ଼ିଛି । ଆଗରୁ ତ ଯାହା ଯେମିତି ବୁଢ଼ୀଟାକୁ ଚଳାଇ ଆସୁଥିଲୁ, ହେଲେ ଗୋଡ଼ଟା ଭାଙ୍ଗି ଗଲାଦିନୁ ବୁଢ଼ୀର ଉତ୍ପାତ ଅସହ୍ୟ ହୋଇ ପଡ଼ିଛି । ନାଁ ନିଜେ ଶୋଉଛି ନାଁ କାହାକୁ ଶୁଏଇ ଦୋଉଛି । ରାତି ଟିକେ ଗଡ଼ିଗଲେ ଯେତେବେଳେ ସାହିଟା ଯାକର ଲୋକଘରର ପାଇଟି ସବୁ ସାରି ଖାଇ ପି ଶୋଇବାକୁ ଯାଉଥିଲେ ଆଉ ସାହୀଖଣ୍ଡଟାରୁ ଗହଳ ଚହଳ କ୍ରମେ ନିଶ୍ଚିହ୍ନ ହେବାକୁ ବସୁଥିଲା ଠିକ୍ ସେତିକି ବେଳେ ଆରମ୍ଭ ହୋଇ ଯାଉଥିଲା । ଏ ବୁଢ଼ୀର ବାହୁନି ବାହୁନି କାନ୍ଦିବା । ପୁଅ ପାଖକୁ ଯିବ ବୋଲି କହି ଭାଁ ଭାଁ ରଡ଼ି କରି ଫଟାଉଥିଲା ବୁଢ଼ୀ ।

ମୋ ଝିଅ ନିବୁ । ଗୋକୁଳି ବାବୁଙ୍କ ପୁଅ ସୁବ୍ରତ ଆଉ ସେପଟେ ଶାନ୍ତି ନାନୀର ଭଣଜା ରାଜୁ, ତିନି ଜଣଙ୍କ ମୁଣ୍ଡ ଉପରେ ପରୀକ୍ଷାର ଭାର । ଆଉ ଦିନ ଚାରିଟା ରହିଲା ଯୁକ୍ତ ଦୁଇ ପରୀକ୍ଷା । ତା ଛଡ଼ା ରାତି ପାହିଲେ ଦିନ ଦଶଟାରେ ମୋ ଅଫିସ୍ । ରାଉତ ବାବୁଙ୍କ ସ୍କୁଲ ଆଉ ବିନୋଦର ଷ୍ଟୁଡ଼ିଓ । ଦିନଯାକ କାମ କରି କରି ଥକି ପଡ଼ିଥିବା ମୋ ଘରଣୀ ଜୟଶ୍ରୀ । ସେପଟେ ମିସେସ୍ ସୁନୀତା । ମିସେସ୍ ଜଳୀ, ବିମଳା ଭାଉଜ ଆହୁରି ଯେତେ ଯୁଏ । ସାହିଟା ଯାକର ସଭିଙ୍କର ଟିକେ ସୁଖ ନିଦ୍ରା ଲୋଡ଼ା । ରାତିଟା ଟିକେ ଶାନ୍ତିରେ ଶୋଇଗଲେ ସକାଳୁ ଯେଝା ଜଂଜାଳରେ ଯିଏ । ହେଲେ ଏ ବୁଢ଼ୀ କ'ଣ ସେତକ କରାଇ ଦେଉଥିଲା ?

ତୁମେମାନେ କହିବ ବୁଢ଼ୀ ଲୋକ, ନିଆଶ୍ରୀ ଲୋକ । ତାର କ'ଣ ଗୋଟେ ଦୋଷ ଧରୁଛ ? ହେଲେ ତୁମେମାନେ କ'ଣ ଜାଣିଛ ସେ ବୁଢ଼ୀ ଧୀରେ ଶୁଣେ ? ଏଇ ଶାବୀ ବୁଢ଼ୀ ତାର କଣ କମ୍ ବହପ ? ଦିହ ଭଲ ଥିଲାବେଳେ ସେ କଣ ଇନ୍ଦ୍ରଚନ୍ଦ୍ର ମାନୁଥିଲା ? କଣ୍ଟାବାଡ଼ରେ ଲୁଗା ପକାଇ ଗାଳିଦେବାକୁ ଟାକି ବସିଥିବ । କେଡ଼େ ବଡ଼ ବାରି । ଶହେରୁ ଅଧିକ ନଡ଼ିଆଗଛ, ପଣସ, ଗୁଆ, ପିଜୁଳି, ଆମ୍ବ ଗଛରେ ଭର୍ତ୍ତି । କମଳା, ଲେମ୍ବୁ, ଡାଳିମ୍ବ ଠୁ ଆରମ୍ଭ କରି ଶାଗ ଗଛ ଯାଏ କଣ ନ ଫଳେଇଛି ବୁଢ଼ୀ ? ହେଲେ ଯଦି କିଏ ହାତପାତି ମାଗିଦେଲା କଦଳୀଟାଏ କି ଆମ୍ବ ଟାଏ ସେତେବେଳେ ବୁଢ଼ୀର ମୁହଁକୁ ଦେଖିବାର କଥା । ଏମିତି ମୁହଁ କରିବ ଯେମିତି କିଏ ତାର ଶହେ ଷାଠିଏ ଖାଇଗଲା । ଆଉ ତ ଆଉ ଥରେ ଦିପହରେ ମୋ ଶାଶୁ ଶଶୁର ଆସିଥିଲେ ଘରକୁ । ଘରେ ସର୍ବତ୍ ଟିକେ ବନାଇବା ପାଇଁ ଲେମ୍ବୁଟାଏ ନଥାଏ ବୋଲି ପୁଅ ମଣ୍ଟୁକୁ ପଠାଇଲି ଶାବୀ ବୁଢ଼ୀ ପାଖକୁ । ଶାବୀବୁଢ଼ୀ ମୁହେଁ ମୁହେଁ ମନା କରିଦେଲା । କଣ ନା ଆଗ ପଇସା ଦିଅ ତା ପରେ ଯାହା । ମୁଁ କଣ ପଇସା ଦେଇନଥାନ୍ତି । ନାଁ ଘର ଭାଙ୍ଗିକି କୁଆଡ଼େ ପଳାଉଥିଲି । ଶାଲୀ ବୁଢ଼ୀର ନାକ ଆସି ତଳେ ଲାଗିଲାଣି ହେଲେ ଲୋଭ ଛାଡୁନି ।

ଯାହାବି ହାରି ଗୁହାରି । ଭଲମନ୍ଦ ହେବ ଆସି ଅଧିଆ ପଡ଼ିବ ମୋରି ଦୁଆରେ । ହେଲେ ଦେବା ବେଳକୁ କିଛି ବୋଲି କିଛି ନାହିଁ । ଶାବୀବୁଢ଼ୀର ପୁଅବୋହୂ ରହନ୍ତି ଭୁବନେଶ୍ୱରରେ । ବୁଢ଼ୀ ମଲା କି ଗଲା ପଚାରିବାର ନାହିଁ କି କେବେ ଥରୁଟିଏ ଗାଁ ଆଡ଼େ ଆସି ବୁଢ଼ୀଟାକୁ ଦେଖିଯିବାକୁ ମନଡାକେ ନାହିଁ । ହେଲେ ଏ ନିଲଠି ବୁଢ଼ୀ ହପ୍ତାକୁ ଥରେ ଧାଇଁ ଆସିବ ମୋରି ପିଣ୍ଡାକୁ । କେଡ଼େ କାକୁତି ମିନତୀ ନହେବ ସତେ । ମୋତେ ଦେଖିଲା ମାତ୍ରେ କହିଉଠିବ ।

"ବାବା ଚଇତନ ସପ୍ତାହେ ହେଲା ପୁଅଟା ସହ କଥା ହେଇନି । ଟିକେ କଥା କରେଇ ଦେ । ଭଗବାନ ତୋର ମଙ୍ଗଳ କରିବେ ।" ମଙ୍ଗଳ ନା ଛତୁ । ମୁଁ ବି ବୁଢ଼ୀକୁ ରୋକଠୋକ୍ କହି ଦେଇଛି ପୁଅ ସହ କଥା ହେଲେ ହୋ ମନାନାହିଁ । ହେଲେ ମୋବାଇଲ ତଆଉ ପାଣିରେ ଚାଲୁନି । ମୋବାଇଲରେ କଥା ହେବାକୁ ହେଲେ ତା ବାବଦକୁ ଟଙ୍କା ଦେବାକୁ ପଡ଼ିବ ।

କିନ୍ତୁ ବୁଢ଼ୀର ସେଥିରେ ହେଲାନାହିଁ । ସବୁ ରବିବାର ଦିପହର ବେଳକୁ ଟଙ୍କା ପଚାଶଟି ହାତରେ ଧରି ଆସି ମୋ ଦୁଆର ମୁହଁରେ ହାଜର । ହେଲେ ସେଦିନ କଣ ହେଲା ଜାଣିଛ ? ପୁଅ ସହ କଥା ହେବ ବୋଲି ଭଂଗା ଗୋଡ଼ରେ ଘୋଷାରି ମୋସାରି ହେଇ ଆସି ପହଂଚିଗଲା ମୋ ଘରେ । ଏ ହେ ! କି ଅପରିଷ୍କାର ଅପରିଚ୍ଛନ୍ନିଆ ବୁଢ଼ୀଟା ସତେ । ଦିହରେ ଶାଢ଼ୀ ନାହିଁ, ମୁଣ୍ଡ ବାଳ ଆଲୁରୁ ବାଲୁରୁ । ଦିହଯାକ ଗୋଟାପଣି ଧୂଳିରେ ଯୁଡୁବୁଡୁ । ମାଛି ଭଣ ଭଣ । ଦିହଟା ଯାକର କିମିତିଆ ଗୋଟେ ବିଚିକିଚିଆ ଗଂଧ ବାହାରୁଛି । କୁହା ନାହିଁ ବୋଲା ନାହିଁ ଦୁଆର ବଂଧ ହେଇଁ ସିଧା ପଶି ଆସିଲା ମୋ ଘର ଭିତରକୁ ।

ମୁଁ ମୋ ଘରଣୀ । ଝିଅ ନିବୁ, ପୁଅ ମଣ୍ଟୁ ସବୁ ଏକାଠି ଖାଇ ବସିଥାଉ । ବୁଢ଼ୀର ଏ ଅବସ୍ଥା ଦେଖି ନିବୁଟା ମୋର ଖାଇବାପାଖରୁ ଉଠିଯାଇ ଭକ୍‌ଭକ୍ କରି ବାନ୍ତି କଲା ବେସିନରେ । କେତେ ଭଲ ଖାଇବାଟା ମୋର ନଷ୍ଟ ହୋଇଗଲା ସେଇ ବୁଢ଼ୀ ପାଇଁ । ସେହିଦିନ ବୁଢ଼ୀକୁ ମୁଁ ସଂଯତ କରି କହିଥିଲି – "ଦେଖ ବୁଢ଼ୀ ଆଜି ତତେ ଶେଷଥର ପାଇଁ ହୁସିଆର କରି କହୁଛି ତୁ ଆଉ ଏମିତି ଘୋଷାରି ମୋସାରି ଦେଇ ମୋ ଘରକୁ ଆସିବୁନି । ନହେଲେ ଗୋଇଠା ମାରି ଘରୁ ବିଦା କରି ଦେବି । ବେଶି ଗୋଟେ ପୁଅ ସୁଆଗ ଦେଖେଇ ହେଉଛି ।

ସୁରୁଜାଟା ବି କେମିତିକା ପୁଅ କେଜାଣି । ମାର ଗୋଡ଼ ଭାଙ୍ଗି ଦି'ମାସ ହେଲା ପଡ଼ିଛି । ଦେଖା ନାହିଁ କି ବୁଝା ନାହିଁ । ଫୋନ୍ କଲାରୁ କହୁଛି ଚଇତନ ମଉସା ଯାହା ଟଙ୍କା ଦରକାର ମୁଁ ଦେବି ମୋ ବୋଉ କଥା ଟିକେ ବୁଝୁଥାଅ । ମୁଁ ଟିକେ କାର୍ଯ୍ୟବ୍ୟସ୍ତରେ ଯାଇପାରୁନି । ଯିବି ଖୁବ୍ ଶୀଘ୍ର । ମୋ ବୋଉର ଦେଖାଚାହାଁ ପାଇଁ ଗୋଟେ ଲୋକଟେ ତା ପାଖକୁ ରଖିଦିଅ । ମୁଁ ତୁମକୁ ବୋଉର ଖର୍ଚ୍ଚ ବାବଦକୁ ମାସକୁ ୫୦,୦୦୦ ଟଙ୍କା ପଠେଇ ଦେଉଛି ।"

ହଁ ଗୋଟେ ରକମ ଦେଖିବାକୁ ଗଲେ ସୁରୁଜଟା ଭିତରେ ଟିକେ ମଣିଷ ପଣିଆ ଅଛି । ଭୁବନେଶ୍ୱରରେ ରହିଲାଦିନୁ ମୋ ଆକାଉଣ୍ଟକୁ । ଆଉ ଏ ଦୁଇମାସ ହେଲା ପଚାଶ ହଜାର ଲେଖାଏଁ ପଠାଇଦେଉଛି ବୋଲି ସିନା ମୁଁ ନୂଆଘର ତିଆରି ବେଳେ ଯୋଉ କରଜ କରିଥିଲି ତାକୁ ସୁଝିବାକୁ ଅଣ୍ଟା ଭିଡ଼ିଛି । ନହେଲେ ମୋର ଯୁ କାହିଁ ଯେ ଚାକିରୀ ଖଣ୍ଡକରୁ ଯୋଉ ଦରମା ଗଣ୍ଡାକ ମିଳୁଛି ସେତିକିରେ ପରିବାର ଚଳାଇ ଏତେ ଗୁଡ଼ାଏ କରଜ ସୁଝି ପାରିଥାନ୍ତି ? ହଁ ବୁଢ଼ୀର ଖର୍ଚ୍ଚବାବଦକୁ ପୁଣି ମାସକୁ ହଜାରେ ଟଙ୍କା ଲେଖା ବୁଢ଼ୀକୁ ଦେବାକୁ ପଡ଼େ । ହେଲେ ଦେଖ ! ସେତିକି ଟଙ୍କା ବି ସେ ବୁଢ଼ୀକୁ ନିଅଣ୍ଟ ପଡୁଛି । ବାଡ଼ି ବଗିଚାରେ ନଡ଼ିଆ ଆମ୍ବ, ପଣସ, ଲେମ୍ବୁ, କମଳା ଯାହାବି ଫଳିବ ତାକୁ ବିକ୍ରି କରି ଟଙ୍କା ସଂଚିବ । ବର୍ଷକୁ ଥରେ ଦାନ ଅମଳ କରି ସବୁତକ ବିକ୍ରିକରି ଯାା ଯେତିକି ଟଙ୍କା ହେବ ସବୁତକ ରୁଣ୍ଡ କରି ଆଣି ପହଞ୍ଚିବ ମୋରି ପାଖରେ । କହିବି ଏ ଟଙ୍କା ତମ ପୁଅ ସୁରୁଜା ପାଖକୁ ପଠେଇଦେ । ଭୁବନେଶ୍ୱର ଗାଁରେ ପୁଅଟା ମୋର କେମିତି ଚଳୁଥିବ କେଜାଣି ? ହେଲେ ଏ ବୁଢ଼ୀ କଣ ବୁଝେ ଯେ ତା ପୁଅର ଚଳଣି ଠାରୁ ବେଶି ଶୋଚନ ଅବସ୍ଥାରେ ମୁଁ ମୋ ପରିବାରକୁ ଚଳଉଛି ବୋଲି ।

ବୁଢ଼ୀ ଗୁହାଳକୁ ପାଂଚହାତ ଉଂଚା କାଳୀଗାଇ ପଟେ ବେସମାନେ । ଗାଇଟାର ଖୀର ଖୁବ୍ ମିଠା । ମାଣେ ଖୀରରେ ଦିମାଣ ପାଣି ମିଶେଇ ଦେଲେ ବି ଜଣା ପଡ଼େନି । ଗଉଡ଼ ହାତରେ ନିତି ସକାଳ ସଂଜେ ଗାଈ ଦୁହିଁବା ଆଉ ଗଉଡ଼କୁ ପାଉଣା ବାବଦକୁ ମାଣେ କ୍ଷୀର ଦେଇ ବାକି ସବୁତକ ବିକ୍ରି କରି ଦେଉଥିଲା ବୁଢ଼ୀ । କହନ୍ତିନି ଅତି ଲୋଭରୁ ମୃତ୍ୟୁ ବୋଲି । ଏଣେ ଧନ ସଂଚି ସଂଚି କଣ ସରଗକୁ ନେଇଥାନ୍ତା ବୁଢ଼ୀ । ସେଦିନ ଗାଇ ଦୁହିଁଲାବଳେ ଓଲେଇ ଗାଇଟା ପଘା ଘୋଷାରି ନେଲା । ଯେ ବୁଢ଼ୀଟାର ଗୋଡ଼ ମୋଡ଼ିହୋଇ ଲଥକିନା ପଡ଼ିଗଲା ତଳେ । ଥିଲା ଥିଲା ଦୁଷ୍ଟ ଗାଈଟା ଚଢ଼ିଗଲା ବୁଢ଼ୀର ଗୋଡ଼ ଉପରେ । ହାଃ କି ଛଟପଟ ନହେଇଛି ବୁଢ଼ୀଟା ସତେ । ଯୋଗକୁ ମୁଁ ଥିଲି ବୋଲି ସିନା, ସାଂଗେ ସାଂଗେ ମୋ ସ୍କୁଟରରେ ବସାଇ ବୁଢ଼ୀକୁ ହସପିଟାଲକୁ ନେଇଗଲି । ନହେଲେ ଏ ସାହିଟା ଯାକ ଏମିତି କୋଉ ମଣିଷଟା ଅଛି ଶୁଣେ, ଯିଏ ତାକୁ ଏ ଅବସ୍ଥାରେ ସାହା ହୋଇଥାନ୍ତା ହଁ ପରେ ଲୋକ ଦେଖାଣିଆ ଆଃ, ଚୁ,ଚୁ

କହି କୁମ୍ଭୀର କାନ୍ଦଣା କାନ୍ଦିବା କଳାଟା ବେଶ୍ ଜଣା ଏହି ଲୋକମାନଙ୍କୁ । ମୁଁ ନଥିଲେ କଣ ଯେ ହେଇଥାନ୍ତା । ହେଲା ସବୁ ଗଲା ମୋହରି ମୁଣ୍ଡକୁ । ହଁ ପୁଅ ସୁରୁଜା ପାଖକୁ ଖବରଟା ଗଲାରୁ ସେ କିଛି ଟଙ୍କା ପଠାଇଥିଲା ସତ ମାତ୍ର ଟଙ୍କା ଟାଣ ବଡ଼ କଥା ନୁହେଁ ବଡ଼ କଥା ହେଲା ବୁଢ଼ୀର ଦାୟିତ୍ୱ ନେବା, ସେବା ଯତ୍ନ କରିବା । ବୁଢ଼ୀଟା ମେଡ଼ିକାଲରୁ ଫେରିବାପରେ କମ୍ ହଇରାଣ ନହେଇଛି ମୁଁ । ଖାଇବା ପିଇବା ଠାରୁ ଆରମ୍ଭ କରି ସୌଚ ହେବା ଯାଏ କେତେ ସେବା ଯତ୍ନ ମୁଁ ନ କରିଛି ସତେ । ହେଲେ ଏ ବୁଢ଼ୀ କଣ ସେସବୁର ମୂଲ୍ୟ ବୁଝିଲା ? କାଲି ରାତିରେ ଏ ବୁଢ଼ୀକୁ କେତେ ସଲା ସୁତରା କଲି କେତେ ନେହୁରା ହେଲି ଗାଁ ମୁଣ୍ଡ ପଶିରେ ଯୋଉଁ ବାରଏକାର ଜମି ଅଛି ତାକୁ ମୋ ନାଁରେ କରିଦେବା ପାଇଁ । ହେଲେ ଏ ବୁଢ଼ୀ କଣ ଶୁଣିଲା ? ଏତେ ଲୋଭୀ ବୁଢ଼ୀ ମୁଁ ମୋ ବୁନିଆଦିରେ ଦେଖିନି । ଛାଡ଼ ! ଯିଏ ଯାହା ହେବ ତା ନିଜ ପାଇଁ ମୋର କ'ଣ ଯାଉଛି ?

କାଲି ରାତିରୁ ବୁଢ଼ୀ ଶୋଇଛି ଯେ ଦିନ ଆସି ଦି ପହର ହେଲାଣି ଉଠିବାର ନାଁ ନେଉନି । ଲୋକ ସବୁ ଜଣେ ପରେ ଜଣେ ଆସି ରୁଣ୍ଡ ହେଲେଣି । କାନ୍ଦବୋବାଳୀ ପଡ଼ିଲାଣି । ଶାବୀ ବୁଢ଼ୀ ଆଉ ଏ ଦୁନିଆରେ ନାହିଁ ବୋଲି ପୁଅ ସୁରୁଜା ପାଖକୁ ଗୋକୁଳି ବାବୁ ଫୋନ୍‌ଯୋଗେ ଜଣାଇ ସାରିଲେଣି । ହେଲେ ଏ କ'ଣ ବୁଢ଼ୀର ଖଟତଳେ ଗଡୁଥିବା ଔଷଧ ଶିଶିଟାକୁ ଉଠାଇ ଆଣି ସେଥିରେ କଣ ଗୋଟେ ମିଶିଛି ବୋଲି ମିଶ୍ରବାବୁ ଚିଲ୍ଲାଇ ଚିଲ୍ଲାଇ କହୁଛନ୍ତି କାହିଁକି ? ହେଇତ ବିମଳା ଭାଉଜ ଶାବୀ ବୁଢ଼ୀର ଡାହାଣ ହାତ ବୁଢ଼ା ଆଙ୍ଗୁଳି ଟିପାଇ ଲାଗିଥିବା କାଳିଦାସକୁ ନିଠେଇ ନିଠେଇ ଦେଖୁଛନ୍ତି ।
ହେ ଭଗବାନ ! ଏବେ ମୋର କ'ଣ ଯେ ହେବ ?

ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର ।

# ମାତୃଭାଷା ମୋ ପରିଚୟ


- ମାନସ ରଞ୍ଜନ ପଟ୍ଟନାୟକ

ସାହିତ୍ୟ ଯାହାର ଅର୍ଥ ମାତୃଭାଷା, ସେ ସମସ୍ତଙ୍କ ପାଇଁ ଦମାତୃ ସଦୃଶ ପ୍ରତୀୟମାନ । ଆମେ ଯେଉଁଠି ରହିଲେ ମଧ୍ୟ ଯେଉଁ ପ୍ରାନ୍ତରରେ ବାସ କଲେ ମଧ୍ୟ ଆମେ ଆମ ମା'କୁ ଯେପରି ଭୁଲିନଥାଉ ଠିକ୍ ସେପରି ମୃତଭାଷାକୁ ଆମେ ସର୍ବଦା ଉଚ୍ଚରେ ରଖିବା ସେଥିପାଇଁ ଧାଡ଼ିଏ ଗାଇ ଗଲେ କବି "ଉଚ୍ଚ ହେବା ପାଇଁ ଯେବେ କର ଆଶା ଉଚ୍ଚ କର ଆଗ ନିଜ ମାତୃଭାଷା ।" ସେହି ସ୍ୱଭାବ କବିଙ୍କ ଭାଷାରେ ମାତୃଭୂମି ମାତୃଭାଷାର ମମତା ଯାହୃଦେ ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଗଣରେ ଗଣଇବା ଅଜ୍ଞାନୀ ରହିବେ କାହିଁ? କ'ଣ ପାଇଁ ଦୁର୍ବଳ ହୋଇଆସୁଛି ଆମ ଭାଷା ? କଣ ପାଇଁ ରଚନା ହୋଇ ପାରୁନି କାଳଜୟୀ କାବ୍ୟ କବିତା ? ବିଭିନ୍ନ ପ୍ରକାର ପର୍ବ ଦେଇ ଆମ ଓଡ଼ିଆ ସାହିତ୍ୟ ଗତିଶୀଳ ତଥାପି ଲୋକାଦୃତ ହେବାରୁ ବଂଚିତ ବର୍ତ୍ତମାନ ପୀଢ଼ିର ସାହିତ୍ୟିକ/ସାହିତ୍ୟିକା ମାନଙ୍କ ଗ୍ରନ୍ଥ । କିଛି ଧାଡ଼ି ଲେଖିଦେଲେ ଯେ ଗାଳ୍ପିକ ହୋଇଯିବା ? ଏହର ଉଚିତ ବିଶ୍ଳେଷଣ ଆବଶ୍ୟକ ....ମହଲରେ । ଶ୍ରଦ୍ଧା ଓ ସ୍ନେହରୁ ବଂଚି ତରହୁଛି ବର୍ତ୍ତମାନ ଆମ ସାହିତ୍ୟ, କେବଳ ସାହିତ୍ୟ ଅନୁଷ୍ଠାନ ଗୁଡ଼ିକ ବଢ଼ିଦେଇ କବିତା ଆସର ମାଧ୍ୟମରେ ସାହିତ୍ୟର ଦିଗକୁ ସଂକୀର୍ଣ୍ଣ କରିଦେବାଟା ଠିକ୍ ହେବନି ବରଂ ନୂତନ ସାରସ୍ୱତ ପୀଢ଼ିଙ୍କୁ ଖୋଜି ହେବାର ସମୟ ଉପନୀତ । ଉତ୍ତମ ଉତ୍ତର ଅତ୍ୟାଧୁନିକ କବିତା ଲିଖନ ପ୍ରଣାଳୀରେ ବାଧା ନ ଆସୁ ସତ, ବାଧକ ନହେଉ ପାଠକୀୟ ମୂଲ୍ୟବୋଧ । ପାଠକୀୟ ମହଲର ମନସ୍ତାପକୁ ସ୍ୱୀକୃତି ଦେବାକୁ ପଡ଼ିବ କବି ଲେଖକ ମଣ୍ଡଳୀଙ୍କୁ । ଆଗକୁ ଆଗକୁ ବଢ଼ିବାର ଅଭିପ୍ସାରେ କ୍ଷିପ୍ର ବେଗରେ ଚଳଚଞ୍ଚଳ ନହୋଇ ନିଜର ଲେଖନୀର ତାରତମ୍ୟର ମୂଲ୍ୟାଙ୍କନ ଆବିଷ୍କାର କରିବା ଉଚିତ ହେବ ଅତ୍ୟାଧୁନିକ ସାହିତ୍ୟ ରଚନାରେ ନିମଗ୍ନ ଥିବା ସ୍ରଷ୍ଟାଗଣ ।

ଦିନ ଥିଲା ଗାଁର ମାଇପି ଲୋକଠାରୁ ପୁରୁଷ ଲୋକ ପର୍ଯ୍ୟନ୍ତ ସାହିତ୍ୟ ପଠନପ୍ରତି ଏକ ବିଶେଷ ଅନୁରାଗ ରଖୁଥିଲେ । ପଇସା ସଂଚିତ କରି ଦୋକାନରୁ ପୁସ୍ତକ କ୍ରୟ କରୁଥିଲେ । ଆତ୍ମତୃପ୍ତି ମିଳୁଥିଲା ତାକୁ । ମନରଞ୍ଜନର ଯଥେଷ୍ଟ ଖୋରାକ୍ ଯୋଗାଇଥିଲା ତାଙ୍କର ମାନସୀକତାକୁ । ଉପନ୍ୟାସ, ନାଟକ, ଗୀତିନାଟ୍ୟ, ଗପ ଓ କାବ୍ୟ କବିତା ପଢ଼ି ଢ଼େର ଆନନ୍ଦ ପ୍ରାପ୍ତ ହେଉଥିଲେ । ଆଜିକାର ଦୁନିଆ ବଦଳି ଯାଇଛି । ଆଧୁନିକ ବାତାବରଣ ସ୍ପର୍ଶରେ । ଚକଚାକ୍ୟ ଶୈଳୀରେ ରଙ୍ଗାୟିତ ଆମ ଜୀବନ । ଶଗଡ଼ ଗାଡ଼ିର କେଁ କଟର ଶବ୍ଦରେ କ୍ଷେତରୁ କଳେଇ ବୁହାଯାଉନି । ଯୋଗୀର କେନ୍ଦେରା ବଜା ଗୀତ ଶୁଭୁନି । ମୁଣ୍ଡପୋଡା କେଳାର ଚାଙ୍ଗୁ, ଧୁଡୁକୀ ବାଦ୍ୟଯନ୍ତ୍ର ବିଲୋପ । ଗାଁର ଚାଷୀ ଶସ୍ୟ ଅମଳ ବେଳେ ଲୋକଗୀତ ବୋଲୁନି । ବୈଜ୍ଞାନିକ ଯନ୍ତ୍ର ଶସ୍ୟ ଗୁଡ଼ିକୁ ଖୁବ୍‌ଶୀଘ୍ର ଅମଳ କରିପାରୁଛି । ଗାଁ ଦାଣ୍ଡରେ ପାଲା, ଦାସକାଠୀ, ଘୋଡ଼ାନାଚ, ଚଢ଼େଇ ଚଢ୍ରୋନାଚ ବିଲୁପ୍ତ ଅବସ୍ଥାରେ ଦଣ୍ଡାୟମାନ । ଯେଉଁ ଲୋକକଳା ସଂସ୍କୃତି ଆମ ଓଡ଼ିଆ ମାତୃଭାଷାର ମାନଦଣ୍ଡ ଥିଲା ସେଇଗୁଡ଼ିକ ନିଛିନ୍ନ ହେବାକୁ ବସିଛି ଆମ ସ୍ମୃତିପଟରୁ । ଦିନ ଆସି ଆଗତ, କେବଳ ଯନ୍ତଚାଳିତ ପଦ୍ଧତି ଯୁଗରେ ମାନବ ସମାଜ ଗତି କରି ଆସୁଛି । କମ୍ପ୍ୟୁଟର, ଇଣ୍ଟରନେଟ୍ ଯୁଗରେ ସାହିତ୍ୟ ପ୍ରଭାବ ବିସ୍ତାର କରିସାରିଲାଣି । ମୋବାଇଲ ସ୍ମାର୍ଟ ଫୋନ୍ ଜରିଆରେ କବିତା ଲେଖି, ଗପ ଲେଖି ଓ ସାହିତ୍ୟ ଆଧାରିତ ତଥ୍ୟର ଦିଅଣ ନିଅତାର ଏକ ସୁବନ୍ଦୋବସ୍ତ ହୋଇପାରିଛି । ପରସ୍ପର ଲେଖକ/ଲେଖିକା ଲେଖାଟିକୁ ଅନ୍ୟ ଲେଖକ, ଲେଖିକା ତଥା ପାଠକ/ପାଠିକା ବୃନ୍ଦ ପମିପାରିବାର ସହଜ, ଉତ୍ତମ ପନ୍ଥା ନିର୍ଣ୍ଣୟ ହୋଇଛି । ଫେସବୁକ, ହ୍ୱାଟସଆପ ଆପ୍ଲିକେଶନ ଦ୍ୱାରା ବହୁଳ ପରିମାଣରେ ବିଭିନ୍ନ ସାହିତ୍ୟ ସମନ୍ୱିତ ତଥ୍ୟକୁ ଡାଉନଲୋଡ୍ କରି ସେୟାର କରିପାରୁଛେ । ପବ୍ଲିକ ମାନଙ୍କୁ ଯାହା ଏକ ସୁନ୍ଦର ପ୍ରସାରିତ ମାଧ୍ୟମ ଅଟେ । କିନ୍ତୁ ମାତୃଭାଷା ସର୍ବଦା ବାସ୍ତବ ବାଦରେ ବାନ୍ଧି ହୋଇଥାଏ । ଈଶ୍ୱର ଯେପରି ଭାବଡୋରିରେ ବନ୍ଧା ପଡ଼ନ୍ତି ଠିକ୍ ସେପରି ପାଠକୀୟ ଆଗ୍ରହ, ରୁଚି ଦ୍ୱାରା ସାହିତ୍ୟ କ୍ରମଶଃ ବଳିଷ୍ଠ ପ୍ରମାଣିତ ହୁଏ ।

କିଛି ମାତ୍ରାରେ ଲେଖକ/ଲେଖିକା କେବଳ ନିଜର ଯଶ, ଖ୍ୟାତି, ପାଇଁ ଚେଷ୍ଟିତ ରହିବା ପ୍ରାୟ ଅନୁଭୂତ । କିପରି ଶ୍ରଦ୍ଧା, ସମ୍ମାନ, ଉପଢ଼ୌକନ, ଫୁଲତୋଡ଼ା ଆଦି ସାହିତ୍ୟ ଅନୁଷ୍ଠାନରୁ ପ୍ରାପ୍ତ କରିହେବ ସେ ବାବଦରେ ଅଧିକ ଯତ୍ନବାନ କିନ୍ତୁ ସେମାନେ ଲେଖିଥିବା ବା ଲେଖୁଥିବା ସାହିତ୍ୟ କିପରି ଲୋକ ଲୋଚନରେ ଆଦୃତ ହୋଇ ପାଠକୀୟ ସ୍ୱୀକୃତି ମିଳିବ କିମ୍ବା ତାଙ୍କ ଦ୍ୱାରା ସୃଷ୍ଟି ପୁସ୍ତକର ମୂଲ୍ୟାଙ୍କନ ହେବ ସାଧାରଣ ଜନତାଙ୍କ ଓଠରେ ଯଦି ସେ ସଂକ୍ରାନ୍ତରେ କିଛି ଉଦ୍ୟମ କରାଯାଇ ପାରନ୍ତା ନିଶ୍ଚୟ ବଳୀଷ୍ଠ ଗ୍ରନ୍ଥ, ଉଚିତ ସାହିତ୍ୟ ଲୋକ ଲୋଚନରେ କାୟା ବିସ୍ତାରି ତୁଳନାତ୍ମକ ଢ଼ଙ୍ଗରେ ବିଶ୍ଳେଷଣ ହୋଇ ମାର୍ଗ ନିର୍ଣ୍ଣୟ ହୋଇପାରନ୍ତା ଲେଖକ ଲେଖିକା ଲେଖିଥିବା ସାହିତ୍ୟ ପୁସ୍ତକ ଓ ଗ୍ରନ୍ଥର । ସଦାସର୍ବଦା ନିଜର ଆତ୍ମବଡ଼ିମାକୁ ଦର୍ଶାଇବା ଚିନ୍ତାରେ ଅନ୍ତର୍ନିହିତ ରହିବା ସ୍ରଷ୍ଟାମାନଙ୍କ ମନ ହୃଦୟରେ । ତାହାର କ୍ରିୟାତ୍ମକ ପ୍ରତିଫଳନ ବିସ୍ଫୁରିତ ସଦା ସର୍ବଦା ସାରସ୍ୱତ ମହଲରେ । ତେବେ ପ୍ରକୃଷ୍ଟ ରହସ୍ୟ ଆସିପାରିବ । ପ୍ରକାରାନ୍ତରେ ରହସ୍ୟ କ'ଣ ? ସେହି ଅଭିମନ୍ୟୁ ସାଜି ସେହି ଚକ୍ରବ୍ୟୁହକୁ ଭେଦ କରି ନିର୍ଯ୍ୟାସ କାଢ଼ିବାର ଦକ୍ଷତା ପ୍ରତିପାଦନ କରନ୍ତୁ ନୂତନ ପୀଢ଼ିର ସାରସ୍ୱତ ବନ୍ଧୁଗଣ । ଏକ କାଳଜୟୀ ରହସ୍ୟ ହାତଠାରୁ ଡାକୁଛି ଆପଣମାନଙ୍କୁ । ପଙ୍କିଳ ପରିବେଶରୁ ଉଦ୍ଧାର ହେବାପାଇଁ ଚିତ୍କାର କରୁଛି ଆମ ମାତୃଭାଷା, ଆମ ଭାଷା ।

ରୀତିଯୁଗୀୟ ମହକରେ ମହକିତ ଆମ ସଂସ୍କୃତି । ବେଶ, ପୋଷାକ, ଚାଲିଚଳଣୀର ଅତ୍ୟାଧୁନକତା କେବେ ସ୍ପର୍ଶ କରିପାରିବ ନାହିଁ ଆମ ମାତୃଭାଷାକୁ ଯୁଗେ ଯୁଗେ । ଆଧୁନିକ ପ୍ରଣାଳୀରେ ସମସ୍ତ କାମ୍ୟ କରାଯାଇପାରେ ସତ କିନ୍ତୁ ଜୋର କାବ୍ୟ, କବିତା, ଗପ, ପ୍ରବନ୍ଧ ଇତ୍ୟାଦିକୁ ଯୁଗପଯୋଗୀ କରିବାର ପ୍ରଚେଷ୍ଟା କେବଳ ଧୃଷ୍ଟତା ସମ ବ୍ରତପାଳନ ଓ ଅବଲୋକନ ହେବ । ମୋ ପରିଚୟ ଅଟେ ଆମ ମାତୃଭାଷା । ଆସନ୍ତୁ ଏକ ସ୍ୱପ୍ନରେ ମିଳିମିଶି କହିବା ଆମ ମାତୃଭାଷାହେବ ମୋ ପରିଚୟ ପାଠକୀୟ ମୂଲ୍ୟବୋଧର ।

# ନାୟକର ନାମ ବାପା

- ମମତା ବାରିକ

ଘର ଛାଡ଼ି ଆସିବା ଆଜକୁ ପାଞ୍ଚଦିନ ହେଲାଣି । ଆଜି ନେତ୍ରାକୁ ସବୁ ଖୁସି ମିଳିଯାଇଛି । ସେ ଚାହୁଁଥିବା ମନଲାଖି ସ୍ୱାମୀଟେ ଆଉ ଭଲ ଘରଟେ ପାଇଛି । ଯେଉଁଠି ଶାଶୂ, ଶ୍ୱଶୁର, ନଣନ୍ଦ ଏତେ ଭଲପାଇବା ଦେଉଛନ୍ତି, ହେଲେ ସେ ଆଜି ଖୁସି ହେଇ ପାରୁନି କାହିଁକି ? ତା'ହାତ ମୁଠାରେ ଚନ୍ଦ୍ରକୁ ଧରିଛି ସତ ହେଲେ ସେ ଆଜି ନିଜକୁ ସ୍ୱାର୍ଥପର ମଣିବା ସହ କଳା କର୍ମ ପାଇଁ ନିଜକୁ ଧିକ୍କାର କରୁଛି । ଛି, ଛି, କ'ଣ କଲୁ ନେତ୍ରା ସତରେ ତୁ ଏତେ ବଡ଼ ସ୍ୱାର୍ଥପର ହେଇଗଲୁ ।

ସତରେ ତୋ ପ୍ରେମ ତୋ ପାଇଁ ଏତେ ବଡ଼ ହେଇଗଲା ଯେ ଯେଉଁ ବାପା ମାଆ ଜନ୍ମ ହେବା ପରଠାରୁ ଯେ ଆଜିପର୍ଯ୍ୟନ୍ତ ନିଜକୁ ଭାଗ୍ୟବାନ୍ ଭାବୁଥିଲେ ତତେ ଜନ୍ମକରି ଯେଉଁ ବାପା ମାଆ ତତେ ସର୍ବଦା କହନ୍ତି ତାଙ୍କର ଗର୍ବ ତୁ ଆଜି ସେଇମାନଙ୍କ ମୁହଁରେ ଚୂନ କାଳୀ ବୋଲି ଦେଲୁ ।

ଶେଷରେ ତୁ ନିଜର ଖୁସି ପାଇଁ ବାପାଙ୍କ ଇଜ୍ଜତରେ ଛିଟା ପକାଇଦେଲୁ । ଯେଉଁ ବାପା ତୋ ପାଇଁ ଖରା, ବର୍ଷା ନାହିଁ ରକ୍ତକୁ ପାଣି କରି ଛୋଟରୁ ବଡ଼ କଲେ ସେଇ ବାପାଙ୍କୁ ତୁ ଆଜି ପର କରିଦେଲୁ । ଧିକ୍ ତୋ ଜୀବନ ନେତ୍ରା... ଧିକ୍ ।

ମନେ ମନେ ଏତେ କଥା ଭାବି ନେତ୍ରା ଆଖିରୁ ଲୁହ ଛୁଟାଉଥାଏ । ଠିକ୍ ସେହି ସମୟରେ ସତ୍ୟମ ଆସି ନେତ୍ରା ଆଖିରୁ ବିନ୍ଦୁଏ ଲୋତକକୁ ହାତରେ ଧରି ନିରେଖି ନିରେଖି ଦେଖି କହିଲା- ନେତ୍ରା ! ମୁଁ ତୁମକୁ କଣ ସତରେ ଭଲ ପାଇନଥିଲି ମୋ ପ୍ରେମରେ କୋଉଠି ଊଣା ରହିଗଲା ଯେ ତୁମ ଆଖିରେ ଆଜି ଏ ଲୋତକ ଧାର ।

କାହିଁକି.. କାହିଁକି ନେତ୍ରା ?

ସତ୍ୟମ କଥା ଶୁଣି ନେତ୍ରା ଚୁପ୍ ହେଉନଥାଏ ବରଂ ଆହୁରି ଅଧିକ କାନ୍ଦିବାକୁ ଲାଗିଲା । ସତ୍ୟମ୍ ନେତ୍ରା ଆଖିରେ ଲୁହ ଦେଖି ଆଉ ସହ୍ୟ କରିପାରିଲା ନାହିଁ । ତାକୁ ଆଶ୍ୱାସନା ଦେବା ସହ ରାଗିଯାଇ କହିଲା ନେତ୍ରା ମୁଁ ତୁମକୁ କଥା ଦେଇଥିଲି ତୁମକୁ ସାତଜନମ ପାଇଁ ଖୁସିରେ ରଖିବି, ତୁମ ଆଖିରେ ଲୁହ ଆସିବାକୁ ଦେବିନାହିଁ । ହେଲେ ଆଜି ତୁମର ଏ କଷ୍ଟକୁ ସହ୍ୟ କରିପାରୁନାହିଁ । ତୁମର ଇଚ୍ଛା ନା ତୁମେ ତୁମ ବାପା ମାଆଙ୍କ ସହ ଦେଖା କରିବ ତାହେଲେ ତୁମ କଥା ହିଁ ରହୁ । କାଲି ତୁମ ବାପ ଘରକୁ ନେଇକି ଯିବି ସେଠି ପଛେ ମତେ ଯେତେ ଅପମାନ ସହ୍ୟ କରିବାକୁ ପଡୁ । ନେତ୍ରା ଏତେ ପରେ ନିଜର କୋହକୁ ଅଟକାଇଲା ହେଲେ ସେ ଟିକେ ଖୁସି ଆଉ ରହିଲା ନାହିଁ । ତାପରେ ସତ୍ୟମ କହିଲା ତୁମ ପରିବାର ପାଖରେ ନିଜ ମୁଣ୍ଡକୁ ନୁଆଁଇ ଦେବି ତା' ହେଲେ । ମୁଁ ତୁମକୁ ଆଉ ଆମ ଘରକୁ ଫେରେଇ ଆଣିବି ନାହିଁ । ତୁମେ ତୁମ ବାଟରେ ମୁଁ ମୋ ବାଟରେ । ସତ୍ୟମର କଥା ଶୁଣି ନେତ୍ରା ଆହୁରି ଭାଙ୍ଗିପଡ଼ିଲା । ଓଃ ନିଜର ଦୁଃଖକୁ ଛାତିରେ ଚାପି ରଖି ଶାଶୁଘରେ ଚଳିଲା ।

କାରଣ ସେ ନିଜେ ହିଁ ଭୁଲ କରିଛି ସତ୍ୟମ୍‌କୁ ପ୍ରେମ ବିବାହ କରି । ବାପା ମାଆ ପ୍ରଥମରୁ ମନା କରିଥିଲେ ସତ୍ୟମ ଭଲ ପିଲା ନୁହେଁ ଯେଉଁ ପିଲା ବାତେରା ପିଲାଙ୍କ ସହ ବଜାର, ଛକରେ ବସି ବସି ଦିନ କାଟୁଛି ଭବିଷ୍ୟତ ବୋଲି କିଛି ମନେ ନାହିଁ ତାର । ସେ ତତେ କେମିତି ଖୁସିରେ ରଖିବ ? କଣ ଖାଇବାକୁ ଦେବ ? କିଛି କାମଧନ୍ଦା କଲେ ସିନା ସେ ତୋ ପେଟରେ ଦାନା ଦେବ । ହେଲେ ତା ପାଖରେ ସେତକ ନାହିଁ ଖାଲି ବାଇକ ଧରି ଚକ୍କର କାଟୁଛି ବଜାର ସାରା ଏତେ କଥା ସେମାନେ ବୁଝାଇବା ସତ୍ତ୍ୱେ ବି ସେମାନଙ୍କ ଅନିଚ୍ଛାକୃତେ ସେ ସତ୍ୟମକୁ ଭଲ ପାଉଥିଲା । ହେଲେ ସେଥିରେ ସତ୍ୟମର ମନ ବୁଝିଲା ନାହିଁଯେ ବାପା, ମାଆଙ୍କର ଅନୁମତି ନନେଇ ନେତ୍ରାଙ୍କ ତା ପ୍ରେମ ରଙ୍ଗରେ ରଙ୍ଗେଇ ତା ବାପା ମାଆଙ୍କ ଠାରୁ ଛଡ଼ାଇ ଆଣିଲା ।

ନେତ୍ରା ବି ସତ୍ୟମ୍ ପ୍ରେମରେ ଉବୁଟୁବୁ । ଆଉ କିଏ ଅଟକାଇ ପାରିବ ସେ ଦୁଇପକ୍ଷୀଙ୍କୁ ଅଲଗା କରି ସେଥିପାଇଁ କୁହାଯାଏ ପ୍ରେମ ଅନ୍ଧ ଯାହାର ଫଳ ସେ ଆଜି ଭୋଗୁଛି । ଯେଉଁ ସତ୍ୟମ ବିବାହ ଆଗରୁ କଥା ଦେଇଥିଲା ତୁମର ସବୁ ଆଶା ମୁଁ ପୂରଣ କରିବି ସେ ଆଜି ତା ବାପା ମାଆଙ୍କୁ ଦେଖା କରିବାକୁ ମନା କରୁଛି । ଏସବୁ କେବଳ ମୋ କଳା କର୍ମ ଶାସ୍ତି ମୁଁ ହିଁ ଏମିତି ବାଟକୁ ବାଛିଛି । ଯେଉଁ ବାଟରେ ଖାଲି କଣ୍ଟା ବାପା ମୋ ପାଇଁ ହଜାର ପ୍ରସ୍ତାବ ଆଣିଥିଲେ । ସେ ପିଲାମାନେ ପୁଣି କିଏ ଚାକିରି କରିଛି ତ କିଏ ବିଜନେସି ହେଲେ ମୁଁ କଣ ବାଛିଲି ଯିଏ ଟିକେ ମତେ ଖୁସିରେ ରଖିବ ହେଲେ ତା ସମ୍ଭବ ହେଲା ନାହିଁ ବିବାହ ପରେ । ଏହା ହିଁ ମୋର କପାଳ ଲିଖନ ।

ବାପାମାଆଙ୍କ କଥାକୁ ଅବମାନନା କରି ଏମିତି ହିଁ ଲୋକକୁ ଭଲ ପାଇଥିଲି ଯେ ଯିଏ ମତେ ଆଗ ଅପେକ୍ଷା ଏବେ ଆଉ ବୁଝିପାରୁନାହିଁ । ମୋ ପ୍ରତି କଥାକୁ ବେଖାତର କରୁଛି । ଅହରହ ଯନ୍ତ୍ରଣାରେ ଅଭିଷିକ୍ତ କରୁଛି । ହେଲେ ପ୍ରକୃତରେ ମୋ ବାପା ମୋ ପାଇଁ ପ୍ରକୃତ ହିରୋ ଥିଲେ କାରଣ ମୁଁ ପିଲାବେଳ ଠାରୁ ଯେ ବଡ଼ ହେବା ବେଳ ପର୍ଯ୍ୟନ୍ତ ଯାହା ମାଗିଛି ମତେ ଆଣି ଦିଅନ୍ତି । ବଜାର ହେଉ ଅବା କୁଆଡ଼େ ଯାଇଥାନ୍ତୁ ଯଦି କଣ ଦେଖିବେ ସାଂଗେ ସାଂଗେ କୁହନ୍ତି ମୋ ପରୀ ପାଇଁ ଏଇଟାକୁ ନେବି ତାକୁ ବହୁତ ଭଲ ଲାଗିବ । ଜ୍ୱର ହେଲେ ରାତି ରାତି ଅନିଦ୍ରା ହେଇ ସେ ଜଗି ବସନ୍ତି ମୋ ପାଇଁ କାଳେ ତାଙ୍କ ପରୀକୁ ଶୋଷ ଲାଗିବ ମୁଁ ଯଦି କୁଆଡ଼େ ଯାଇଥାଏ ଟିକେ ଫେରିବାକୁ

ଡେରି ହେଇଯାଏ ସାଂଗେସାଂଗେ ଫୋନ୍ ସହ ମୋ ପାଖରେ ପହଂଚିଯାଆନ୍ତି । କୌଣସି ଯାତ୍ରା ମେଲଣ ହେଉ କି ସ୍କୁଲ ମୋ ସହ ପ୍ରତି ସମୟରେ ରୁହନ୍ତି କାଳେ ମତେ କିଏ କଣ କହିବା ମୁଁ କାନ୍ଦିପକାଇବି । ହେଲେ ଆଜି କଣ ହେଉଛି । ଯାହାକୁ ମୁଁ ହିରୋ ବାଛିଥିଲି ଯେ ମୋ ଆଖିରେ ଲୁହ ଦେଉଛି କେବଳ ଛୋଟ ଛୋଟ କଥା ପାଇଁ ଇଏ କଣ ସତରେ ମୋ ହିରୋ ! ନାହିଁ ନାହିଁ...

ଇଏ କେବେ ମୋ ହିରୋ ନୁହନ୍ତି । ଇଏ ହେଲେ କେବଳ ମୋ ଭାଗ୍ୟର ଏକ ରଜ୍ଜୁ ଯିଏ ମତେ ସର୍ବଦା ବାନ୍ଧି ରଖିବେ ହେଲେ ସେ ବନ୍ଧନ ଦ୍ୱାରା ମତେ ଯେ କେତେ କଷ୍ଟ ହେଉଛି ତା ବୁଝିବାକୁ ତାଙ୍କ ପାଖରେ ସମୟ ନାହିଁ । ପରିବାରର ସମସ୍ତେ ସିନା ମତେ ଭଲ ପାଉଛନ୍ତି ହେଲେ ଯାହା ହାତ ଧରି ଆସିଥିଲି ସେ ହିଁ ମତେ ଆଜି ଟିକେ ଟିକେ କଥା ପାଇଁ ଦାୟୀ କରି ଦୂରେଇ ଯାଉଛନ୍ତି । ଏ ହୃଦୟରେ ଥିବା ଯନ୍ତ୍ରଣାକୁ ଆଉ କାହାକୁ କହିବି, ଆଉ କାହାକୁ କହିବି ?

ବାପା ବାପା ତୁମେ ହିଁ ମୋର ପ୍ରକୃତ ହିରୋ ଯିଏ ମୋ କଥା ସରିବା ଆଗରୁ ସେ କଥାକୁ ପୂରଣ କରୁଥିଲେ । ତୁମେ ହିଁ ମୋ ହିରୋ ଯିଏ ନିଜ ଜୀବନକୁ ପାଣି ଛଡ଼େଇ ମତେ ବହୁତ ବିପଦରୁ ଉଦ୍ଧାର କରିଛ । ହେଲେ ଆଜି ଏ ଝିଅ ତୁମକୁ ହିଁ ପର କରିଦେଇଛି । ଧିକ୍ ମୋ ଜୀବନ ଧୀକ୍ ଏତିକି କହି ରୁମ ଭିତରେ କାନ୍ଦୁଥାଏ ନେତ୍ରା, ସତ୍ୟମ ନେତ୍ରାକୁ ଅଣଦେଖା କରି ଚାଲି ଯାଉଥିବା ସମୟରେ ହଠାତ୍ ମୁଖ୍ୟ ଦ୍ୱାରା ପାଖରୁ ନେତ୍ରା ମାଆ ନେତ୍ରା ମାଆ ଶବ୍ଦ ଶୁଭିଲା । ନେତ୍ରା ଆଖି ପିଛୁଳାକେ ଯାଇ ମୁଖ୍ୟ ଦ୍ୱାରକୁ ଖୋଲିଛି ତ ବାପା ଆସିଛନ୍ତି ।

ନେତ୍ରା ବାପାଙ୍କ ମୁହଁକୁ ଚାହିଁ କାନ୍ଦକୁ ଆଉ ସମ୍ଭାଳି ପାରିଲା ନାହିଁ ବାପାଙ୍କ ପାଖରେ ଚାପ ପଡ଼ିଗଲା । ବାପା ମୋର ବଡ଼ ଭୁଲ ହେଇଯାଇଛି ମୋର ଭୁଲ୍ ହେଇଯାଇଛି । ବାପା ନେତ୍ରା ଆଖିରୁ ଲୁହ ପୋଛି ଦେଇ କହିଲେ ନା ମୋର ବଡ଼ ଭୁଲ ହୋଇଯାଇଛି । ମୋର ଭୁଲ ହୋଇଯାଇଛି । ବାପା ନେତ୍ରା ଆଖିରୁ ଲୁହ ପୋଛି ଦେଇ କହିଲେ ନା କାନ୍ଦେନି ମାଆ ଏ ତୋର ଭାଗ୍ୟ । ମୁଁ ତୋ ମାଆକୁ ନ କହି ତତେ ଦେଖା କରିବାକୁ ଚାଲି ଆସିଛି । ତା'ର ରାଗ ଟିକେ ଶାନ୍ତ ହେଉ ସେ ଆସିବ । ବାପା ମାଆ କ'ଣ ନିଜ ସନ୍ତାନ ଉପରେ ରାଗ କରନ୍ତି । ଛି, ମାଆ କାନ୍ଦି ନାହିଁ କେବେ ସୁନା ଝିଅମାନେ ମୁଁ କ'ଣ ଏଠାକୁ ଏଥିପାଇଁ ଆସିଛି ନେତ୍ରାର ଗୋଲାପି ଓଠରୁ ଏତେ ବେଳେ ଟିକେ ସ୍ମିତ ହସ ଝରି ଆସିଲା ।

ଯାଜପୁର, ବାରବାଟୀ, ବାମଦେବପୁର ।

# ଉତ୍କଳୀୟ ସଂସ୍କୃତିରେ ନୌବାଣିଜ୍ୟ

- ଗୋଲାପ ନନ୍ଦ

କଳା, ସଂସ୍କୃତି ପରମ୍ପରା ଏ ସବୁ ଗୋଟିଏ ଜାତିର ବୈଶିଷ୍ଟ । ଗୋଟି, ଜାତି କେତେ ଯେ ସମୃଦ୍ଧ, ତାହା ଜଣା ପଡ଼ିଥାଏ, ତା'ର ସଂସ୍କୃତି ଓ ଐତିହ୍ୟରୁ । ତେଣୁ ନିଜ ଜାତିର ସଂସ୍କୃତି ଓ ପରମ୍ପରାକୁ ସୁରକ୍ଷିତ ଓ ଗୌରବମୟ କରିବା ଏବଂ ତା'ର ବିକାଶଗତ ଉନ୍ନତି ନିମନ୍ତେ ଚେଷ୍ଟା କରିବା ସେହି ଜାତି ପାଇଁ ଦାୟିତ୍ୱବୋଧ ରହିଛି । ଓଡ଼ିଶାର ଅତୀତ ଯେତିକି ସମୃଦ୍ଧ, ତା'ର ଇତିହାସ ସେତିକି ଗୌରବାବହ । ବିଭିନ୍ନ ସମୟରେ ଏହି ଭୂଖଣ୍ଡ କଳିଙ୍ଗ, ଉଡ୍ର, କଙ୍ଗୋଦ, ଉତ୍କଳ ଆଦି ଭିନ୍ନ ଭିନ୍ନ ନାମରେ ପରିଚିତ ଥିଲା । ଇତିହାସ ପ୍ରସିଦ୍ଧ ମହାମେଘ ବାହନ ଖାରବେଳଙ୍କ ରାଜତ୍ୱ ସମୟରେ ସମୃଦ୍ଧି ଉତ୍କର୍ଷର ଚରମ ସୋପାନ ଅତିକ୍ରମ କରିଥିଲା ଏହି ରାଜ୍ୟ । ସମ୍ରାଟଙ୍କ ରାଜସ୍ୱ କାଳରେ ସୁଖ ସମୃଦ୍ଧିରେ କାଳାତିପାତ କରୁଥିଲେ ରାଜ୍ୟବାସୀ । ସାଧବଭାବେ ପରିଚିତ ରାଜ୍ୟର ବ୍ୟବସାୟୀ ଗୋଷ୍ଠୀ ସାତ ସମୁଦ୍ର ଡେଇଁ ବେପାର କରିବାକୁ ଯାଉଥିଲେ ଏବଂ ବୋଇତ ଭର୍ତ୍ତି ସମ୍ପଦ ନିଜ ରାଜ୍ୟକୁ ବୋହି ଆଣୁଥିଲେ । ସେତେବେଳେ ନୌବାଣିଜ୍ୟରେ କଳିଙ୍ଗ ଥିଲା ଶୀର୍ଷରେ ।

ଅତୀତରେ ରାଜ୍ୟର ବିସ୍ତୃତ ସମୁଦ୍ର ଉପକୂଳରେ ଏକାଧିକ ପ୍ରାକୃତିକ ବନ୍ଦର ଥିଲା ଏବଂ ସେ ଗୁଡ଼ିକ ମହାନଦୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା, ବୈତରଣୀ, ଋଷିକୂଲ୍ୟା, ବୁଢ଼ାବଳଙ୍ଗ ପରି ସୁନାବ୍ୟା ନଦୀ ଗୁଡ଼ିକ ସହିତ ସଂଯୁକ୍ତ ଥିଲେ । କଟକ, ବାଲେଶ୍ୱର, ଜଳେଶ୍ୱର, ଯାଜପୁର, ଚାନ୍ଦବାଲି, ସମ୍ବଲପୁର, ସୋନପୁର, ବିନିକା ପ୍ରଭୃତି ପ୍ରମୁଖ ବାଣିଜ୍ୟକେନ୍ଦ୍ର ଗଢ଼ି ଉଠିଥିଲା । ସାଧବମାନେ ଆଭ୍ୟନ୍ତରୀଣ ଅଞ୍ଚଳରୁ ବିଭିନ୍ନ ବାଣିଜ୍ୟ ସାମଗ୍ରୀ ଯଥା ହାତୀଦାନ୍ତ, ପାନପତ୍ର, ଗୁଆ, ରତ୍ନପଥର, ପାଟବସ୍ତ୍ର ହୀରାନୀଳା, ସୁନାରୂପା କଉଡ଼ି, ପିତଳ ବାସନ, ଧାତୁ ପଥର, ଶିଙ୍ଘ ନିର୍ମିତ ବିଭିନ୍ନ ସାମଗ୍ରୀ ଆଦି ସଂଗ୍ରହ କରି ଉକ୍ତନଦୀ ଗୁଡ଼ିକ ମାଧ୍ୟମରେ ବନ୍ଦରକୁ ଆଣୁଥିଲେ । ଏହାପରେ ବଡ଼ ବଡ଼ ବୋଇତରେ ସେଗୁଡ଼ିକୁ ଲଦି ଦେଶ ବିଦେଶକୁ ନୌଯାତ୍ରା କରୁଥିଲେ । ବିଦେଶରେ ସେ ସବୁ ବିକ୍ରି କରି ଗୋଲମରିଚ ଡାଲଚିନି ଅଳେଇଚ ପ୍ରଭୃତି ମସଲା ଦ୍ରବ୍ୟ ସହ କର୍ପୂର, ମୁକ୍ତା, ସ୍ୱର୍ଣ୍ଣ ଅଳଙ୍କାର ଚିନାମାଟି ନିର୍ମିତ ବିଭିନ୍ନ ବ୍ୟବହାର୍ଯ୍ୟ ସାମଗ୍ରୀ ସେଠାରୁ ଆଣି ସ୍ୱଦେଶରେ ବିକ୍ରି କରୁଥିଲେ ।

କଳିଙ୍ଗ ନୌବାଣିଜ୍ୟର ଇତିହାସ ଖାରବେଳଙ୍କ ସମୟରୁ ମଧ୍ୟ ପୁରୁଣା । ଐତିହାସିକମାନେ ତାଙ୍କ ରାଜତ୍ୱ କାଳ ଖ୍ରୀଷ୍ଟପୂର୍ବ ପ୍ରଥମ ବା ଦ୍ୱିତୀୟ ଶତାବ୍ଦୀକୁ ପରିଚିହ୍ନିତ କରିଛନ୍ତି । ତେବେ ତା ପୂର୍ବରୁ ଖ୍ରୀଷ୍ଟପୂର୍ବ ସପ୍ତମ ଅଷ୍ଟମ ଶତାବ୍ଦୀରେ କଳିଙ୍ଗ ସାଧବମାନେ ଦକ୍ଷିଣ ଏସିଆର ଉପକୂଳବର୍ତ୍ତୀ ବହୁ ଦେଶ ଓ ଦ୍ୱୀପପୁଞ୍ଜ ସହ ବାଣିଜ୍ୟିକ ସମ୍ପର୍କ ସ୍ଥାପନ କରିଥିଲେ ଯାହା କାଳକ୍ରମେ ପ୍ରସାରିତ ହୋଇ ଖାରବେଳଙ୍କ ସମୟରେ ଉତ୍କର୍ଷ ଲାଭ କରିଥିଲା । ଓଡ଼ିଶାର ନୌବାଣିଜ୍ୟରେ ଏହି ସମୃଦ୍ଧ ପରମ୍ପରା ଖ୍ରୀଷ୍ଟାବ୍ଦ ପନ୍ଦର ଷୋହଳ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରଚଳିତ ଥିଲା । ଏହା ଏତେ ପ୍ରସିଦ୍ଧ ଥିଲା ଯେ ବର୍ତ୍ତମାନର ବଙ୍ଗୋପସାଗର ସେତେବେଳେ କଳିଙ୍ଗ ସାଗର ନାମରେ ପରିଚିତ ଥିଲା ।

ପ୍ଲିନି, ଟଲେମି, ଫାହିୟନ, ହୁଏନସାଂଙ୍କ ପରି ବିଦେଶୀ ପରିବ୍ରାଜକମାନେ ସେମାନଙ୍କ ଭ୍ରମଣ ବିବରଣୀରେ କଳିଙ୍ଗର ସମୃଦ୍ଧ ନୌବାଣିଜ୍ୟ ପରମ୍ପରାର ଉଲ୍ଲେଖ କରିଛନ୍ତି । ପ୍ରାଚୀନ ଗ୍ରୀକ୍ ପୁସ୍ତକରେ ମଧ୍ୟ ଏହାର ବିସ୍ତୃତ ବିବରଣୀ ରହିଛି । ସେହିପରି କୌଟିଲ୍ୟଙ୍କ ପ୍ରସିଦ୍ଧ ଅର୍ଥଶାସ୍ତ୍ର ଓ କାଳିଦାସଙ୍କ ରଘୁବଂଶମ ପରି ମଧ୍ୟକାଳୀନ ଭାରତର ପ୍ରାଚୀନ ରଚନାରୁ ମଧ୍ୟ ଏ ସମ୍ପର୍କରେ ଯଥେଷ୍ଟ ସୂଚନା ମିଳେ । ଏହି ସବୁ ତଥ୍ୟ ଓ ସୂଚନାରୁ ଜଣାପଡ଼େ ଯେ କଳିଙ୍ଗର ନୌବାଣିଜ୍ୟ ପୂର୍ବ ଦକ୍ଷିଣରେ ବ୍ରହ୍ମଦେଶ, ଇଣ୍ଡୋନେସିଆ, ଥାଇଲାଣ୍ଡ, କାମ୍ବୋଡ଼ିଆ, ମାଲେସିଆ, ଜାପାନ ଓ ଶ୍ରୀଲଙ୍କା ସହ ପଶ୍ଚିମରେ ଆରବ ଓ ପୂର୍ବ ଆଫ୍ରିକା ପର୍ଯ୍ୟନ୍ତ ବିସ୍ତୃତ ଥିଲା । ପ୍ରାଚୀନ କଳିଙ୍ଗର ଶାସକମାନେ ପୋତ ବା ବୋଇତ ନିର୍ମାଣ କୌଶଳରେ ପାରଙ୍ଗମ ଥିଲେ । ସେତେବେଳେ ଆଧୁନିକ ଯୁଗର ମୋଟର ବୋଟ, ଲଞ୍ଚ ଓ ଜାହାଜ ଆଦି ନଥିଲା । ଜଳପଥରେ ଯୋଗାଯୋଗ ଓ ପରିବହନର ଏକମାତ୍ର ଆଧାର ଥିଲା ପାଲଟଣା ଡଙ୍ଗା ବା ବୋଇତ ତା ସତ୍ତ୍ୱେ ସେମାନେ ବୋଇତରେ ଟନଟନ୍ ଓଜନର ସାମଗ୍ରୀ ନେଇ କିପରି ଶହଶହ ମାଇଲ ସାମୁଦ୍ରିକ ଯାତ୍ରା କରୁଥିଲେ ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ସେତେବେଳେ ଦିଗନିର୍ଣ୍ଣୟ ପାଇଁ କମ୍ପାସ ନଥିଲା କି ପାଣିପାଗ ସମ୍ପର୍କରେ ଆଗୁଆ ସୂଚନା ପାଇବାର କୌଣସି ବ୍ୟବସ୍ଥା ନଥିଲା । ନାବିକମାନେ ରାତିରେ ଧ୍ରୁବତାରା, ସପ୍ତର୍ଷିମଣ୍ଡଳ, ଦିନରେ ପବନର ଗତି ଦେଖି ଦିଗ ନିର୍ଦ୍ଧାରଣ କରୁଥିଲେ । ସାମୁଦ୍ରିକ ପକ୍ଷୀଙ୍କ ଉଡାଣ ତଥା ସେମାନଙ୍କ ଗତିକୁ ଲକ୍ଷ୍ୟକରି ପାଣିପାଗର ଅନୁମାନ କରାଯାଉଥିଲା ।

ଗ୍ରୀକ୍ ପରିବ୍ରାଜକ ଟଲେମି ନିଜ ରଚନାରେ ସେ ସମୟରେ କଳିଙ୍ଗ ଉପକୂଳରେ ଥିବା ନନିଗଣିଆ, କଟିକର୍ଦ୍ଦମ ଓ କନ୍ନଗର ପରି ଅଳ୍ପକିଛି ପୋତାଶ୍ରୟର ନାମ ଉଲ୍ଲେଖ କରିଛନ୍ତି । ପରବର୍ତ୍ତୀ ସମୟରେ ପରିବ୍ରାଜକ ଓ ଐତିହାସିକମାନଙ୍କ ଗବେଷଣାଲବ୍ଧ ସୂଚନା ଅନୁସାରେ କଳିଙ୍ଗପଟ୍ଟନମ, ପିଥୁଣ୍ଡା, କୋଶମ, ତିଳସ, ଦୋସରାନ, ଆଦାମ୍, ତାମ୍ରଲିପ୍ତ, ତମଲୁକ, ପଲୁରା, ଚେଲିତୋଳ, ଅଜିତା, ଦନ୍ତପୁରୀ, ପାଲେଶରା, ପିପିଲି, ଛାନୁଆ, ଲିଛନପୁର, ସାରଥ, ଧାମରା, ଗୋପାଳପୁର, ଚିଲିକା, ମାଣିକପାଟଣା ମଧ୍ୟ ପୋତାଶ୍ରୟ ଭାବେ ପ୍ରସିଦ୍ଧ ଥିଲା ।

ସିଂହଳୀ ବୌଦ୍ଧଗ୍ରନ୍ଥ 'ଦାଠା ଧାତୁବଂଶ' ଅନୁସାରେ କଳିଙ୍ଗର ବୋଇତ ଗୁଡ଼ିକ ସୁଦୃଢ଼ ଏବଂ ନିରାପଦ ଥିଲା । ଚୀନ ପରିବ୍ରାଜକ ଫାହିୟାନ ଯେଉଁ ବୋଇତରେ ବସି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ ସେଥିରେ ତାଙ୍କ ସହ ୨୦୦ ଯାତ୍ରୀ ଚୀନ ଯାତ୍ରା କରିଥିଲେ ବୋଲି ସେ ନିଜେ ଉଲ୍ଲେଖ କରିଛନ୍ତି । ଏଥିରୁ କଳିଙ୍ଗ ବୋଇତର

ଆକାର କେତେ ବଡ଼ ଥିଲା ତାହା ଅନୁମାନ କରାଯାଇପାରେ । ନିର୍ମାଣ ଶୈଳୀର ସମ୍ୟକ ସୂଚନା ମିଳେ ।
ଦୁଇ ଖଣ୍ଡ ପଟା ଭିତରେ ପଶେ
ଯେସନ ନାରାଚ ଦେହରେ ବସେ ।

କବିଙ୍କ ସମୟରେ ଧାମରା ମୁହାଣରେ ମାସ୍ତୁଲଯୁକ୍ତ ପୋତ ଏବଂ ବାଲେଶ୍ୱରରେ ନଙ୍ଗର ନିର୍ମିତ ହେଉଥିଲା । କଳିଙ୍ଗ ସାଧବମାନେ କେବଳ ବାଣିଜ୍ୟ କରୁନଥିଲେ, ବିଦେଶ ମାଟିରେ ନିଜ ଧର୍ମ, କଳା, ସଂସ୍କୃତି ଓ ପରମ୍ପରାର ପ୍ରଚାର ପ୍ରସାର ମଧ୍ୟ କରୁଥିଲେ । ସେମାନଙ୍କ ଯୋଗୁ ବୌଦ୍ଧ ଧର୍ମ ଓ ଜଗନ୍ନାଥ ସଂସ୍କୃତି ଦକ୍ଷିଣ ଏସିଆରେ ପ୍ରସାରିତ ହୋଇଥିଲା । ବହୁ ସାଧବ ସ୍ଥାୟୀ ବସବାସ କରି ନିଜ ସଂସ୍କୃତିକୁ ସେଠାରେ ପ୍ରତିଷ୍ଠା କରିଥିଲେ । ସେମାନଙ୍କ ମଧ୍ୟରୁ କିଛି ଶାସକ ମଧ୍ୟ ହୋଇ ପାରିଥିଲେ । ୭୫ ଖ୍ରୀଷ୍ଟାବ୍ଦରେ ବାଣିଜ୍ୟ ଉଦ୍ଦେଶ୍ୟରେ ଜାଭା ଦ୍ୱୀପକୁ ଯାଇଥିବା ବହୁ କଳିଙ୍ଗବାସୀସେଠାରେ ସ୍ଥାୟୀ ବାସିନ୍ଦା ହୋଇ ରହିଯାଇଥିଲେ । ସେମାନେ ଏବେ କ୍ଲିଙ୍ଗ ଭାବେ ପରିଚିତ । ପୁଣି ସେଠାକାର ପ୍ରସିଦ୍ଧ ଶୈଳେନ୍ଦ୍ର ରାଜବଂଶର ମୂଳ କଳିଙ୍ଗ ଏବଂ ସେମାନେ ଦୀର୍ଘ ୩ ଶହ ବର୍ଷ ଧରି ଜାଭାକୁ ଶାସନ କରିଥିବା ବହୁ ଐତିହାସିକ ମତ ଦିଅନ୍ତି । ୭ମ ଶତାବ୍ଦୀରେ ବ୍ରହ୍ମଦେଶ ବା ମିଆଁମାରର ନାମ କଳିଙ୍ଗରାଟ ବା କଳିଙ୍ଗରାଷ୍ଟ୍ର ଥିଲା ଏବଂ ତତ୍କାଳୀନ ପ୍ରୋମନଗରୀର ନାମ ଶ୍ରୀକ୍ଷେତ୍ର ଥିଲା । ସେହିପରି ବାଲିର ପ୍ରଥମ ରାଜା କୌଦିନ୍ୟ ମଧ୍ୟ କଳିଙ୍ଗ ସନ୍ତାନ ବୋଲି କୁହାଯାଏ । ପରବର୍ତ୍ତୀ ସମୟରେ ତାଙ୍କ ନାମ ଏହି ରାଜବଂଶର ଉପନାମ ବା ସଂଜ୍ଞାରେ ପରିଣତ ହୋଇଥିଲା । ଏମାନେ ଦୀର୍ଘ କାଳ ଧରି ବାଲିରେ ରାଜତ୍ୱ କରିବା ସହ ମାଳୟ ଅନ୍ତରୀପ ଓ ପଶ୍ଚିମ ଥାଇଲାଣ୍ଡର କିଛି ଅଂଶ ଅଧିକାର କରି ସେଠାରେ ନିଜ ରାଜ୍ୟ ସ୍ଥାପନ କରିଥିଲେ । ସିଂହଳର ପ୍ରଥମ ରାଜା ବିଜୟ ମଧ୍ୟ କଳିଙ୍ଗ ଅଧିବାସୀ ଥିଲେ ।

କଳିଙ୍ଗର ନୌବାଣିଜ୍ୟ ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ ସେ ସାଧବ ମାନେ ଖ୍ରୀଷ୍ଟପୂର୍ବ ସମୟରୁ ସକ୍ରିୟ ଭାବେ ସିଂହଳ ବା ତତ୍କାଳୀନ ଲଙ୍କାଦ୍ୱୀପ, ଜାଭା, ସୁମାତ୍ରା ଓ ବୋର୍ଣ୍ଣିଓ ଦ୍ୱୀପକୁ ବୋଇତରେ ବାଣିଜ୍ୟ କରିବାକୁ ଯାଇ ଫେରି ଆସୁଥିଲେ ନିଜ ଦେଶକୁ । ସାଧବ ପୁଅ ମୁଣ୍ଡରେ ଶୋଭା ପାଉଥିଲା ସୁନା ଜରିଦିଆ ପଗଡ଼ି, ହାତରେ ସ୍ୱର୍ଣ୍ଣ ରୌପ୍ୟର ଅଳଙ୍କାର ଓ ଦେହରେ ଥିଲା ଦାମୀପୋଷାକର ବେହରଣ । ସାଧବମାନେ ସୁମଦ୍ର ତଟରେ ଥିବା ନଦୀ ମୁହାଣ ଦେଇ ନଦୀ ତୀରରେ ଥିବା ବନ୍ଦରରେ ପହଞ୍ଚିଥିଲେ ଏବଂ ବିଦେଶରୁ ଆଣୁଥିବା ପଣ୍ୟଦ୍ରବ୍ୟ ବିକ୍ରୟ କରିବା ପାଇଁ ସେଠାରେ ଗଚ୍ଛିତ ରଖୁଥିଲେ ଏବଂ ସମୟ ସୁଯୋଗ ଦେଖି ବିକ୍ରୟ କରୁଥିଲେ କିମ୍ବା ବିନିମୟ କରୁଥିଲେ । ଅତୀତ ଉତ୍କଳର ଗାରିମାମୟ ନୌବାଣିଜ୍ୟ ଅଝାଳ ଟଣା ବୋଇତର ସ୍ମୃତିଗାଥା ଉତ୍କଳୀୟ ସଂସ୍କୃତିକୁ ଅଧିକ ମହିମାମଣ୍ଡିତ କରିଛି ।

ଓଡ଼ିଆମାନେ ବାରମାସରେ ତେର ପର୍ବ ପାଳୁଥିବା ବେଳେ ପ୍ରତ୍ୟେକ ମାସର ନିଜସ୍ୱ ବିଶେଷତ୍ୱ ରହିଛି । ଧର୍ମୀୟ ଧାରଣା ଓ ଆଧ୍ୟାତ୍ମିକତା ଦୃଷ୍ଟିରୁ କାର୍ତ୍ତିକମାସକୁ ମହା କାର୍ତ୍ତିକ ବୋଲି କୁହଯାଇଛି । କାର୍ତ୍ତିକ ପୂର୍ଣ୍ଣିମାର ମହତ୍ୱ ଅନ୍ୟ ପୂର୍ଣ୍ଣମା ଠାରୁ ଭିନ୍ନ । ଏହି ଦିନ ପ୍ରତ୍ୟୁଷରୁ ନଦୀରେ ସ୍ନାନ କଲେ ଗଙ୍ଗାସ୍ନାନର ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି । ଶାସ୍ତ୍ରରେ ବର୍ଣ୍ଣିତ ଅଛି ନ କାର୍ତ୍ତିକସମୋ ମାସ, ନବ୍ରତଃ ପଞ୍ଚୁକା ପୁରଃ । କାର୍ତ୍ତିକ ମାସ ପରି ପବିତ୍ର ମାସ ଓ ପଞ୍ଚକ ବ୍ରତ ପରି ଶ୍ରେଷ୍ଠ ବ୍ରତ ନାହିଁ । ଏଇ ମାସରେ ପଡ଼େ ରାଇଦାମୋଦର ବ୍ରତ, ମାସକ ଯାକ ହବିଷ ବ୍ରତ ପାଳୁଥିବା ବ୍ୟକ୍ତି ପୂର୍ଣ୍ଣିମା ଦିନ ଉଦଯାପନ କରନ୍ତି । ଘରେ ତୁଳସୀ ଚଉଁରାକୁ ପୂଜା କରାଯାଏ । ଆକାଶଦୀପ ବସେ । କାର୍ତ୍ତିକ ମାହାତ୍ମ୍ୟ ପାଠ କରାଯାଏ । ଏହି ଦିନ ପ୍ରଭାତରେ ନଦୀରେ ସ୍ନାନ କରି ନଦୀକୂଳରେ ଦାନ କଲେ ବହୁ ପୁଣ୍ୟ ମିଳେ ।

କାର୍ତ୍ତିକ ପୂର୍ଣ୍ଣିମା ଦିନ ମହାଦେବଙ୍କୁ ଦର୍ଶନ କରିବା ଦ୍ୱାରା ସାତ ଜନ୍ମ ପାଇଁ ମଣିଷ ଜ୍ଞାନୀ ଏବଂ ଧନଶାଳୀ ହୁଏ ବୋଲି କୁହାଯାଏ । କଞ୍ଚାକ୍ଷୀର, ମହୁ ଏବଂ ଗଙ୍ଗାଜଳ ମିଶାଇ ଶିବ ଲିଙ୍ଗରେ ଅର୍ପଣ କଲେ ମହାଦେବ ପ୍ରସନ୍ନ ହୋଇଥାନ୍ତି । ଏହି ଦିନ ଚନ୍ଦ୍ର ଉଦୟ ସମୟରେ ଶିବା, ସମ୍ଭୂତି, ସନ୍ତତି, ପ୍ରୀତି, ଅନସୂୟା ଏବଂ କ୍ଷମା ନାମକ ଷଡ଼କୃତ୍ତିକାଙ୍କୁ ପୂଜା କରିବା ଦ୍ୱାରା ମହାଦେବଙ୍କ ଆଶୀର୍ବାଦ ମିଳିଥାଏ । ଏହି ଦିନ ଅନ୍ନ, ଶର୍କରା, ଦୁଗ୍ଧ ଦାନ କରିବା ଦ୍ୱାରା ଅକ୍ଷୟ ପୁଣ୍ୟ ପ୍ରାପ୍ତି ହୁଏ । ବିଶେଷ କରି ଗରିବ ଲୋକଙ୍କୁ ଅନ୍ନଦାନ କଲେ ଚନ୍ଦ୍ରଗ୍ରହ ଶୁଭ ଫଳ ଦେଇଥାନ୍ତି । ଏହି ଦିନ କରାଯାଇଥିବା ଦୀପ ଦାନ ଦଶଟି ଯଜ୍ଞର ଫଳ ଦେଇଥାଏ ବୋଲି କୁହାଯାଏ । କାର୍ତ୍ତିକ ମାସଟି ସାରା ବ୍ରତ ପାଳନ୍ତି ହିନ୍ଦୁମାନେ ନିରାମିଷ ଭୋଜନ କରି । ବହୁ ଦାନ, ଧର୍ମ ଓ ପୁଣ୍ୟର ମାସ ଏ କାର୍ତ୍ତିକ ମାସର ପୂର୍ଣ୍ଣିମା ହେଉଛି ଓଡ଼ିଆ ଜାତିର ଗୌରବଗାଥାର ସ୍ମାରକୀ । କାର୍ତ୍ତିକ ପୂର୍ଣ୍ଣିମାର ଐତିହାସିକ, ସାଂସ୍କୃତିକ ବୈଶିଷ୍ଟ ହେଉଛି ବୋଇତ ବନ୍ଦାଣ ଉତ୍ସବ । ଅତୀତର ସ୍ମୃତି ମନେ ପକାଇବା ପାଇଁ ଗାଁଗଣ୍ଡା, ପୁରପଲ୍ଲୀ କିମ୍ବା ସହରରେ ମଧ୍ୟ ନଦୀ, ନାଳ ପୋଖରୀରେ କଦଳୀ ପଟୁଆରେ ତିଆରି ବୋଇତ ଭସାଯାଏ । ପାହାନ୍ତାରୁ ସ୍ନାନକରି ନାରୀମାନେ ନଦୀ କୂଳରେ ପୂଜାପାଠ କରି ହରିବୋଲି ଓ ହୁଳହୁଳି ଧ୍ୱନୀ ନିଜର ସୁସଜ୍ଜିତ ବୋଇତକୁ ନଦୀ ପୋଖରୀରେ ଭସାଇ ଦିଅନ୍ତି । ଏତିକିବେଳେ–

'ଆ' କା, ମା'ବୈ,
ଗୁଆ ପାନ ଥୋଇ
ଗୁଆ ପାନ ତୋହର
ମାସକ ଧର୍ମ ମୋହର ।

ଏଭଳି କହି ଡଙ୍ଗା ଭସାଇ ଦିଅନ୍ତି । ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ ଏ ଚାରୋଟି ପ୍ରମୁଖ ଧର୍ମ ମାସ । ତା ମଧ୍ୟରୁ ଶ୍ରେଷ୍ଠ ମାସ ହେଉଛି କାର୍ତ୍ତିକ ମାସ । ବୋଇତ ବନ୍ଦାଣ ଓଡ଼ିଶାର ଅତୀତ ଗୌରବ ଓ ପରମ୍ପରା ସଂଯୋଜିତ । ଓଡ଼ିଶାର ସାମୁଦ୍ରିକ ବାଣିଜ୍ୟ ପରମ୍ପରାର ସୁଦୀର୍ଘ ଐତିହାସିକ ପ୍ରାମାଣିକତାକୁ ଉଜ୍ଜୀବିତ କରିବା ପାଇଁ ଓଡ଼ିଶାର ଅନେକ ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ ମହାସମାରୋହରେ ପାଳିତ ହେଉଥିବା ପରିପ୍ରେକ୍ଷୀରେ ଉତ୍ତରପୀଢ଼ି ନିମନ୍ତେ ପ୍ରେରଣା ଓ ଗବେଷଣାକୁ ପ୍ରୋତ୍ସାହିତ କରି ଆସୁଛି । ଓଡ଼ିଶାର ବାଣିଜ୍ୟିକ ଅଭିବୃଦ୍ଧିକୁ ସାଧକ ଓ ବଣିକମାନେ ଯେପରି ବଞ୍ଚାଇ ରଖୁଥିଲେ, ଆଜିର ବୋଇତ ବନ୍ଦାଣ ଆୟୋଜନ ହେଉଛି ତାହାର

ସ୍ମୃତି ଏବଂ ଅଧ୍ୟୟନକୁ ଅଧିକ ପ୍ରାଞ୍ଜଳ ତଥା ସାବଲୀଳ କରିବା ନିମନ୍ତେ ଅଭିପ୍ରେତ । ଗୋଟିଏ ସଭ୍ୟତା ପାଇଁ ପ୍ରତ୍ୟେକ ଓଡ଼ିଆର କର୍ତ୍ତବ୍ୟ । ବୋଇତ ବନ୍ଦାଣ ଉତ୍ସବ ଆମ ଓଡ଼ିଆ ଜାତିର ସାମୁଦ୍ରିକ ପରମାଧିପତ୍ୟକୁ ମନେ ପକାଇବା ତଥା ଆମ ପରପିଢ଼ିକୁ ଆମର ଗୌରବମୟ ଇତିହାସ ସହିତ ପରିଚିତ କରାଇବା ପାଇଁ ଆବଶ୍ୟକତା ରହିଛି । ପାରସ୍ପରିକ ସ୍ନେହ ଶ୍ରଦ୍ଧା ସୌହାର୍ଦ୍ଦ୍ୟ ଓ ଅତୁଟ ବନ୍ଧନକୁ ବଜାୟ ରଖିବାକୁ ଏବେ ମଧ୍ୟ ଓଡ଼ିଶାର ପ୍ରାୟତଃ ପ୍ରତି ଜିଲ୍ଲାରେ ବୋଇତ ବନ୍ଦାଣ ଉତ୍ସବ ପାଳନ ହେଉଛି । ଅତୀତ ଓଡ଼ିଶାର ସ୍ୱର୍ଣ୍ଣିମ ନୌବାଣିଜ୍ୟର କଥା ବ୍ୟଥାକୁ ନେଇ ବୋଇତ ବନ୍ଦାଣ ଉତ୍ସବ ଗତିଶୀଳ ।

ଅତୀତରେ ଓଡ଼ିଶା ସାଧବ ଓ ବଣିକମାନେ ବାଣିଜ୍ୟ ବ୍ୟବସାୟ କରିବା ପାଇଁ ପାଲଟଣା ବୋଇତ ବା ନୌକାଦ୍ୱାରା ସୁଦୂର ନାରା, ସୁମାତ୍ରା, ବାଲି ଦୀପକୁ ଯାତ୍ରା କରୁଥିଲେ । ବିଭିନ୍ନ ଧନ ସଂପଦ ଧରି ସେ ପ୍ରତ୍ୟାବର୍ତ୍ତନ କରୁଥିଲେ । ବାଲିଦ୍ୱୀପକୁ ଯାତ୍ରା କରୁଥିବାରୁ ଏ ଯାତ୍ରାକୁ ବାଲିଯାତ୍ରା ବୋଲି କୁହାଯାଏ । ଯାତ୍ରାର ପ୍ରାରମ୍ଭରେ ନଦୀ ମୁହାଣ ଓ ସମୁଦ୍ର କୂଳରେ ସାଧବ ବୋହୂ ମାନେ ଶଙ୍ଖ ହୁଳହୁଳି ଦେଇ ବୋଇତ ବନ୍ଦାଇ ବିଦେଶକୁ ପଠାଉଥିଲେ । ଫେରିଲା ପରେ ମଧ୍ୟ ସାଧବ ବୋହୂମାନେ ଏଭଳି ବନ୍ଦାପନା କରି ଘରକୁ ଧନସଂପତି ବୋହି ନେଉଥିଲେ ।

ବୋଇତ ମଙ୍ଗମାନଙ୍କରେ ସାଧବ ପୁଅମାନେ ନିଜର ଇଷ୍ଟ ଦେବୀ ରୂପେ ମାଆ ମଙ୍ଗଳାକୁ ସ୍ଥାପନ କରି ଯାତ୍ରାରମ୍ଭ କରୁଥିଲେ । ସମୁଦ୍ର ଓ ନଦୀରେ ବିପଦ ଆପଦରେ ସେଇ ମାଆ ମଙ୍ଗଳା ହିଁ ସହାୟ ହେଉଥିଲେ । ତଅପୋଇ ବହିରେ ବର୍ଣ୍ଣିତ ହୋଇଥିବା ଖୁଦୁରୁକୁଣୀ ଓଷାରେ ସାଧବ ପୁଅ ବୋଇତ ବଣିଜ କରୁଥିବା କଥା ଲିପି ବଦ୍ଧ ହୋଇଛି । କାର୍ତ୍ତିକ ମାସରେ ସାଧବ ପୁଅମାନେ ଯାତ୍ରା ଅନୁକୂଳ କରି ଆଷାଢ଼ ମାସରେ ଫେରୁଥିଲେ । ସାଧବବୋହୂମାନେ ବୋଇତ ମଙ୍ଗରେ ଥିବା ଅଧିଷ୍ଠାତ୍ରୀ ଦେବୀଙ୍କୁ ବନ୍ଦାପନା କରି ସାଧବ ପୁଅକୁ ମେଲାଣି ଦେଉଥିଲେ ଏବଂ ସ୍ୱାଗତକରି ଘରକୁ ଆଣୁଥିଲେ । ଖୁଦୁରୁକୁଣୀ ଓଷା ଓ ନିଶା ମଙ୍ଗଳବାର ଓଷା ବହି ପ୍ରମାଣ ଦିଏ ଯେ ଓଡ଼ିଶାରେ ନୌବାଣିଜ୍ୟ କେତେ ପ୍ରସିଦ୍ଧି ଲାଭ କରିଥିଲା । ସାଧବ ପୁଅମାନଙ୍କର ଏହି ନୌବାଣିଜ୍ୟ ଉତ୍କଳ ବା କଳିଙ୍ଗରେ ଏକ ମହାନ ପରମ୍ପରା ସୃଷ୍ଟି କରିଥିଲା ।

ଓଡ଼ିଶାର ନୌବାଣିଜ୍ୟ ସପ୍ତଦଶ ଶତାବ୍ଦୀପର୍ଯ୍ୟନ୍ତ ବେଶ ସୁରୁଖୁରୁରେ ଚାଲିଲା । ନୌବାଣିଜ୍ୟ କ୍ଷେତ୍ରରେ ପୁରୀ ସୁବର୍ଣ୍ଣରେଖା ବାଲେଶ୍ୱର ବନ୍ଦର ପ୍ରାଧାନ୍ୟ ବିସ୍ତାର ଲାଭ କରିଥିଲା । ବାଲେଶ୍ୱରରେ ବନ୍ଦର ସେ ସମୟରେ ସର୍ବଦା କର୍ମ ଚଞ୍ଚଳ ଥିଲା । ବାଣିଜ୍ୟ ବ୍ୟବସାୟରେ ପ୍ରସିଦ୍ଧ ଲାଭ କରିଥିବା ଏ ସହରରେ ସେତେବେଳେ ଓଲନ୍ଦାଜ, ଫରାସୀ, ଇଂରେଜ ବଣିକମାନେ ବ୍ୟବସାୟ କରୁଥିଲେ । ବିଦେଶୀ ବଣିକମାନେ ବାଲେଶ୍ୱରରେ ବସତି ସ୍ଥାପନ କରୁଥିଲେ। ପ୍ରାଚୀନ କାଳର ବୋଇତ ବନ୍ଦାଣର ସ୍ମାରକୀ ଆଜି ଆମେ ପ୍ରାଚୀ ନଦୀ ତଟରେ କଟକ ଝିଲୋ ଗ୍ରାମ ନିକଟରେ ଥିବା ବୋଇତ ବନ୍ଦାର ଗଛ ଏକ ବିରାଟ ବରଗଛ କାକଟପୁର ମାଟି ସ୍ତୁପ ବୋଇଦ କୁଦରେ ଦେଖୁ ।

କାଳକ୍ରମେ ବୋଇତ ପରମ୍ପରା ଲୁପ୍ତ ହୋଇଗଲା । ଏବେ ସମୁଦ୍ରରେ ବିରାଟ ଜାହାଜମାନ ଭାସୁଛି କର୍ପୂର ଉଡ଼ିଯାଇଛି । କେବଳ କନା ଖଣ୍ଡିକ ପଡ଼ିରହିଛି । ଏବେ ବୋଇତ ବଦଳରେ ନଈ ପୋଖରୀରେ ଭାସୁଛି, କଦଳୀ ପାଟୁଆ ଓ ସୋଲର ବୋଇତ । ସେଥିରେ ପାନଗୁଆ ରଖି ନାରୀଟିଏ ସ୍ମରଣ କରୁଛି ଆ କା ମା ବୈ । ସଂସ୍କୃତି ଓ ଅପସଂସ୍କୃତିର ଦୋଛକିରେ ଆଜିର ମାନବ ଦଣ୍ଡାୟମାନ । ପରିବର୍ତ୍ତିତ ସାମାଜିକ ପରମ୍ପରା, ପାଶ୍ଚାତ୍ୟ ସଂସ୍କୃତିର ଆକର୍ଷଣ ଓ ତ୍ୱରିତଉନ୍ନତିର ମୋହରେ ଦିଶାହୀନ ଯାଯାବର ପରି ଇତଃସ୍ତତଃ ଧାବକମାନ ଏ ମାନବ ସମାଜ । ସେ ବୁଝିନାହିଁ ସଂସ୍କୃତି ଏକ ବଡ଼ ନିର୍ଜୀବ ଓ ମୃତବତ ପ୍ରକ୍ରିୟାର ସମାହାର ନୁହେଁ, ଏହା ଜୀବନ୍ତ, ପ୍ରବହମାନ ଓ ଗତିଶୀଳ ସଂସ୍କୃତି ଓ ପରମ୍ପରା ସମାଜର ଜୀବନ ଦର୍ଶନ, କଳା ଓ ଜାତିଗତ ଚରିତ୍ରର ସାମଗ୍ରିକ ପ୍ରତିଫଳନ । ନିଜ ସଂସ୍କୃତି ଓ ପରମ୍ପରାରେ ମୌଳିକତା ଓ ଉତ୍କର୍ଷତାର ଛାପ ରହିଛି । ଓଡ଼ିଶାର ସଂସ୍କୃତି ସମ୍ପନ୍ନ, ପାରମ୍ପରିକ ମୂଲ୍ୟବୋଧ, ଐତିହ୍ୟଦୀପ୍ତ ଓ ଲୁପ୍ତ ଗୌରବକୁ ଆଧାରକରି ଏବଂ ସମକାଳୀନ ବିକାଶଧାରାକୁ ଉପଜୀବ୍ୟ କରି ଓଡ଼ିଆମାନେ ଗୁରୁତ୍ୱପୂର୍ଣ୍ଣ ପର୍ବକୁ ପାଳନ କରିଆସୁଛନ୍ତି ।

ସଂସ୍କାର ସମ୍ପନ୍ନ ସାମଗ୍ରିକ ଜୀବନରେ ପାରମ୍ପରିକ ମୂଲ୍ୟବୋଧ ହେଉଛି ସଂସ୍କୃତି । ଏଣୁ ସଂସ୍କୃତିର ମୂଳ ଅର୍ଥ ସାଧାରଣତଃ ସମାଜର ମାର୍ଜିତ ରୁଚି ଓ ଉନ୍ନତିକୁ ହିଁ ବୁଝାଏ । ସାମୁହିକ ଜୀବନର ନୈତିକତା, ଆଦର୍ଶ, ଆଚାର, ବିଚାର, ଦେବାଦେବୀ, ଯାନିଯାତ୍ରା, ପର୍ବପର୍ବାଣୀ, ସାମାଜିକ ରୀତିନୀତି, ଭାଷା, ସାହିତ୍ୟ, ଧର୍ମ, ରାଜନୀତି, କଳା, ସ୍ଥାପତ୍ୟ, ବିଶ୍ୱାସ, ଅବିଶ୍ୱାସ, ଖାଦ୍ୟପଦାର୍ଥ, ବେଶପୋଷାକ ଓ ବ୍ୟବହାରକୁ ନେଇ ସଂସ୍କୃତି ଗଠିତ । ଉତ୍ତରାଧିକାରୀ ସୂତ୍ରରେ ଏହା ସମୟରୁ ସମୟକୁ ପରମ୍ପରାରୁ ପରମ୍ପରାକୁ ପିଢ଼ି ପରେ ପିଢ଼ିକୁ ବଳବତ୍ତର ହୋଇ ଗତିଶୀଳ ହୋଇଥାଏ । ସମୟାନୁକ୍ରମେ ମାନସିକ ଓ ଶାସ୍ତ୍ରୀୟ ସଂସ୍କୃତି ବଦଳିଥିବା ସ୍ଥଳେ ଲୌକିକ ସଂସ୍କୃତି ତାର ସ୍ୱତନ୍ତ୍ରତା ବଜାୟ ରଖୁଥାଏ । କାରଣ ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳର ପାରମ୍ପରିକ ରୀତିନୀତି ଓ ଜୀବନାଦର୍ଶ ଉପରେ ସଂସ୍କୃତି ପର୍ଯ୍ୟବେସିତ । ସୁଦୀର୍ଘ ଅତୀତରୁ ସାମାଜିକ ଉତ୍ଥାନ ପତନ ଭିତରେ ହିଁ ଉତ୍କଳୀୟ ସଂସ୍କୃତିର ଧାରା ପ୍ରଭାବିତ ହୋଇ ଆସିଛି । ଏହି ମହନୀୟ ସଂସ୍କୃତିର ଯଥାର୍ଥ ଉତ୍ତରାଧିକାରୀ ହେଉଛନ୍ତି ଉତ୍କଳବାସୀ ।

ଦେଉଳବେଢ଼ା କଲୋନୀ, ତାଳଚେର ।

# ବଖରାଏ ଘର

- ତପନ କୁମାର ସ୍ୱାଇଁ

ଭୋଦୁଅ ଆକାଶରୁ ଧିରେଧିରେ ମେଘମାନେ ଅପସରି ଗଲେଣି । ଚାରିଆଡ଼େ ଅଶିଣର ସଜବାଜ । ସବୁଜ ଧାନକିଆରିରେ ଧାନ ଆସନଗର୍ଭା । ଭୋର ହେଉ ହେଉ ବାପା ବାହାରିଲେଣି ବିଲଆଡ଼େ ଘେରାଏ ବୁଲି ଆସିବାକୁ । ଏବେ ତ ବିଲବାଡ଼ି କାମଦାମ ନାହିଁ, କ'ଣ ବା କରିବେ ବସି ବସି ବୋର ହୋଇ ଯାଉଛନ୍ତି । ସକାଳୁ ସକାଳୁ ଭଉଣୀର ଫୋନ୍ ପରେ ଫୋନ୍ । ବୋଉ ମୁଁ ଏଥର ଗାଆଁକୁ ଯାଉଛି । ଭାଇକୁ କହିବୁ ଦଶହରାକୁ ମୋ ପାଇଁ ଯେମିତି ଭଲ ଶାଢ଼ି, ମୋ ପୁଅଝିଅଙ୍କ ପାଇଁ ସାର୍ଟପ୍ୟାଣ୍ଟ କରିବ । ଦୁଇବର୍ଷ ହେବ ମୁଁ ଗାଆଁକୁ ଯାଇନି । ରାଉରକେଲାର ଦୁର୍ଗାପୂଜା ଠାରୁ କଟକର ଦୁର୍ଗାପୂଜା ଖୁବ୍ ଜାକଜମକରେ ହୁଏ । ତେଣୁ ଏଥର ପୂଜା ହାତଛଡ଼ା ଆଦୌ କରିବି ନାହିଁ । ମୁଁ ସବୁ ଝରକା ପାଖରେ ଠିଆ ହୋଇ ଶୁଣୁଥାଏ ।

ଏତିକିବେଳେ କଳାହାଣ୍ଡିଆ ମେଘ କୁଆଡ଼େ ଥିଲା ଘୋଟି ଆସିଲା । ଚାହୁଁ ଚାହୁଁ ଜୋରରେ ପବନ ସାଙ୍ଗକୁ ଘଡ଼ଘଡ଼ିରେ ଉଡ଼େଇନେଲା ଆଜବେଷ୍ଟସ୍ ଉପରେ ପଡ଼ିଥିବା ପଲିଥିନକୁ । ବୋଉ ପାଟିକରି ଧାଇଁ ଆସିଲା ଘରୁ । ଆରେ ଧ...ଧ.. ପଲିଥିନଟା ଉଡ଼ିଗଲା । ବୋକାଟା ଭଳି ଠିଆ ହୋଇ କ'ଣ ଦେଖୁଛୁ । ବୋଉ ପାଟିରେ ମୁଁ ପ୍ରକୃତିସ୍ଥ ହୋଇଗଲି । ବୋଉ ଗପି ଚାଲିଥାଏ ନିଆଁଲଗା ବର୍ଷାଟା ଅଶିଣଟାରେ ବି କୁଆଡୁ ଆସି ବର୍ଷି ଯାଉଛି । ଅସରାଏ ବର୍ଷାରେ ଘର ଭିତରେ ପାଣି ଗଳିବ । ବାପ, ପୁଅକୁ ସେଦିନୁ କହିଲିଣି ବ୍ଲକ ଆଡ଼େ ଟିକେ ସରପଞ୍ଚଙ୍କୁ ନେଇ ସେ ଇନ୍ଦିରା ଆବାସ କଥାଟା ଟିକେ ବୁଝିଆସ । କାହାର କ'ଣ ମନଯୋଗ ଅଛି । କହିଲେ କ'ଣ କହିବେ ନା ଆମକୁ ଏଥର ଇନ୍ଦିରା ଆବାସ ମିଳିବନି । ଆମେ ଅଲଗା ଦଳର ଲୋକ । ଆମର ତ ସହଜେ ବି.ପି.ଏଲ କାର୍ଡ଼ ନାହିଁ । ରାସନ କାର୍ଡ଼ ପାଇଁ ସରପଞ୍ଚଙ୍କ ପାଖରେ ସୁପାରିସ୍ କଲୁ ଯେ ସରପଞ୍ଚ କହିଲେ ତୁମର କୋଠାଘର ତିନି ବଖରାରୁ ଉର୍ଦ୍ଧ୍ୱ । ସର୍ଭେରେ ଆସିଥିବା ବାବୁଙ୍କ ଆଖିରେ କ'ଣ କଣ୍ଟା ମଡ଼ା ହେଇଥିଲା । ଘର ଗୁଡ଼ାକ ବାପ ଅଜା କାଳର ଘର । କନା ଅଛି ହେଲେ କର୍ପୁର ଉଡିଗଲାଣି । ଲୁଣ ମାରି କାନ୍ଥ ଗୁଡ଼ାକ ଝଡ଼ି ଗଲାଣି । ଘର ଉପରେ ବର, ଓସ୍ତ ଗଛ ମାଡ଼ି ଘରଭୂତ କୋଠି ହେଲାଣି । ତଥାପି ଯାଙ୍କର କୁଆଡ଼େ ସରକାରୀ ଅନୁଦାନ ମିଳିବ ନାହିଁ । ଆମ ସାହି ବୁଧିଆ କ'ଣ ଗୋଟାଏ କୁଜିନେତା ହେଇଛି ଯେ ତା ପାଖରେ ଗାଆଁଟା ଯାକର ଲୋକ ଫୁସୁରୁ ଫୁସୁରୁ ଟୁପୁରୁ ଟୁପୁରୁ ହେଉଛନ୍ତି ବାର୍ଧକ୍ୟଭତ୍ତା, ବିଧବ ଭତ୍ତା ପାଇଁ ପିମ୍ପୁଡ଼ି ଭଳିଆ ଧାଡ଼ି ଲାଗୁଛନ୍ତି ।

ବଡ଼ ଭାଇଟା ତାର ସରକାରୀ ଚାକିରି କରିଛି । ଭାଉଜ ଅଙ୍ଗନବାଡ଼ି କର୍ମଚାରୀ ଭଉଣୀକୁ ଆଶାକର୍ମୀ ରଖି ଦେଇଛି । ତଥାପି ତାକୁ ସବୁ ସରକାରୀ ଅନୁଦାନ କିଏ ଦଉଛି । ସରକାରଙ୍କର କ୍ଷୁଦ୍ର କ୍ଷୁଦ୍ର ଯୋଜନାଗୁଡ଼ାକ ଟାଣିଆଣୁଛି ଘରକୁ । କେଇଟା ଦିନରେ ଘରକୁ ମାର୍ବଲ, ଟାଇଲ ପକେଇ ଠିଆକରି ଦେଲା ଦି'ମହଲା କୋଠାଘରଟାଏ । ଆଉ ଏ ବାପ ପୁଅଙ୍କର ବଖରାଏ ଘର ଛାତ ପକାଇବା ପାଇଁ ...ଛିଛି ।

ମୁଁ ବୋଉ କଥାକୁ ଖାଲି କାନଡେରି ଶୁଣୁଥାଏ । କ'ଣ ବା କହିବି ବୋଉକୁ । ଯାହା କହୁଛି କହୁ ତାର ତ କହିବାର ହକ୍ । ଦିନଠୁ ରାତି ପର୍ଯ୍ୟନ୍ତ ଖଟି ଆମକୁ ମୁଠାଏ ଖାଇବାକୁ ଦେଉଛି । ରବେଇ ଖବେଇ ହେଲେ ହେଉପଛେ, ତା ଆଗରେ ମୁହଁ ଖୋଲିବା ମୋର ସାହାସ କରୁନଥାଏ । ମୋର ତ ଯେଉଁ ଚାକିରି ସେଥିରେ ଘରଖର୍ଚ୍ଚ, ବୋଉର ଔଷଧ, ଚାଷ, ବାସ ବିଲପାଇଁ ଖର୍ଚ୍ଚକୁ ନିଅଣ୍ଟ । ବଂଧୁବାନ୍ଧବ, ପର୍ବପର୍ବାଣୀ କଥା ପଡ଼ିଲେ ଦେହରେ ଜର ଆସେ । ପାଠପଢ଼ି ଚାକିରି ପାଇଁ ଦଉଡ଼ି ଦଉଡ଼ି ଗୋଡ଼ରୁ ଚପଲ ଘୋରି ହୋଇଗଲାଣି । ଏ ସରକାରଙ୍କ ଅମଳରେ ଲକ୍ଷଲକ୍ଷ ପାଠପଢ଼ି ବେକାର । ଆମ କଥା ନକହିବା ଭଲ । ନା ଅଛି ନିଯୁକ୍ତି ସୁଯୋଗ ନା କଳକାରଖାନା ପ୍ରତିଷ୍ଠା ନା ଶିକ୍ଷିତ ଯୁବକ ଯୁବତୀଙ୍କ ପାଇଁ କର୍ମନିଯୁକ୍ତିର ପ୍ରୋତ୍ସହନ । ସବୁ ଖାଲି ମିଛ ଭାଷଣ । ପାଣିର ଗାର । ଏକଥା କାହାକୁ କହିବୁ । ଘରେ ପୁଅଝିଅ ବେକାର ବସିଛନ୍ତି । କୁଜିନେତାଙ୍କ କଥାରେ ଟଙ୍କିକିଆ ଚାଉଳ, ବୁଢ଼ାବାପର ବାର୍ଧକ୍ୟ ଭତ୍ତା ପାଇ ଆମେ ଭୋଟ ଦେଇ ଗଢୁଛୁ ସରକାର । ନିଜ ଗୋଡ଼ରେ ଯେତିକି ବଳ ସେ ପର୍ଯ୍ୟନ୍ତ ଖଟୁଥିବ । ଅଟକିଗଲେ ତେଣିକି ଅଲଗା...

ହଠାତ ମୁଁ ଚମକି ପଡ଼ିଲି । ରାସ୍ତାଉପରେ ବାପାଙ୍କ ଡାକ ଶୁଭିଲା । ଆରେ ସପନା ଦେଖିଲୁ ଦେଖିଲୁ... ସାହି ଭିତରକୁ କ'ଣ ପୁଲିସଗାଡ଼ି ଦୁଇତିନିଟା ଗଲାଣି । କାହାର କଣ ହେଇଛି କି । ମୁଁ କାନ୍ଧରେ ଗାମୁଛାଟାଏ ପକାଇ ଲୁଙ୍ଗିଟାକୁ ପାଲଟା ମାରି ଧାଇଁଗଲି । ଯାହା ଦେଖିଲି ମୁଁ ଆଶ୍ଚର୍ଯ୍ୟ ହୋଇ ଠିଆହୋଇଗଲି । ରାସ୍ତା କାମ ନାଆଁରେ ମିଛ ଜାଲିଆତି କରି ଫଲ୍ସ ବିଲ୍ କେସ୍‌ରେ ପୁଲିସ ବୁଧିଆକୁ ଆରେଷ୍ଟ କରିଛନ୍ତି । ତା ବାପା, ବୋଉ, ସ୍ତ୍ରୀ ସମସ୍ତେ ପୁଲିସ ଗୋଡ଼ଧରି ନେହୁରା ହେଉଛନ୍ତି । ସାହିରେ ଥାଳିମାରି ଦେଲେ ଲୋକଙ୍କର ନାହିଁ ନଥିବା ଭିଡ଼ ।

ଛାତିରୁ ମୋର ଦଲକାଏ ନିଶ୍ୱାସ ବାହାରିଗଲା । ସମସ୍ତଙ୍କ ପାଟିରେ ଟୁପୁଟୁପୁ ଫୁସୁଫୁସୁ । ପାଉପାନେ । ଏମିତି କେତେ କ'ଣ । ମୁଁ ନଥ କରି ବସିପଡ଼ିଲି । ଭାବିଲି ଧିକ୍ ସେ ମାର୍ବଲ ଟାଇଲ ମଖା କୋଠାଘର । ରଙ୍ଗବେରଙ୍ଗର ଚାରିଚକିଆ ଗାଡ଼ି । ଖଦଡ଼ ପୋଷାକ ଦେହରେ ଲୁଚିଥିବା ଦେଶ ଦ୍ରୋହି ଟାଉଟରି ଆତ୍ମାର ଘୃଣ ପୋକ ବରଂ ବୋଉ ଯାହା କହୁ ପଛେ ଆମେ ଆମ ଜାଗାରେ ଠିକ୍ ଅଛୁ । ନିଜର ମୁଣ୍ଡ ଗୁଞ୍ଜିବାକୁ ଛାତଟିଏ ନଥାଉ ପଛେ ହାତ ମୁହଁକୁ ଛେଳି ଗଲା ପରି କଲବଲ ଭାଗ୍ୟ ଭଗବାନ ନ ଦିଅନ୍ତୁ । କେତେ ବେଳେ ଭାବି ଭାବି ଆସି ଘର ପାଖରେ ପହଞ୍ଚି ଗଲଣି ଅନ୍ୟ ମନସ୍କରେ । ପଲିଥିନ ଜରି ପବନର ଖଡ଼ ଖଡ଼ରେ ମୁଁ ପ୍ରୟକୃତିସ୍ଥ ହେଇଗଲି ।

ବୋଉ ଗୁଣୁ ଗୁଣୁର ଥାଏ । ପିଲାଙ୍କୁ ସିନା ମଣିଷ କରି ପାରିଲିନି ଦି ପଇସା ରୋଜଗାର କରି ଦେବାପାଇଁ ହେଲେ ତା ବାପାଙ୍କ ଭଳି ଭଦ୍ର ମଣିଷ ଛୁଆଟିଏ ତ କରି ପାରିଛି । ଧିକ୍ ସେ ନିଆଁ ଲଗା ଧନସମ୍ପତ୍ତି । ମୋ ହାଣ୍ଡିର ବାସି ପଖାଳ, ବାଡ଼ିର କଥାରୁ ଡଙ୍କ, ପୋଇନାଟି ଖାଇ ବରଂ ବଂଚିବାରେ ଆନନ୍ଦ ଅଛି । ହେଲେ ଏମିତି କୁଳାଙ୍ଗାର ଛୁଆ ଭଗବାନ ନଦେଇ କୋଟି ଗୁଣେ ଶାନ୍ତି ଦେଇଛନ୍ତି ।

ଜନସ୍ୱାସ୍ଥ୍ୟ ବିଭାଗ, ରାଣୀହାଟ ।

# ଅନୁତପ୍ତ ନିଆଁରେ ଚିନ୍ତେଇ

- ବନଲତା ସିଂହ

ମହାନଦୀ କୂଳରେ ଗୋଟିଏ ବରଗଛ, ତା' ପାଖରେ ଗୋଟିଏ ଭଙ୍ଗା ମନ୍ଦିରଟିଏ । ନିରୋଳା ନିକାଞ୍ଚନ ଜାଗାଟିଏ । ଗୋଟିଏ ଭଙ୍ଗା କୁଡ଼ିଆରେ ଚିନ୍ତେଇ ଓ ନେତି ବସିଛନ୍ତି । ଝିପିଝିପି ବର୍ଷା ହେଉଛି କିଛି ଦିନ ଆଗରୁ ଜୋରରେ ପବନ ହୋଇ କୁଡ଼ିଆର ଛପର ଉଡ଼ି ଯାଇଛି । ନେତି ଗୋଟିଏ ଜରି ମାଗି ଆଣି ବାନ୍ଧି ଦେଇ ଟିକେ ଆପଟ କରିଛି । କିନ୍ତୁ ଚନ୍ଦ୍ର ତପନ ଘରେ ବସି ଦର୍ଶନ କରନ୍ତି । ନେତି ଚିନ୍ତେଇ ଖୁଁ ଖୁଁ କରି ଚିନ୍ତେଇ କାଶୁଛି । କଙ୍କାଳ ସାର ଦେହରେ ଚମଡ଼ାଟି ଲାଗି ଯାଇଛି । ଗୋଟିଏ ଗୋଡ଼ ଗୋଟିଏ ହାତ ଅଚଳ । ପେଟକୁ ଖାଇବାକୁ ପଛେ ନ ମିଳୁ । ଟିକେ ପାଟିରେ ଅଫିମ ପଡ଼ିଗଲେ ବୁଢ଼ା ଝାଡ଼ି ଝୁଡ଼ି ହୋଇ ବସେ ।

ନେତି ଓକିଲ ବାବୁ ଘରେ କାମ କରି ମଜୁରୀ ବାବଦରେ ମାସକୁ କିଛି ପଇସା ପାଏ ଆଉ ପୁରୁଣା ଶାଢ଼ି ଆଉ ପୁରୁଣା ପ୍ୟାଣ୍ଟ ଆଣେ ନିଜେ ପିନ୍ଧି ଚିନ୍ତେଇକୁ ପିନ୍ଧେଇବାକୁ ଆଉ ଗୋଟିଏ ଓଳି ଖାଇବାକୁ ଯାହା ଦିଅନ୍ତି ସେ ସେଠାରେ ନଖାଇ ଘରକୁ ନେଇ ଆସେ । ଚିନ୍ତେଇ ସାଙ୍ଗରେ ଖାଇବାକୁ ତାକୁ ଭଲଲାଗେ । ରାତିରେ କ'ଣ ମିଳିଲେ ଖାଆନ୍ତି । ନଚେତ ନାଲି ଚା'ରେ ଲୁଣ ପକାଇ କଂସାଏ କରି ପିଇଦିଅନ୍ତି । ସେ ଯାହା ହୋଇ ଯାଉ ପଛେ ନେତି ଚିନ୍ତେଇ ପାଇଁ ଅଫିମ ଟିକେ ନିଶ୍ଚୟ କିଣିକରି ଆଣିବ । ସେଦିନ ବର୍ଷାରେ ନେତି ଯାଇ ପାରିନି ଅଫିମ ପାଇଁ । ଚିନ୍ତେଇ ରାଗି କରି ଭାଷା ଅଭାଷାରେ ନେତିର ଚଉଦପୁରୁଷ ଉଝାଳୁ ଥିଲା । ଆଉ ସହି ପାରିଲାନିନେତି । ଏଥର ପାଟି ଖୋଲିଲା  ହଇରେ ଅଳପେଇସା ଯବାନ ସମୟରେ ରିକ୍ସା ଟାଣି କେତେ ପଇସା ରୋଜଗାର କରୁଥିଲୁ ସବୁ ମଦ ପିଇ ଗଞ୍ଜେଇ ଅଫିମରେ ଉଡାଇ ଦେଲୁ । ମୋ ପୁଅ ଚେମା ପାଇଁ କ୍ଷୀର ମୁନ୍ଦିଏ ଦେଇପାରୁ ନଥିଲୁ ବାବୁ ଘର କାମକରି ପେଟ ପାଇଁ ପିଚା ପାଇଁ ଯୋଗାଡ଼ କରି ଛୁଆକୁ ମଧ୍ୟ ଖୁଆଉଥିଲା ତୁ । କେଉଁଠି ମଦ ମାଉଁସ ଖାଇ ରାସ୍ତା କଡ଼ରେ ପଡ଼ୁଥିଲୁ । ସେତେବେଳେ ମୋ କଥା ତୋ ମନରେ ଆସୁନଥିଲା । ବାବୁ ଘରୁ ଯେତିକି ଆଣୁଥିଲି... ସେଥିରେ ବି ଭାଗ ହେଉଥିଲୁ ନହେଲେ ମୋତେ ମାରି ମୋ ପିଠି ଫଟେଇ ଦେଉଥିଲୁ ।

ତୋ ପ୍ରେମରେ ପଡ଼ି ମୋ ବାପ ମାଆକୁ ଛାଡ଼ି ତୋ ସାଙ୍ଗରେ ପଳାଇ ଆସିଥିଲି । ମୁଁ ଜାଣି ନଥିଲି...ତୁ ଏତେ ଘୋଡ଼ା ମଦୁଆ ବୋଲି । ସେହିଦିନଠାରୁ ବାବୁ ଘର କାମ କରୁଛି ଆଜି ପର୍ଯ୍ୟନ୍ତ । ତୋ ଦାଉରୁ ରକ୍ଷା ପାଇବାକୁ ବାଛୁରୀ ବୟସରେ ହଳ ବୁଲାଇବାକୁ କାନ ତରାଟି ବାବୁ ସାଙ୍ଗରେ ଚିନେଇ ପଳେଇଲା ଯେ ଆଉ ଫେରିଲାନି । ଥରେ ଆସିଥିଲା ତା ତରିଲାକୁ ଧରି । ମୋତେ ନେଇ ଯିବାକୁ କିନ୍ତୁ ମୁଁ ତତେ ଛାଡ଼ି ଯିବାକୁ ଇଚ୍ଛା କଲିନି । କାରଣ ତୁ ଯାହା କର ପଛେ ତୁ ମୋର ଗେରସ୍ତ । ତଥାପି ତୁ ଚେତିଲୁନି ମୋତେ ଗାଳି ଦେଉଛୁ । ଚିନ୍ତେଇର ଦାନ୍ତ ପଡ଼ି ଗଲାଣି । ଗୋଟିଏ କି ଦୁଇଟା ଅଛି । ସେଇଆକୁ ରଗୁଡ଼ିବା ପାଇଁ ଚେଷ୍ଟା କରୁଥାଏ । କିନ୍ତୁ ପାରୁନଥାଏ । କଣ କରିବ ? ହାତ ଗୋଡ଼ ତ ଚାଲୁନି ରାଗକୁ ଚାପିରଖିବାକୁ ଇଚ୍ଛା ହେଉନଥିଲା । କାରଣ ସେ ମରଦ, ତିରିଲାଟା ଏଡ଼େ ପାଟିରେ ଗାଳି ଦେବ ସେ ସହିବ । ଅନ୍ୟଦିନ ହୋଇଥିଲେ ଗୋଟିଏ ବିଧା ମାରି ତା ପିଠିକୁ ସିଧା କରି ଦେଇଥାନ୍ତି । ନହେଲେ ଆଖି ମାରି ଛାମୁ ଦାନ୍ତ ଗଳେଇ ଦେଇଥାନ୍ତି । କିନ୍ତୁ ଆଉ କିଛି କରିପାରିବନି । ସେ ନରମ ଗଳାରେ ଡାକିଲା ନେତି...ଆ... ପାଖକୁ ଆ.. ଆଉ ରାଗେନା..ଟିକେ ଶୁଣ ।

ନେତି କହିଲା ଥାଉ ଆଉ ସୁଆଗ ଦେଖାନା । ମୁଁ ତୋତେ ଜାଣିନି । ପାଖକୁ ଡାକି ମୋ ପିଠିରେ ଗଡ଼ମା ଫୁଟେଇବୁ ନହେଲେ ଗାଲକୁ ଚାପୁଡ଼ା ଦେବୁ । ଆଉ ତୋର ମାଡ଼ ଗାଳି ସହି ପାରିବିନି । ଏଣିକି ତୋ ଦାନାପାଣି ମୋ ହାତରେ ବୋଲି ଭାବେ । ଚିନ୍ତେଇ ଦେଖିଲା ନେତି ବହୁତ ଜୋରରେ ରାଗିଛି । ସେ କହିଲା ହଉ ତୁ ପାଖକୁ ନଆ.. ସେଇଠି ଶୁଣି । ଆଚ୍ଛା କହିଲୁ ନେତି ଏ ସରକାର ମଦ, ଗଞ୍ଜେଇ, ଅଫିମ ଦୋକାନ କାହିଁକି କରିଛନ୍ତି । ପୁଣି ଖୋଲା ବଜାରରେ କ'ଣ ଆମପରି ଏ ଗରୀବ ସଂସାରକୁ ଉଜାଡ଼ିବାକୁ । ଆମଠୁ ଖଣ୍ଡେ ଭୋଟ ପାଇବା ପାଇଁ ଆମକୁ ମଦ ପିଇବାକୁ ଟଙ୍କା ଯୋଗାଇ ଦେଲେ ତୁ ଜାଣିଛୁ ? ତୁ ଯେତେବେଳେ ତୋ ବାପ ଭାଇକୁ ଛାଡ଼ି ମୋ ସାଥୀରେ ଚାଲିଆସିଲୁ । ମୁଁ ତୋ ପାଇଁ କେତେ ସ୍ୱପ୍ନ ଦେଖିଥିଲି । ଟଙ୍କା କରଜ ଆଣି ରିକ୍ସା କିଣି ଚଳେଇ ରୋଜଗାର କରିବି ବୋଲି ବରହମପୁରରୁ କଟକ ତୋତେ ନେଇ ଆସିଲି । ସେତେବେଳେ ତ ଅଟୋ ନଥିଲା । ରୋଜଗାର ବହୁତ ହେଲା ଘରଭଡ଼ା ଦେଇ ଆମେ କେତେ ଖୁସିରେ ଚଳୁଥିଲେ । ଦିନେ ଘରକୁ ଫେରିଲା ବେଳକୁ ରୋଜଗାର ଟଙ୍କାକୁ ଗଣିଲି । ପାଞ୍ଚଶହ ପଚାଶ ମୋ ମନ କେତେ ଖୁସି ଗଲା । ଭାବିଲି ନେତି ପାଇଁ ଖଣ୍ଡେ ଶାଢ଼ି ନେବି, ଆଉ ଚେମା ପାଇଁ ଜାମା ଆଉ ପେ ପେଇଁଆ କଣ୍ଢେଇ ନେବି । ଖୁସି ମନରେ ଆସୁ ଆସୁ ମଦ ଦୋକାନଟା ବାଟରେ ପଡ଼ିଲା, ମୁଁ ଜୋରରେ ରିକ୍ସା ଚଳେଇ ଚାଲି ଆସିଲି । କିନ୍ତୁ ପୁଣି ମୋ ରିକ୍ସା ଅଟକି ଗଲା ଓ ପଛକୁ ବୁଲିଚାଲିଲା । କାହିଁକି ନା ମୁଁ ସେତେବେଳକୁ ମଦର କବଜାରେ ରହି ସାରିଥିଲି । ଭାବିଲି ନେତି ରାଣ ପକାଇ କହୁଛି ଆଜି ଦିନକ ପିଇବି, ଆଉ କେବେ ପିଇବିନି, ପେଟେ ପିଇଲି । ନିଶାରେ କୁଆଡ଼େ ହଜିଗଲି । ତାପର ଦିନ ଆଖି ଖୋଲିଲାରୁ ଦେଖିଲି ରାସ୍ତା କଡ଼ରେ ମୁଁ ଶୋଇଛି ଆଉ ମୋ ପାଖରେ ମଦର ଖାଲି ବୋତଲ ଶୋଇଛି ପକେଟରେ ଗୋଟିଏ ବି ପଇସା ନାହିଁ ।


ଖାଲି ହାତରେ ଆସି ମରଦ ପଣିଆ ଦେଖାଇଲି । ଆଉ ସବୁବେଳେ ସେଇକଥା ଜାରି କଲି । ଏହିପରି ମୋର ପେଶା ନିଶା ହେଲା, ନିଶା ବି ପେଶା ହେଲା । ତେବେ ମୁଁ ବୁଝି ପାରୁନି ସରକାର ଏସବୁ କାହିଁକି କରୁଛନ୍ତି । କେତେ ଧନ ଜୀବନ ନଷ୍ଟ ହେଉଛି ।

କେତେ ଘର ଉଜୁଡ଼ି ଯାଉଛି ତଥାପି ବଡ଼ ବଡ଼ିଆଙ୍କ ପାଇଁ ବିଦେଶୀ ଆଉ ଗରୀବଙ୍କ ପାଇଁ ଦେଶୀ ଦୋକାନ କରି ସଂସାର ଭାଙ୍ଗୁଛନ୍ତି । ଖୋଲା ବଜାରରେ ଗଞ୍ଜେଇ ଅଫିମ ବିକ୍ରି ଚାଲିଛି । ପାନ ବିଡ଼ି ସିଗାରେଟରେ ଏହି ନିଶା ଦିଆ ହୋଇ ପାଠ ପଢୁଆ ପିଲା ଆଉ ଶିଶୁ ମାନେବି ପଥଭ୍ରଷ୍ଟ ହେଉଛନ୍ତି । ପଇସା ଘରୁ ଚୋରୀ କରୁଛନ୍ତି । ନିଶାସକ୍ତ ହୋଇ ଶିଶୁ କନ୍ୟା ବଳାତ୍କାର ପରି ଅଘଟଣ ଘଟେଇ ଚାଲିଛନ୍ତି । ତୁ କହ ନେତି ଏଥିରେ ଦୋଷ କାହାର ?

ମୁଁ ଆଜି ବୁଝି ପାରିଛି ନିଶା ଖାଇବାର ପରିଣାମ କ'ଣ ମୁଁ ଜାଣିପାରୁଛି । ତୁ ବୁଢ଼ି ହୋଇଗଲୁଣି ଆଉ ପାରୁନୁ ବୋଝ ଉପରେ ନଳିତା ବିଡ଼ା ପରି ମୁଁ ତୋ ଉପରେ ବୋଝ ହେଉଛି । ତୁ ଟିକେ ବିଷ ମୋତେ ଦେଇଦେ, ମୁଁ ମରିଯିବ ଆଉ ତୁ ତରିଯିବୁ । ନେତିର ଛାତିଟା ତରଳି ଗଲା । ସେ ସବୁ ଭୁଲି ଦଉଡ଼ି ଯାଇ ଚିନ୍ତେଇକୁ କୋଳକୁ ଟାଣି ଆଣି ନିଜ କାନିରେ ତା କୋରଡ଼ ଆଖିରୁ ଲୁହ ଓ ନେଂଜରାକୁ ପୋଛି ଦେଇ ତା ମୁଣ୍ଡକୁ ଧିରେଧିରେ ଆଉଁଷି ଦେଲା । ଯେତେ ହେଲେ ସେ ତା'ର ଗେରସ୍ତ । ତାର ସିନ୍ଦୂର, କେମିତି ବା ସହି ପାରିବ, ତା ମିଣିପର ଲୁହକୁ । ଚିନ୍ତେଇ ନେତି କୋଳରେ ଶୋଇ ପଡ଼ିଲା । ତା ମୁହଁରେ ଅନୁତାପ ଓ ଘୃଣାର ଛାପ ମୁହଁଟାକୁ ବିବର୍ଣ୍ଣ କରି ଦେଇଛି ।

ହେ ଭାଇ ଭଉଣୀ.. ଏ ଦେଶକୁ କଣ ନିଶାମୁକ୍ତ କରି ପାରିବାନି ? ସମସ୍ତେ କ'ଣ ଚିନ୍ତେଇ ଓ ନେତି ପରି ଦୁଃଖରେ ଝାଉଁଳି ପଡ଼ି ମାଟିରେ ମିଶିଯିବା ?

ଗଣ୍ଡରପୁର, କଟକ ।



# ସୁଖ ବୋଲି ଆମେ ଭାବୁଥାଏ ଯାହା


– ନିଶିକାନ୍ତ ପାଢ଼ୀ

ଜୀବନଟିଏ ଜିଇଁ ମରିବା ପାଇଁ ପୃଥିବୀର ପ୍ରକୃତି ଆମକୁ ସବୁକିଛି ଦେଇଛି । କିଛିଟାର ଅଭାବ ଘଟିଲେ ତାକୁ ଆମେ କୋଟି କୋଟି ଟଙ୍କା ଖର୍ଚ୍ଚ କରି କିଣିପାରିବା ନାହିଁ କି ଆମକୁ କେହି ଦେଇପାରିବେ ନାହିଁ । ଜଳ, ପବନ, ସୂର୍ଯ୍ୟକିରଣ ଏ ସବୁକୁ ଟଙ୍କା ସୁନା ଦେଇ କ୍ରୟ କରିହେବନାହିଁ । ତଥାପି ଏ ସବୁର ଗୁରୁତ୍ୱ ଉପରେ ଆମେ ନଜର ପକାଉନା ।

ଦିନେ ଗ୍ରୀକ୍ ବୀର ଆଲେକଜାଣ୍ଡାର ବିଶ୍ୱ ବିଜୟ ଅଭୀପ୍ସା ନେଇ ଭାରତବର୍ଷରେ ଭ୍ରମଣ କରୁ କରୁ ପ୍ରାତଃକାଳରେ ଜଣେ ଧ୍ୟାନସ୍ଥ ସାଧୁଙ୍କୁ ଭେଟିଲେ । ଲମ୍ବ ଜଟାଜୁଟଧାରୀ ଗୈରିକ ପରିହିତ ସାଧୁଙ୍କୁ ଦେଖି ଗ୍ରୀକ୍ ବୀରଙ୍କର ଖୁବ୍ ଦୟା ହେଲା । ମନେହେଲା ଦାରିଦ୍ର୍ୟରେ ନିଷ୍ପେସିତ ଭାରତୀୟଟିଏ ଦୁଃଖ ଓ ଯନ୍ତ୍ରଣାରେ ଅତିଷ୍ଠ ହୋଇ ଏ ଜଙ୍ଗଲରେ ବସିଛି । ଆଲେକ୍‌ଜାଣ୍ଡାର ପଚାରିଲେ, ମାନବ ! ମୁଁ ବିଶ୍ୱ ବିଜୟୀ ବୀର ଆଲେକଜାଣ୍ଡାର ତୁମ ଆଗରେ ଦଣ୍ଡାୟମାନ । କ'ଣ ତୁମର ଅଭାବ, କ'ଣ ତୁମର ଦୁଃଖ, ଏପରି ବେଶଭୂଷା ନେଇ ନିକାଞ୍ଚନ ଜାଗାରେ ଆଖିବୁଜି ବସିବା ଅପେକ୍ଷା ମୋଠାରୁ କିଛି ଧନ ଗ୍ରହଣ କରି ବିଳାସପୂର୍ଣ୍ଣ ଜୀବନ ଅତିବାହିତ କରିପାର । ସାମାନ୍ୟ ଚକ୍ଷୁ ଖୋଲି ତପସ୍ୱୀ ଉତ୍ତର ଦେଲେ, ବୀର ତୁମେ ମୋର ସମ୍ମୁଖରେ ଛିଡ଼ା ହୋଇଛ । ତୁମର ଛାଇ ମୋ ଉପରେ ପଡୁଛି । ସକାଳ ସୂର୍ଯ୍ୟୋଦୟର ପବିତ୍ର କିରଣରୁ ମୁଁ ବଂଚିତ ହେଉଛି । ଦୟାକରି ମୋ ଆଗରୁ ହଟିଯାଅ । ସୂର୍ଯ୍ୟଦେବଙ୍କର ମୁକ୍ତକିରଣ ଟିକେ ମୋ ପାଖକୁ ଆସିବାକୁ ଦିଅ । ଆଉ ମୋର କିଛି ଦରକାର ନାହିଁ । ତପସ୍ୱୀଙ୍କ ଉତ୍ତରରେ ଆଶ୍ଚର୍ଯ୍ୟ ହୋଇପଡ଼ିଥିଲେ ଗ୍ରୀମ୍ ବୀର ଏବଂ ସୁଖର ଅନ୍ୟ ଏକ ସଂଜ୍ଞା ମଧ୍ୟ ସେ ତତକ୍ଷଣାତ ପାଇ ପାରିଥିଲେ । ତେଣୁ ମଣିଷର ଜୀବନ ଦୁଃଖ ଓ ସୁଖର ସମାହାର । ଗୋଟିକ ବିନା ଅନ୍ୟଟିକୁ କେବେ ଅନୁଭବ କରି ହୁଏନାହିଁ । କିନ୍ତୁ ଦୁଃଖ ସୁଖର ପ୍ରକୃତ ସଂଜ୍ଞା ସେ ବିଷୟରେ ଆଜିର ବିଜ୍ଞାନଯୁଗର ମଣିଷମାନେ ଏ ପର୍ଯ୍ୟନ୍ତ ଅବଗତ ହୋଇପାରି ନାହାନ୍ତି । ଆଜିର ସମୟରେ ଟଙ୍କା, ସୁନା, ଜମି, ସୁନ୍ଦରୀ ସ୍ତ୍ରୀ, ସହରରେ ଜାଗା, କୋଠାଘର, ମୂଲ୍ୟବାନ୍ ଗାଡ଼ି, ଉଚ୍ଚ ପଦପଦବି ତଥା ଯୌବନକୁ ସୁଖର ଉତ୍ସ ଭାବେ ଏ ଶିକ୍ଷିତ ମଣିଷମାନେ ବିଚାର କରୁଛନ୍ତି । କିନ୍ତୁ ବିଶ୍ଳେଷଣ କଲେ ଜଣାପଡ଼େ ଯେ ଏ ମଣିଷ ପାଖରେ ଉପରୋକ୍ତ ସବୁକିଛି ଥାଇ ମଧ୍ୟ ସେ ସୁଖର ସନ୍ଧାନ ପାଇପାରି ନଥାଏ । ଆଜିକାଲିର ଦୁନିଆ ଭିତରେ ଅନେକ ଖବର ମିଳେ ଯେ, ପୁଞ୍ଜିପତି ଦମ୍ପତିଙ୍କ ମଧ୍ୟରେ ସୁସମ୍ପର୍କ ନଥାଏ କି ସ୍ନେହ ଓ ପ୍ରେମ ଭାବର ଆଦାନ ପ୍ରଦାନ ନଥାଏ । କୋଟିପତି ବ୍ୟବସାୟୀଟିଏ ଗୋଟିଏ ରାତି ବି ସମୟ ଦେଇପାରେନା ନିଜ ଜୀବନ ସାଥୀକୁ । ସମ୍ପର୍କ ତିକ୍ତ ହୁଏ । ସ୍ୱାମୀ ସ୍ତ୍ରୀର ପବିତ୍ର ସମ୍ପର୍କ ଭିତରେ ଅଶାନ୍ତି ସୃଷ୍ଟି ହୁଏ । ସନ୍ଦେହର ନିଆଁ ଅକସ୍ମାତ୍ ଜଳିଉଠେ । ସେହିପରି ସରକାରୀ ଚାକିରୀ ହେଉ ଅଥବା ରାଜନେତା ତଥା ବ୍ୟବସାୟ ହେଉ ସବୁଥିରେ ପୁଳାପୁଳା ଟଙ୍କା ରୋଜଗାର ପାଇଁ କେବଳ ଦିନରାତି ଖଟଣି । ଟଙ୍କାର ପାହାଡ଼ଟିଏ ଗଢ଼ିବା ପାଇଁ ମଣିଷ ଦିନରାତି ଖଟେ । ଟଙ୍କାର ପାହାଡ଼ ଗଢ଼ାଯାଏ । ହେଲେ ସତରେ କଣ ସେ ମଣିଷକୁ ସୁଖ ମିଳିଥାଏ । ନା କେବେ ବି ମିଳେନା । ଟଙ୍କାର ପାହାଡ଼କୁ ଜଗିବା ପାଇଁ ତା ଆଖିରୁ ନିଦ ହଜିଯାଏ । କଳାଧନ ଠୁଳାଇବା, ଅପରାଧରେ ସେ ଜେଲ୍ ଯାଏ । ତା ପରେ ତ କେବଳ ଦୁଃଖ ହିଁ ଦୁଃଖ । ତେବେ ଏଇଠି ଚିନ୍ତା କରାଯାଏ ଏପରି କାହିଁକି ହୁଏ । କେବଳ ଭ୍ରମାତ୍ମକ ଚିନ୍ତା ଓ ଚେତନାରୁ ସ୍ୱାର୍ଥ ଲୋଭ ମୋହର ବଶବର୍ତ୍ତୀ ହୋଇ ମଣିଷମାନେ ପ୍ରକୃତ ସୁଖରୁ ନିଜକୁ ବଂଚିତ କରୁଛନ୍ତି । ସାରା ବିଶ୍ୱକୁ ଆଖିଆଗକୁ ଆଣିଲେ ଦେଖାଯାଏ ଯେ ଖୁବ୍ କମ୍ ରାଷ୍ଟ୍ରରେ ଲୋକମାନେ ଅଧିକ ସୁଖରେ ବସବାସ କରୁଛନ୍ତି । ସଂଗୃହୀତ ତଥ୍ୟ ଅନୁସାରେ ଭାରତବର୍ଷର ସ୍ଥାନ ୧୧୮ ରେ ରହିଛି । ନରୱେ ପ୍ରଥମ ସ୍ଥାନରେ, ଡେ଼ନମାର୍କ ଦ୍ୱିତୀୟ ସ୍ଥାନରେ ରହିବଥିବା ବେଳେ ଶ୍ରୀଲଙ୍କା, ପାକିସ୍ଥାନ, ଚୀନ ଓ ନେପାଳର ସ୍ଥାନ ଭାରତବର୍ଷଠାରୁ ବହୁ ପଛରେ ରହିଛି । ଆମେରିକା ଜର୍ମାନୀ, ରୁଷିଆ ପରି ବି ଶକ୍ତିଶାଳୀ ରାଷ୍ଟ୍ରମାନେ ବିଜ୍ଞାନରେ ଯଥେଷ୍ଟ ଅଗ୍ରଣୀ ଥିଲେ ମଧ୍ୟ ଏହି ଦେଶର ନାଗରିକମାନେ ଅନେକ ସମସ୍ୟା ଦେଇ ଗତି କରୁଛନ୍ତି । ତେବେ ଭାରତବର୍ଷରେ ଲୋକମାନଙ୍କର ପ୍ରକୃତ ସମସ୍ୟା ଚିନ୍ତା ଓ ଚେତନାରୁ ହିଁ ସୃଷ୍ଟି ହେଉଛି । ଆବଶ୍ୟକତାଠାରୁ ଅଧିକ ଇଚ୍ଛା କରୁଥିବା ମଣିଷମାନେ ଅସଫଳ ହୋଇ ମାନସିକ ବିଷାଦଗ୍ରସ୍ଥ ହେବାର ଦେଖାଯାଉଛି । ଜୀବନଟିଏ ଜିଇଁ ମରିବା ପାଇଁ ପୃଥିବୀର ପ୍ରକୃତି ଆମକୁ ସବୁକିଛି ଦେଇଛି । କିଛିଟାର ଅଭାବ ଘଟିଲେ ତାକୁ ଆମେ କୋଟି କୋଟି ଟଙ୍କା ଖର୍ଚ୍ଚ କରି କିଣିପାରିବା ନାହିଁ କି ଆମକୁ କେହି ଦେଇପାରିବେ ନାହିଁ । ଜଳ, ପବନ, ସୂର୍ଯ୍ୟକିରଣ ଏ ସବୁକୁ ଟଙ୍କା ସୁନା ଦେଇ କ୍ରୟ କରିହେବନାହିଁ । ତଥାପି ଏ ସବୁର ଗୁରୁତ୍ୱ ଉପରେ ଆମେ ନଜର ପକାଉନା । ଆମେ ପଡ଼ୋଶୀକୁ ତୁଳନା କରୁ । ଆମେ ଜୀବନକୁ ଜୀବନ ସହିତ ଯୋଡ଼ି କମ୍ପିଟେସନ କରୁ । କିଛିଟା ହାସଲ କରି ନ ପାରିବାର ଅଭାବବୋଧ ଆମକୁ ଦୁଃଖ ଦିଏ । ଏତାକୁ ନେଇ ଈର୍ଷା କରୁ ସିନା ପରର ସୁଖରେ ସାମିଲ ହୋଇ କିଛିଟା ଆନନ୍ଦ ଆସ୍ୱାଦନ କରିବାକୁ ଆମେ କେବେ ସୁଯୋଗ ଦେଉନା । ସୁଖ ନୁହେଁ କ୍ଷଣିକ ତଥା ସାମୟିକ ଆନନ୍ଦ ଟିକେ ପାଇବା ପାଇଁ ଆମ୍ଭେମାନେ ଆଜି ଖୁବ୍ ବ୍ୟଗ୍ର । ଆନନ୍ଦ ବ୍ୟସ୍ତକୁ ନେଇ ଜନ୍ମହୁଏ । ପରିସ୍ଥିତି ପରିବେଶ ତଥା ସମୟକୁ ନେଇ ଆନନ୍ଦର ହୁଏତ ରୂପାନ୍ତରିତ ତଥା ସମୟକୁ ନେଇ ଆନନ୍ଦର ଘଟି ବିଷାଦ ଆସିପାରେ । କିନ୍ତୁ ସୁଖ କେବଳ ନିଜର ମନ ଓ ହୃଦୟ ଉପରେ ପ୍ରତିଶୃତି । ଫାଶୀ ପାଉଥିବା ମଣିଷ ମଧ୍ୟ ମୃତ୍ୟୁରୁ ଗୋଟିଏ ମୁହୂର୍ତ୍ତ ପୂର୍ବରୁ ସୁଖକୁ ଅନୁଭବ କରିପାରେ । ଯେକୌଣସି ପରିସ୍ଥିତି ମଧ୍ୟରେ ମଣିଷର ମନ ସୁଖକୁ ଠାବ କରିପାରିଥାଏ । ନିର୍ବିକାର ଚିନ୍ତା ଓ ଚେତନା ହେଉଛି ଅନନ୍ତ ସୁଖର

ଉତ୍ସ । କାମନା ବାସନାର ତ ଅନ୍ତ ନଥାଏ । କୌଣସି ମଣିଷ କେବେ ନିଜର ସମସ୍ତ କାମନା ବାସନାକୁ ପୂର୍ଣ୍ଣ କରି ମୃତ୍ୟୁବରଣ କରିନାହିଁ । ଯଦିଓ ସବୁକିଛି ମିଳିଯାଏ ତଥାପି ତ ମରିବାକୁ ହେବ ନା ଦିନେ । ହେଲେ ପ୍ରକୃତ ସୁଖୀ ମଣିଷ ଗୋଟିଏ ଶାନ୍ତିପୂର୍ଣ୍ଣ ଜୀବନଧାରାରେ ବଂଚିମରିବାକୁ ଇଚ୍ଛା କରିଥାଏ । ତେବେ ଆଜିର ମଣିଷମାନେ ଅବଶ୍ୟ ବୁଝିବାକୁ ଆରମ୍ଭ କଲେଣି । ଯୋଗ ଓ ଧ୍ୟାନ ବଳରେ ନିଜର ଚିନ୍ତା ଓ ଚେତନାକୁ ଅନ୍ତର୍ମୁଖୀ କରି ପ୍ରକୃତ ଶାଶ୍ୱତ ସୁଖର ଠିକଣାକୁ ମଧ୍ୟ ଠାବ କରିପାରିଲେଣି । ପାଶ୍ଚାତ୍ୟ ରାଷ୍ଟ୍ରର କୁବେରମାନେ ମଧ୍ୟ ଭାରତବର୍ଷର ଆଧ୍ୟାତ୍ମିକ ଗୁରୁମାନଙ୍କ ପାଖରେ ନିଜକୁ ସମର୍ପଣ କରି ଧ୍ୟାନ ଧାରଣା ଓ ସମାଧିକୁ ଶିଖି, କାମନା ବାସନା ତଥା ନିଜକୁ ମୁକ୍ତ କରି ଅନନ୍ତ ସୁଖ ପଥକୁ ଆପଣେଇ ନେଉଛନ୍ତି । ତେବେ ଅଧିକ ସୁଖ କୁଆଡ଼େ ଦୁଃଖ ଆଣିଦିଏ । ଏ ପ୍ରକାର ଏକ ନକରାତ୍ମକ ବିଶ୍ୱାସକୁ ଆପଣେଇ ସୁଖୀ ଭାରତୀୟମାନେ ମଧ୍ୟ ଦୁଃଖର ପଥକୁ ଜବରଦସ୍ତ ଆପଣେଇ ନେଉଛନ୍ତି । ଯାହାକି ଏକ ବିଡ଼ମ୍ବନା ଅଟେ ।

ଲକ୍ଷ୍ମୀସାଗର, ଭୁବନେଶ୍ୱର ।

# କି ହେବ ରାବଣ ପୋଡ଼ିଲେ

- ଜୟନ୍ତୀ ବାରିକ

ଏଇ ଅଳ୍ପ କିଛି ଦଶନ୍ଧିହେବ, ଦଶହରା ପରଦିନଟିକୁ ରାବଣପୋଡ଼ି ଉତ୍ସବ ରୂପେ ମନେଇବାକୁ ଆମେ ବେଶ୍ ତତ୍ପର ହୋଇଉଠୁଛେ । ଏଥିପାଇଁ ଏକରକମ୍ ପ୍ରତିଯୋଗିତା ଚାଲିଥାଏ । କିଏ କେତେ ସୁଉଚ୍ଚ ରାବଣର ପ୍ରତିମୂର୍ତ୍ତି ସ୍ଥାପନ କରି କେତେ ଆତଶବାଜୀ ଫୁଟାଇ କେଉଁ ମନ୍ତ୍ରୀକୁ ସଭାମଣ୍ଡିତ କରାଇବେ ବୋଲି । କୁହନ୍ତୁ ତ ଜ୍ଞାନୀଗୁଣୀଜନେ ଏ ନଡ଼ା, କାଷ୍ଠରେ ତିଆରି ରାବଣର ନିର୍ଜୀବ ପ୍ରତିମୂର୍ତ୍ତିଚିତ୍ରରେ ଅଗ୍ନିସଂଯୋଗ କରି ଧ୍ୱଂସ କରିଦେଲେ କ'ଣ ଆମ ଭିତରୁ ହିଂସା ଦ୍ୱେଷ, ଗର୍ବ ଅହଂକାର କ୍ରୋଦ୍ଧ ଭଳି ନକରାରାତ୍ମକ ଚିନ୍ତାଧାରାସବୁ ଦୂରିଭୂତ ହେବ ? ନା କାହିଁକିନା ଅନେକ ପୂର୍ବରୁ ଏ ଉତ୍ସବ ପାଳନ ହେଉଥିଲେ ବି ଏହାର ପ୍ରଭାବ ବ୍ୟକ୍ତି ଚରିତ୍ରରେ ତ ପଡୁନାହିଁ । କି ଚରିତ୍ର ସଂହାର ହେଉନାହିଁ । ଏହାଦ୍ୱାରା ବରଂ ଆହୁରି କ୍ରୋଦ୍ଧ, ହିଂସା ବୃଦ୍ଧି ପାଉଛି । ଆତିଶବାଜୀର ଶବ୍ଦତରଙ୍ଗରେ ପରିବେଶ ପ୍ରଦ୍ୟୁଷିତ ହେଉଛି । ରାବଣର ଆସୁରିକ ପ୍ରବୃତ୍ତି ଭଳି ହତ୍ୟା ନରହନ୍ତା ଇର୍ଷା କରିବାକୁ ମଣିଷ ପଶ୍ଚାତପଦ କରୁନାହିଁ । ତ୍ରେତୟା ଯୁଗର ସ୍ୱର୍ଣ୍ଣମୟ ଲଙ୍କାକଟକର ମଉଡ଼ମଣି ତ୍ରିଭୂବନବିଜୟୀ ଦଶାନନ ମରଗର୍ବରେ ଅନ୍ଧହୋଇ ହେଇପାରେ ଦୂରାଚାରୀ ପାମର ମାତ୍ର ସାଂପ୍ରତିକ ସମାଜରେ ଏମିତି କିଛି ଚରିତ୍ର ଅଛନ୍ତି ଯିଏକି ରାବଣଠୁବି ବେଶି ଭୟଙ୍କର ଭ୍ରଷ୍ଟାଚାରୀ ବ୍ୟଭିଚାରୀ ।

ରାବଣଥିଲା ମହାଜ୍ଞାନୀ ଗୁଣିପଣ୍ଡିତ ବିଶ୍ରବାଋଷିଙ୍କର ସନ୍ତାନ । ତେଣୁ ମର୍ଯ୍ୟାଦାପୁରୁଷ ରାମଚନ୍ଦ୍ର ସେତୁବନ୍ଧ ପ୍ରତିଷ୍ଠା ନିମନ୍ତେ ରାବଣକୁ ହିଁ ଆଚାର୍ଯ୍ୟ ରୂପେ ବରଣ କରିଥିଲେ । ରାବଣ କ୍ରୋଧ, ମଉଗର୍ବରେ ଅନ୍ଧହେଇ ଯେଉଁ ପାପ କରୁଥିଲା ପ୍ରାୟଶ୍ଚିତ ପାଇଁ ସେତୁବନ୍ଧ ପ୍ରତିଷ୍ଠାପରେ ଦକ୍ଷିଣା ସ୍ୱରୂପ ରାମଙ୍କ ହସ୍ତରେ ମୃତ୍ୟୁ ବରଣ କରିବ ବୋଲି ଭିକ୍ଷା ମାଗିଥିଲା । କୌଣସିନା କୌଣସି ସମୟରେ ସେ ଜାଣିପାରେ ସେ ପାପିଷ୍ଠ ବୋଲି, ମାତ୍ର କଳିଯୁଗର ମୁଖାପିନ୍ଧା ଚରିତ୍ରମାନେ ନିଜକୁ ଅନୁଧ୍ୟାନ ନକରି ପାପାସକ୍ତ ହୋଇ କାମନାରେ ଅନ୍ଧହୋଇ ନାବଳୀକାକୁ ଧର୍ଷଣ କରିବାଠୁ ଆରମ୍ଭ କରି ଏକ ତରଫା ପ୍ରେମକରି ଏସିଡ଼ ଫିଙ୍ଗିବା, ତଣ୍ଟିଚିପି ହତ୍ୟା କରିବା । ନାରୀ ସହିତ ହିଂସ୍ର ଓ ଅଶ୍ଳୀଳ ଆଚରଣ କରିବାକୁ ପଶ୍ଚାତପଦ ହୁଅନ୍ତି ନାହିଁ । ଏଇମାନେ ତ ...ତ୍ରେତୟା ଯୁଗର ରାବଣ ଜାଣିଥିଲା ନାରୀ ହିଁ ଶକ୍ତିର ପ୍ରତୀକ ପ୍ରତ୍ୟକନାରୀ ମାତୃ ସମାନ । ଉଦାହରଣ ସ୍ୱରୂପ ଭଗ୍ନିପ୍ରେମରେ ଅନ୍ଧ ହୋଇ ରାବଣ ପ୍ରତିଶୋଧ ପରାୟଣ ହୋଇ ଅବଶ୍ୟ ସୀତାଙ୍କୁ ଚୋରି କରିଥିଲା । ମାତ୍ର ସମମ୍ମାନେ ନେଇ ସୁରମ୍ୟ ବାନନୀ ଅଶୋକବନରେ ଅନେକ ଅଶୁରୀଙ୍କ ମେଳରେ ତ୍ରିଜଟା ତତ୍ତ୍ୱାବଧାନରେ ସୁରକ୍ଷିତ ଭାବେ ସୀତାଙ୍କୁ ବନ୍ଦିନକରି ରଖିଥିଲେ ବି କେବେବି ସ୍ପର୍ଶ କରିନଥିଲା । ପ୍ରାତକାଳେ ରାବଣ ଅନ୍ତଃପୁରୀରୁ ଆସି ସୀତାଙ୍କୁ ସାଷ୍ଟାଙ୍ଗେ ପ୍ରଣାମ କରୁଥିଲା ଦେବୀ ମା' ବୋଲି । ଯେହେତୁ ରାବଣ ନିକସା ରାକ୍ଷସୀ ଗର୍ଭରୁ ଜନ୍ମ ନେଇଥିଲା ତେଣୁ ଅସୁର ସ୍ୱଭାବ ତ ନିଶ୍ଚୟ ରହିବ ଗୁଣ ଶୁଭ୍ରୟ ଅନୁଯାୟୀ । ୟଅନେକ ରାମାୟଣରେ କଥା ଅଛି ରାବଣ ରାମଙ୍କ ହସ୍ତରେ ସ୍ୱର୍ଗ ପ୍ରାପ୍ତି ହେବ ବୋଲି ଜାଣି ଶୁଣି ସତୀ ସୀତାଙ୍କୁ ଅନତି ଦୂରରେ ଥାଇ ପ୍ରେମ ନିବେଦନ କରୁଥିଲା । ଏ ସୁନ୍ଦରୀ ମତେ ବରଣ କର, ଏ ସ୍ୱର୍ଣ୍ଣମୟୀ ଲଙ୍କା କଟକରେ ମହାରାଣୀ ହୋଇ ରହିବୁ । ମନ୍ଦୋଦରୀ ତୋର ପାଦସେବା କରିବ । ସେ ଜଟାଧାରୀ ବନବାସୀ ରାମ ପାଖରେ କ'ଣ ଅଛି ? ଏ ଭକ୍ତିରୁ ଜଣାପଡ଼େ ରାବଣ ଅସୁର ହେଲେ ବି ନାରୀ ମାଂସ ଲୋଭୀ ନଥିଲା । ମାତ୍ର କଳିଯୁଗରେ ଆମ ସମାଜରେ ଏମିତି ନରାଧମ ରାକ୍ଷସ ୟଅଛନ୍ତି ଯେ କି ବିନା ଦ୍ୱିଧାରେ ନାରୀର ରକ୍ତ ମାଂସକୁ ତିଳ ତିଳ କରି ଶୋଷି ଚାଲିଛନ୍ତି ଆତ୍ମା ଶାନ୍ତି ହେବାଯାଏ । ସ୍ଥାନ, କାଳ, ପାତ୍ର, ଜନନୀ, ଭଗିନୀ, ଜାୟା ଭୁଲି ପିଶାଚମାନେ ତୁମୁଳ କାଣ୍ଡ ଘଟାଉଅଛି । ତେଣୁ ତ୍ରେତୟାଯୁଗର ରାବଣଠାରୁ ଏମାନେ କମ୍ ନୁହଁନ୍ତି । କହିବାର ବାହୁଲ୍ୟ ଯେ ନଡ଼ାକାଷ୍ଟରୂପୀ ରାବଣ ସ୍ଥାପନ କରି ଅଗ୍ନିସଂଯୋଗ କରିବା ପରିବର୍ତ୍ତେୟ ନିଜ ବିବେକ, ଆତ୍ମା ମନ ଓ ମାନସିକତା ଉପରେ ଯଦି ସଂଯମତାର ଦ୍ୱୀପଟିଏ ଜାଳି ଦିଅନ୍ତେ ଏଇ ବାସ୍ତବ କାମାନ୍ଧମାନେ ନିଶ୍ଚୟ କୁପଥରୁ ସୁପଥଗାମୀ ହେବା ସହିତ ସମାଜରେ ଶାନ୍ତି, ମୈତ୍ରୀ, ଭାଇଚାରାର ଏକ ସୁଉଚ୍ଚ ଅଟାଳିକା ଦଣ୍ଡାୟମାନ ହୁଅନ୍ତା । ସେ ଶାନ୍ତିର ଅଟାଳିକାରେ ଲେଖାହୁଅନ୍ତା ବସୁଧୈବ କୁଟୁମ୍ବକମ୍, ଆଗାମୀ ପିଢ଼ିମାନଙ୍କ ପାଇଁ ଏ ବାର୍ତ୍ତା ଆଣି ଦିଅନ୍ତା ନିଶ୍ଚୟ ଆମେ ସମସ୍ତେ ଭାରତୀୟ ମେରା ଭାରତ ମହାନ୍ ।

ସାର୍ତ୍ତୋଳ, ନୂଆବଜାର, କଟକ ।

# ଆମ ଗାଆଁରେ ହୋଲି

- ଅମରନାଥ ବାରିକ୍

ସକାଳୁ ଉଠି ଗାଧୋଇ ପାଧୋଇ ଆମ୍ବଡାଳ, ଅଁଳାଡାଳ, ଦୁବ ବରକୋଳି ପତ୍ର ମାଟି କଳସରେ ରଖି ନୂଆ ଧାନ ଦେଇ ଦାଣ୍ଡ ଦୁଆରେ କୁମ୍ଭ ବସେଇଲି । କାଲି ଘର ଅଗଣା ଲିପାପୋଛା କରି ଦେଇଥିଲି । ବାକି ଥିଲା ସବୁଆଡ଼େ ଚିତାପଇତା ପକେଇବା ତାହାବି କାଲି ରାତିରେ ସାରି ଦେଇଥିଲି । ନହେଲେ ଆଜି ଆହୁରି ବିଳମ୍ବ ହୋଇଥାନ୍ତା । ଏତିକି କଥା ମନରେ ଭାବୁ ଭାବୁ ମୋ ପୁଅ ଆକାଶର ଫୋନ୍ ଆସିଲା ଦିଲ୍ଲୀରୁ । ତା ବାପା ମୋତେ ଡାକ ଛାଡ଼ିଲେ ଏ ରେବତୀ କୁଆଡ଼େ ଗଲ ଶୀଘ୍ର ଧାଇଁଆସ ଆମ ପୁଅ ଆକାଶର ଫୋନ କରିଛି ଦିଲ୍ଲୀରୁ । ତାହା ଶୁଣି ମୁଁ କହିଲି ଆଗ ଦିଅ ମୁଁ ଟିକେ କଥା ହୁଏ । ମୋ ପୁଅ ଦୁଇମାସ ପରେ ଫୋନ୍ କରିଛି । ଆକାଶ କହିଲା ବୋଉ ତୁ କ'ଣ କରୁଛୁ ? ଏଇ କଥା ଟିକେ ଶୁଣି ଦେଇ ମୋ ଆଖି ଲୁହ ଓଠ ପାଖରେ ପହଞ୍ଚିଲା । ଆରେ ପାଗଳା ତୁ କୁଆଡ଼େ ଯାଇଥିଲୁ ଦୁଇମାସ ହେଲାଣି ? ଆଜି ତୋ ବୋଉ କଥା ମନେ ପଡ଼ିଲା କେମିତି ଅଛି । ଆକାଶ କହିଲା ନାଇଁଲୋ ବୋଉ ବାପା ସିନା ପାଠ ପଢ଼ାଇ ଇଂଜିନିୟର କରି ଦିଲ୍ଲୀ ପଠାଇ ଦେଲେ ଲୋ । ହେଲେ ତୋ କଥା ଆଉ ବାପାଙ୍କ କଥା ସବୁବେଳେ ମୋର ମନେ ପଡ଼େ । ମୁଁ କ'ଣ କରିବି ଏଠି ତ ଯାବତୀୟ କାମ । ଅଫିସରେ ଏତେ ବ୍ୟସ୍ତରେ ରହୁଛି ଯେ ତୋ ବୋହୂ ଦେଇଥିବା ଟିଫିନ ବି ଖାଇ ପାରୁନାହିଁ । ଛାଡ଼ ସେ ସବୁ କଥା ତୁ ଆଗ କହ ଆଜି ପରା ଦୋଳ ପୂର୍ଣ୍ଣମା ତୁ ପିଠା, କ୍ଷୀରି କରିଛୁ ନା ? ମୋର ଭାରି ଇଚ୍ଛା ହେଉଛି ତୋ ହାତ ତିଆରି ପିଠା, କ୍ଷୀରି ଖାଇବା ପାଇଁ । ବାପାଙ୍କର ସେଇ ଓଗାଳ ବୋଲା ଗାଁ ମୁଣ୍ଡରେ ବାଡ଼ି ଖେଳ, ଅବୀର ବୋଳା କଥା ବହୁତ ମନେ ପଡୁଛି । ଏଥର ଆମ ଗାଁ ଗୋପବନ୍ଧୁ ଠାକୁର ମୂର୍ତ୍ତି କେତେ ବଡ଼ ତିଆରି ହୋଇଛି କି ବୋଉ ?

ହଁ ରେ ପାଗଳା ସବୁ ତ ଧୁମଧାମରେ ହେଉଛି । ହେଲେ ତୋ ବିନା ଆମକୁ କିଛି ଭଲ ଲାଗୁନାହିଁ । କାଲି ସନ୍ଧ୍ୟାରେ ଆର ସାହି ରଘୁଆ ମଉସା ଆମ ଘରକୁ ଆସିଥିଲେ । ତୋ କଥା ପଚାରି ବହୁତ ମନ ଦୁଃଖ କରୁଥିଲେ । କହିଲେ ଆମ ଆକାଶଟା ଗଲା ଦିନରୁ ଆଉ କେହି କୃଷ୍ଣଙ୍କ ଅଭିନୟ କରିପାରୁନାହାନ୍ତି । ତା ବିନା ପଡ଼ିଆରେ ମଞ୍ଚ ଖାଲି ରହିଛି । ଆଉ ଦୋଳ ନାଟକ ହେଉନାହିଁ । ହଉ ତୁ ଏବେ କହ ମୋ ବୋହୂ ନନ୍ଦିନୀ, ଆଉ ମୋ ନାତିଟୋକା କ'ଣ କରୁଛନ୍ତି/ ସେ ଭଲରେ ଅଛନ୍ତି ତ । ମୋ କଥା ପାଟିରୁ ସରିନାହିଁ ଆକାଶ ଟିକେ ମୁରୁକି ହସିଦେଲା । ଠିକ୍ ଏହି ସମୟରେ ତା ବାପା ମୋତେ ଏପଟରୁ କହିଲେ ଆରେ ଆମ ଆକାଶ, ବୋହୂ ନନ୍ଦିନୀ ଓ ନାତିଆଟୋକା ସମସ୍ତେ ଗାଡ଼ିରେ ବସି ଫୋନ୍ କରୁଛନ୍ତି । ସେମାନେ ସମସ୍ତ କାଲି ଆସି ପହଞ୍ଚିବେ ଘରେ । ଏତକ ଶୁଣିସାରିବା ପରେ ଆକାଶର ବାପାଙ୍କଠାରୁ ମୋ ଗୋଡ଼ ଆଉ ତଳେ ରହିଲା ନାହିଁ । ମୁଁ ଆକାଶକୁ କହିଲି ହଉରେ ଧନ ତୁ ରେଳରେ ବସିଛୁ ବେଶି କଥା ହୁଅନାହିଁ ଏବେ ଫୋନ୍ ରଖ । ଭଲରେ ଆସି ଘରେ ପହଞ୍ଚ ।

ମୋତେ ରାତିଟା ଲାଗୁଥାଏ ଯୁଗପରି ।ରାତି ପାହି ସକାଳ ପାଞ୍ଚଟା ସମୟରେ ଆକାଶ ସହିତ ବୋହୂ ନାତି ସମସ୍ତେ ଆସି ଘରେ ପହଞ୍ଚିଗଲେ । ସେଦିନ ଥାଏ ହୋରି ଖେଳ । ସେମାନେ ସମସ୍ତେ ହାତଗୋଡ଼ ଧୂଆ ଧୋଇ ହୋଇ ଲୁଗା ପଟା ବଦଳେଇ ଆସିଲେ । ଆମେ ସମସ୍ତେ ଠାକୁର ଘରେ ବସି ରାଧା କୃଷ୍ଣଙ୍କ ପାଦ ଯୁଗଳରେ ଅବୀର ଲଗେଇ ତା ପରେ ପରସ୍ପର ମଧ୍ୟରେ ଅବୀର ବୋଳିହେଲୁ । କିନ୍ତୁ ଆକାଶର ମନ ଘରେ ଲାଗୁନଥାଏ । ସେ ଖାଲି ତରତର ହେଉଥାଏ । କେମିତି ଗାଁ ସାହିରେ ଯାଇ ତା ସାଙ୍ଗ ମାନଙ୍କ ମେଳରେ ହୋରି ଖେଳିବ । ଗୋପବନ୍ଧୁ ଠାକୁରଙ୍କ ପାଖରେ ଲଗେଇଥିବା ଭୋଗ କଦଳୀ, ଫଳ, ଛେନା, ନଡ଼ିଆ, ପିଠା, କ୍ଷୀରି, ମିଠା, ଲହୁଣୀ ଇତ୍ୟାଦି ଆଣି ସମସ୍ତଙ୍କୁ ଖାଇବାକୁ ଦେଲେ । ତାହା ସବୁ ଦେଖି ଆମ ଆକାଶର ପୁଅ, ଏଇବା ଆମ ନାତିଟୋକା ସାତ ବରଷର ହେବ । ତା ମାଆ ନନ୍ଦିନୀକୁ କହିଲା - ମାମା, ଏ ସବୁ କ'ଣ ? ତା ଜେଜେ କହିଲେ ଆରେ ନାତି ଆଜିପରା ହୋରି ଖେଳ । ପାଞ୍ଚଦିନ ପର୍ଯ୍ୟନ୍ତ ଆମେମାନେ ସମସ୍ତେ ଏମିତି ଥୁରଆଅନ୍ନ, ଡାଲମା, ପୁରି, ଫଳମୂଳ, ଭୋଗ ଆଦି ଖାଇବା । ଗାଁରେ ଦୋଳ ଠାକୁର ବସିବେ । ବାଡ଼ିଖେଳ, ଓଗାଳବୋଲା, ଭଜନ, କୀର୍ତ୍ତନ, ଅବୀରବୋଳା, ଗୋମାତାଙ୍କୁ ପୂଜା କରିବା, ଭୋଜି ଭାତ ବଣ୍ଟାକୁଣ୍ଟା ଇତ୍ୟାଦି ହେବ । ଏଇଟା ଆମ ଗୋପାଳମାନଙ୍କର ପୂର୍ବ ପୁରୁଷରୁ ରହି ଆସିଥିବା ପରମ୍ପରା ଦୋଳପର୍ବ । ଯିଏ ଯେଉଁଠି ଥାଆନ୍ତୁ ନା କାହିଁକି ଏହି ପର୍ବରେ ସମସ୍ତେ ଗାଁକୁ ଫେରିବେ । ବନ୍ଧୁ ବାନ୍ଧବ ସମସ୍ତେ ଆସନ୍ତି । ପରସ୍ପର ମଧ୍ୟରେ ଭଲ ସମ୍ପର୍କ ସ୍ଥାପନ କରନ୍ତି ।

ନାତି ସବୁ ଶୁଣିସାରିବା ପରେ କହିଲା ଜେଜେ କିନ୍ତୁ ଦିଲ୍ଲୀରେ ଆମେ ରହୁଥିବା ସୋସାଇଟିରେ ସବୁ ଲୋକମାନେ ହୋଲି ସେଲିବ୍ରେଟ କରନ୍ତି । ଡିଜେ ବଜାଇ ନାଚନ୍ତି । ମୋ ଫ୍ରେଣ୍ଡମାନେ ମୋତେ ରଙ୍ଗ ଲଗାନ୍ତି । ଆଉ ଅଙ୍କଲ ଆଣ୍ଟି ଆସି ପାପାମାନଙ୍କ ଉପରେ କଲରଫୁଲ ପାଣି ଢ଼ାଳିଦିଅନ୍ତି । କିଛି ଲୋକମାନେ ନିଜର କପଡ଼ା ଚିରି ଫିଙ୍ଗାଫିଙ୍ଗି କରନ୍ତି ଏବଂ ସମସ୍ତେ ବଡ଼ ପାଟିରେ କୁହନ୍ତି ହ୍ୟାପି ହୋଲି । ଶେଷରେ ନାତିଟୋକା କଥା ଶୁଣି ଆମେମାନେ ସମସ୍ତେ ହସି ହସି ମଜା କଲୁ ।

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର ।

# ବିଡ଼ମ୍ବନା

- କୁନଲତା ତ୍ରିପାଠୀ

ଭାଗ୍ୟର ବିଡ଼ମ୍ବନା, କେଉଁ ଅତୃପ୍ତ ଦେବତାଙ୍କ ଅଭିଶାପର ଫଳ କିମ୍ବା ପ୍ରାରବ୍ଧର ଭୋଗ, କିଛି ଭାବି ପାରେନା କ'ଣ ପରିପୂର୍ଣ୍ଣ ଯୌବନକୁ ଉପଭୋଗ କରିବା ସମୟରେ ବୈଧବ୍ୟ ଯନ୍ତ୍ରଣା କେତେ ଯେ ଉତ୍କଟ ଯିଏ ଅଙ୍ଗେ ନିଭେଇଛି ସେ ଜାଣିଛି । ଆଖିକୋଣର ଲୁହ ଶୁଖିନି । ଯେତେବେଳେ ଯୌବନର ଜୁଆରିରେ ଢ଼େଉ ଖେଳୁଥିଲା ତା ଦେହରେ ସେତେବେଳେ ତାର ଦୁଃଖଦ ଅବସ୍ଥା ସେହି ତ ଭଲ ପାଠ ହୁଏନା ବୋଲି ବାପା ତାକୁ ଖୁବ୍ କମ୍ ବୟସରୁ ବାହା ଦେଇଥିଲେ । କ'ଣ ଦେଖି ତାକୁ କୁଆଡ଼େ ସରଗର ପରିଟେ ପରି । ବାପାମାଙ୍କର ଗେହ୍ଲା ଝିଅ । ଜାନି ଯୌତୁକ ଦେବାରେ ହେଳା କରି ନଥିଲେ ବାପା । ତେଣୁ ଅକ୍ଳେଶରେ ବିଦ୍ୱାନ ଚାକିରିଆ ଜୋଇଁ ମିଳିଗଲା । ରାଜକୁମାର ପରି ଚେହେରା ଆକର୍ଷଣୀୟ ବ୍ୟକ୍ତିତ୍ୱ । ବାହାଘର ବର୍ଷେ ନ ପୁରୁଣୁ କୋଳ ପୂର୍ଣ୍ଣ କରି ଦେବଶିଶୁ ପରି କନ୍ୟା ସନ୍ତାନଟିଏ ପ୍ରାପ୍ତ ହେଲା ଜାଣ । ପରବର୍ଷ ପୁଣି ପୁତ୍ର ସନ୍ତାନର ପ୍ରସବ । ସବୁ ସୁଖ, ସବୁ ଆନନ୍ଦ ଯେମିତି ଅଜାଡ଼ି ହୋଇ ପଡ଼ିଲା ତା ଉପରେ । ଅଥଚ ଏତେବଡ଼ ସୁଖ ସଂସାରକୁ ଭଗବାନ ସହି ପାରିଲେନି ବୋଧେ । ଅଚାନକ ସ୍ୱାମୀଙ୍କର ଅକାଳ ବିୟୋଗ ତା ଜୀବନ ଦରିଆରେ ଜୁଆର ବଦଳରେ ଭଟ୍ଟା ପକାଇ ଦେଲା । ପାଣି ଫୋଟକା ପରି ତାର ସାମୟିକ ଆନନ୍ଦ କ୍ଷଣ ଭଙ୍ଗୁର ଦୁନିଆଁରେ ଜଡ଼ତାରେ ଅନ୍ୟତ୍ର ପ୍ରୟମାଣିତ ହେଲା । ଆକସ୍ମିକ ଭାବେ ଘଟଣା ବହୁଳ ଜୀବନ ମଧ୍ୟରେ ଅନେକ ଅଘଟଣକୁ ସାମ୍ନା କଲାଣି ସେ ।

ଯିଏ ଦିନେ ଘରର ଚାରିକାନ୍ଥ ଡେଇଁ ବାହାର ଦୁନିଆଁକୁ ପାଦ କାଢ଼ିବାକୁ ପସନ୍ଦ କରୁନଥିଲା । ଏବେ ତା ଉପରେ ଗୋଟେ ପରିବାର ଚଳାଇବାର ଗୁରୁ ଦାୟିତ୍ୱ । ଗାଁରୁ ସହର ସହରରୁ ଗାଁ । ବାପଭାଇ, ଶାଶୁ ଶ୍ୱଶୁର, କେତେଦିନ ଅପା ସାହାଯ୍ୟ କରିପାରିବେ ଆର୍ଥିକ ସଂକଟ, ଦେଖା ଦେବା ସ୍ୱାଭାବିକ ।

ଜିତା ତା ନିଜ ଗୋଡ଼ରେ ଠିଆ ହେବାକୁ ସଂକଳ୍ପ କଲା । ଅନୁକମ୍ପା ମୂଳକ ନିଯୁକ୍ତି ରିହାଇବିଲିଟିଟେସନ ଆସିଷ୍ଟାନ୍ସ ସ୍କିମ୍ ଜରିଆରେ ସରକାରୀ ଚାକିରୀ ଖଣ୍ଡକ ଅବଶ୍ୟ ହାତଛଡ଼ା କରିବାକୁ ପଡ଼ି ନଥିଲା ତାକୁ । ଜ୍ଞାନ ବୁଦ୍ଧି ଖଟାଇ ମାଡ଼ି ମକଚି ଆଗକୁ ମାଡ଼ିଯିବାର ଚେଷ୍ଟା ଦୁଇ ଦୁଇଟା ବାପା ଛେଉଣ୍ଡ ପିଲାଙ୍କର ଭବିଷ୍ୟତ ତା ହାତରେ । ଆଜି କାଲିକା ଯୁଗରେ ପେଟକୁ ମୁଠେ ଦାନା, ଦେହକୁ ଖଣ୍ଡେ କନା ହୋଇଗଲେ ତ ଚଳିବ ନାହିଁ, ଉପଯୁକ୍ତ ଶିକ୍ଷା ସଭ୍ୟତା ଓ ସଂସ୍କୃତିର ଜୀବନର ମାନଦଣ୍ଡ ମାପିବାକୁ ପଡ଼ିବ । ତେବେ ସିନା ଅନ୍ୟମାନଙ୍କ ସହିତ ପାଦ ମିଳାଇ ସେମାନେ ଆଗକୁ ଚାଲିପାରିବେ ।

"ଅବିଦ୍ୟାଂ ଜୀବନ ଶୂନ୍ୟଂ ଦିଗଶୂନ୍ୟଂ ଚ ବାନ୍ଧବାଃ
ଅପୁତ୍ରୟିକ ଗୃହ ଶୂନ୍ୟଂ ସର୍ବର୍ଯ୍ୟ ଶୂନ୍ୟଂ ଦରିଦ୍ରତା ।"

ପିଲାମାନଙ୍କ ପାଇଁ ଆର୍ଥିକ ସୁବିଧା ହେଉ । ସେମାନେ ଦାରିଦ୍ର୍ୟତା କଷାଘାତରେ ପିଡ଼ୀତ ନ ହୁଅନ୍ତୁ । ଏହାହିଁ ଜିତାର ମହତ୍ ଲକ୍ଷ । ଯନ୍ତ୍ରଟିଏ ପରି ଅଫିସ୍ ଅଫିସରୁ କ୍ୱାଟର । ତା ସହିତ ବଜାର ସଉଦା, ପିଲାମାନଙ୍କ ପାଠପଢ଼ା, କମେିତି ଧରା ବନ୍ଧା ନିୟମରେ ପଡ଼ିଗଲାଣି । ପିଲାମାନଙ୍କ ମୁହଁରେ ହସ ଟିକେ ଦେଖିବାକୁ ତା ହୃଦୟ ଚିର ବ୍ୟାକୁଳ । ତଥାପି ପିଲାମାନେ ତାଙ୍କର ବାପାଙ୍କର ଅନୁପସ୍ଥିତିକୁ ଅନୁଭବ କରନ୍ତି । ସେମାନଙ୍କ ଦରୋଟି ତୁଣ୍ଡର ଭାଷା, ବୁଝି ନ ପାରେନି ଜିତା । କେଉଁ ଯୁଗଯୁଗର ଯନ୍ତ୍ରଣାର ବୋଝ ଯେମିତି ମୁଣ୍ଡରେ ଲଦି ହୋଇପଡ଼େ ତା'ର । କେଉଁ ଅଦମ୍ୟ ପିପାସା ତାକୁ ଉତ୍କଣ୍ଠିତ କରେ ।

ବିପଦର ଆଶଙ୍କାରେ ଆତଙ୍କିତ ହୋଇପଡ଼େ ସେ । କେଉଁ ଆଦିମ ଯୁଗର କ୍ଷୁଧା ତାକୁ ଅଥୟ କରେ । ପିଲାମାନଙ୍କ ଧୋ ବାଇଆ ଗୀତ ବୋଲି କୋଳରେ ଶୁଆଇ ଦେଲେ ବି ରାତି ରାତି ଉଜାଗର ରହିବାକୁ ପଡ଼େ ତାକୁ । ମଣିଷର ଗୋଟେ ସହଜାତ ପ୍ରବୃତ୍ତି ଅଛି । ତାକୁ ଚରିତାର୍ଥ କରିବାକୁ ମଣିଷ ଲାଳାୟିତ ହୁଏ । ସୁଯୋଗକୁ ହାତଛଡ଼ା ନ କରି ପାଇଲା ମାତ୍ରେ, ସେଥିରୁ ଲାଭ ଉଠାଇବାକୁ ଚେଷ୍ଟା କରେ । କିନ୍ତୁ ସ୍ୱୟଂ ଭଗବାନ ଯେତେବେଳେ ପକ୍ଷପାତତା କରନ୍ତି, ମଣିଷଟା ନିସ୍ୱ ହୋଇପଡ଼େ ତାର ନିଜତତ୍ୱ ହରାଇ ବସି ସେ କ୍ରିଡ଼ନକ ସାଜେ ।

ପ୍ରକୃତି ବିରୁଦ୍ଧରେ ସ୍ୱର ନ ଉଠାଇଲେ ବି ନିଜର ବ୍ୟର୍ଥ ଜୀବନକୁ ଜିତା ସଂଜତରେ ରଖେ । ଥିଲେ ଥାଉ ପଛେ ଗୁଣ ହଜାର ଚରିତ୍ର ନଥିଲେ ସବୁ ଅସାର । ଦିନକୁ ଦିନ ଚରିତ୍ର ପ୍ରତି ବେଶ୍ ସଚେତନ ହୋଇ ପଡ଼େ ସେ । "ଋଣ କର୍ତ୍ତା ପିତା ଶତ୍ରୁ । ମାତ୍ର ଚ ବ୍ୟଭିଚାରିଣୀ ।" ପିଲାମାନଙ୍କ ପାଖରେ ନିଜକୁ ସମୟକୁ ଛୋଟ କରିଦେବାକୁ ଚାହେଁନା ସେ । ଚାକିରି କଲାପରେ ଅନେକ ତା ପିଛା କରିଛନ୍ତି । ଶଙ୍ଖା, ସିନ୍ଦୁରର ଲୋଭ ଦେଖାଇ ଆଉ ଗୋଟେ ନୂଆ ସଂସାର ଗଢ଼ିବାର ସ୍ୱପ୍ନ ଦେଖାଇଛନ୍ତି । ମାତ୍ର ଯେତେ ପ୍ରବର୍ତ୍ତାଇଲେ ବି ଖୁବ୍ ସହଜରେ ଏଡ଼ି ଦେଇଛି ଜିତା । ଏହି କ୍ଷଣସ୍ଥାୟୀ ଜୀବନରେ, ଯୌବନ ଯେ ଚିରସ୍ଥାୟୀ ନୁହେଁ ଏ କଥା ତ ତାକୁ ବୁଝାଇବାକୁ ପଡ଼ିବ ।

ଚାହୁଁ ଚାହୁଁ ଯା ଭିତରେ ଅନେକ ଦିନ କଟିଗଲାଣି । ମମ ଆଉ ସି ଏସ ଇର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛି । ପୁଅ ଲିଟୁ ଆର ବର୍ଷକୁ ଆଉ.ସି.ଏସ.ଇ ପରୀକ୍ଷା ଦେବ । ଝିଅ ପିଲାଟା । ଉଚ୍ଚ ଶିକ୍ଷା ପାଇଁ ବିଷୟ ବାଛିବାକୁ ହେବ । ତା ପାଇଁ ପୁଣି ଆଡ଼ମିଶନ ଅବଶ୍ୟ ସଂଚିତ ଟଙ୍କା ଅଛି । ହେଲେ ଲୋକ ବଳ କାହିଁ? ଘୋଡ଼ା ଦୌଡ଼ରେ ସାମିଲ ହୋଇ ଅନେକଥର ଯିବା ଆସିବା କରିବାକୁ ପଡ଼ିବ ।

ପାଣିବାବୁ ଅଫିସରେ ନୂଆ ଯୋଗ ଦେଇଛନ୍ତି । ଜାଣିବା ଶୁଣିବା ଲୋକ । ଅଫିସ କାର୍ଯ୍ୟରେ ଯେମିତି ଦକ୍ଷତା ଅନ୍ୟାନ୍ୟ କାମରେ ବି ସେମିତି ଦକ୍ଷ । ନେଇ ଆଣି ଥୋଇଲା ବାଲା । ବ୍ୟବହାରରେ ସମସ୍ତଙ୍କୁ ମୁଗ୍ଧ କରନ୍ତି ସେ । ଅଫିସରେ ସମସ୍ତେ ତାଙ୍କୁ ସମ୍ମାନ ଦିଅନ୍ତି । ହାକିମ ହୁକୁମା ମାନଙ୍କର ଡକରା ପଡ଼େ ତାଙ୍କୁ ।

ଝିଅର ଆଡ଼ମିଶନ କଥାଟା ତାଙ୍କୁ କହିବ କହିବ ହୋଇ କହି ପାରୁ ନଥିଲା ଜଣେ । ଆଜି ପର୍ଯ୍ୟନ୍ତ ଯେତେ ଅସୁବିଧାରେ ପଡ଼ିଲେ ବି କାହାକୁ ତୁଣ୍ଡ ଖୋଲି ସାହାଯ୍ୟ ମାଗିବାକୁ କୁଣ୍ଠାବୋଧ କରେ ସେ । ଅସରତାରୁ ଶ୍ରୀକୃଷ୍ଣ ଗଧ ପାଦ ଧରିଥିଲେ । ଅବଶ୍ୟ ବଡ଼ଦିଦିଙ୍କ କାନରେ ସମସ୍ୟାଟା ପକାଇଛି ଜିତା ।

ଓଃ ଏଇ ସାମାନ୍ୟ କଥା । ତୁମେ ଆମ ପାଣିବାବୁଙ୍କୁ କହୁନ । କାମ ତ ତା ବାଟରେ ଆପେ ହେବ । ବଡ଼ ପାଟିରେ ପାଣିବାବୁଙ୍କୁ ଶୁଣାଇ ଶୁଣାଇ କହିଲେ ବଡ଼ଦିଦି ।

ସାହାଯ୍ୟର ହାତ ଅକୁଣ୍ଠରେ ଲମ୍ବାଇ ଦେଇଥିଲେ ପାଣିବାବୁ । ମୁଁ କଅଣ ତୁମର ବଡ଼ଭାଇ ନୁହେଁ ଯେତେବେଳେ ଯୋଉ କାମରେ ଦରକାର ପଡ଼ିବ, ବିନା ସଂକୋଚରେ ମତେ ଜଣାଇବ । ଏ ଦୁନିଆରେ କିଛି ଅସମ୍ଭବ ନୁହେଁ । ଦାଇତ୍ୱ କର୍ତ୍ତବ୍ୟ ନିଷ୍ଠା ହେଲା ବଡ଼ କଥା ।

କାହାର ଅନୁକମ୍ପାର ପାତ୍ରୀ ହେବାକୁ ଜିତା ଘୃଣା କରେ । କିନ୍ତୁ କାଳର କରାଳ ହାତମୁଠାରେ ପରିସ୍ଥିତିରେ ଚାପ, ମଣିଷକୁ କରିଦିଏ ନିସ୍ୱ । ତେଣୁ ଅନ୍ୟର ସହଯୋଗ କାମନା କରେ ସେ । ପରସ୍ପରର ସମ୍ବନ୍ଧ, ସହଚର୍ଯ୍ୟା ତ୍ୟାଗ ଏ ଦୁନିଆରେ ନନ୍ଦିଘୋଷକୁ କରେ ଅଗ୍ରଗାମି ।

ବର୍ତ୍ତମାନ ପାରିବାବୁଙ୍କର ଅକୁଣ୍ଠ ଅନାବିଳ ସାହାଚର୍ଯ୍ୟରେ ବଡ଼ ବଡ଼ ଦାୟିତ୍ୱର ବୋଝ ମୁଣ୍ଡରୁ ଖସାଇ ଚାଲିଛି ଜିତା । ବେଶ୍ ହାଲକା ଲାଗୁଛି ତାକୁ । ରିକ୍ସା ଅଟୋରିକ୍ସା ଛଡ଼ା ଦିନେ ଅନ୍ୟର ଗାଡ଼ି ପଛରେ ବସି ଅଫିସ ଆସିବାକୁ ପସନ୍ଦ କରୁ ନଥିବା ଜିତା ଏବେ ଅନେକ ସମୟରେ ପାଣିବାବୁଙ୍କ ବାଇକରେ ବସି ସହରର ବିଭିନ୍ନ ଜାଗାକୁ ଯାଏ । ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦିଏ । କୂପ ମଣ୍ଡୁଙ୍କର ଆଖ୍ୟା କଟିଗଲାଣି ତାର । ପିଲାମାନେ ବି ଅଙ୍କଲଙ୍କର ସାହାଯ୍ୟରେ ଯଥେଷ୍ଟ ଉପକୃତ ହୁଅନ୍ତି ।

ଇଂଜିନିୟରିଂ କଲେଜରେ ଆଡ଼ମିଶନ ନେଇଛି ମମ । ମେଧାବୀ ଛାତ୍ରୀ ହିସାବରେ ବେଶ୍ ନା କଲାଣି ସେ । ତଥାପି ଏ ବୟସରେ ପିଲାଙ୍କୁ ଜଗିବାକୁ ପଡ଼େ । ଯେହେତୁ ଯୌବନର ପ୍ରଥମ ପାହାଚରେ ଗୋଡ଼ ଖସିଯିବାର ଯଥେଷ୍ଟ ସମ୍ଭାବନା ଥାଏ । ଝିଅ ମମକୁ ପରୋକ୍ଷରେ ଜିତା ସଚେତନ କରାଏ । ପାଣିବାବୁଙ୍କୁ ଅଭିଭାବକ ହିସାବରେ ମମର ସବୁ ଦାଇତ୍ୱ ଦେଲେ ବି ନିଶ୍ଚିତ ହୋଇ ବସି ପାରେନା ସେ । ଅନ୍ୟ ଉପରେ ଏତେଟା ନିର୍ଭରଶୀଳ ହେବାକୁ ପସନ୍ଦ କରେନା ସେ । କେମିତି ମାଡ଼ି ମାଡ଼ି ପଡ଼େ ତାକୁ । ଯେଝା ଦାଇତ୍ୱ ଯେଝାକୁ ବଳି । ପାଣିବାବୁଙ୍କର ସ୍ତ୍ରୀ ପିଲାଙ୍କୁ ସେ ଗୋଟେ ପରିବାର ଦାଇତ୍ୱ ଅଛି । ଯୋଉଠି ନିଜ ବାପା ଭାଇ ଦାଇତ୍ୱ ନେବାକୁ ଅନିଚ୍ଛୁକ ଅନ୍ୟ ଉପରେ ନିର୍ଭର କରିବେ କେତେଦୂର ଯଥାର୍ଥ ? ପଢ଼ାବେଳର ଗୋଟେ ହିତ ବା ମନକୁ ଆସେ ମାତ୍ର -

ପରୋପି ହିତବାନ ବନ୍ଧୁ
ବନ୍ଧୁରପ୍ୟାହିତ ପରମ୍
ଅହିତ ଦେଇ ତ ବ୍ୟାଧି
ହିତଂ ଅରଣ୍ୟମୌକ୍ଷଧାମ୍ ।

ପରଲୋକ ନିଜର ହୋଇପାରେ ନିଜଲୋକ ମଧ୍ୟ ପରହୋଇ ପାରେ । ଏହା ଶାସ୍ତ୍ର ବଚନ । ତେଣୁ ପାଣିବାବୁ ପରଲୋକ ହୋଇ ମଧ୍ୟ ତାଙ୍କର ଏତେ ଆତ୍ମିୟତା ଭାବ । ଏମିତି ପରଲୋକ ତ କୋଟିକରେ ଗୋଟିଏ ।

ସେଦିନ ଅଫିସରୁ ଫେରିବା ବାଟରେ ପାଣିବାବୁ ଜିତାକୁ ବିଶ୍ୱସ୍ଥ ଭାବରେ କିଛି ଏକାନ୍ତରେ କହିବାକୁ ଚାହିଁ ଚମକି ପଡ଼ିଲା ସେ । ଯାହା ପୁଅକୁ ସାପ କାମୁଡ଼ିଛି ତ ମା ପାଳ ଦଉଡ଼ି ଦେଖିଲେ ଡରେ । କେତେ କଅଣ ଭାବି ଯାଉଥାଏ ଜିତା । ଝିଅଠାରୁ ଆରମ୍ଭ କରି ପୁଅ ପର୍ଯ୍ୟନ୍ତ ହେ ଭବବାନ ତୁମ ଇଚ୍ଛା ପୂର୍ଣ୍ଣ ହେଉ । ତୁମେ ତ ଇଚ୍ଛାମୟ । ସାରା ସଂସାରର ଆତଜାତ ତୁମ ଇଚ୍ଛାରେ ଚାଲେ ।

ପାଣିବାବୁ ଆରମ୍ଭ କଲେ ତୁମକୁ ମୋ ଅନେକ କିଛି କହିବାକୁ ଅଛି ଜିତା । ହେଲେ ସାହାସ ହଉନି କାଳେ ତୁମେ ମତେ ଭୁଲ ବୁଝିବ ।

ନାନା କଦାପି ନୁହେଁ । ଯିଏ ଅଫିସ କାମଠାରୁ ଘର କାମ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ବିନା ପ୍ରତ୍ୟାଖାରେ ସାହାଯ୍ୟ କରି ଆସୁଛନ୍ତି ତାକୁ ଭୁଲ ବୁଝିବାର ଅବକାଶ ନାହିଁ ।

ଜିତା କାଳ ବିଳମ୍ବ ନକରି ପାଣିବାବୁଙ୍କ ପ୍ରତି ତାର ଆନୁଗତ୍ୟତା ପ୍ରକାଶ କଲା ।

ତୁମ ପ୍ରତି ମୋର ଗୋଟେ ଦୁର୍ବଳତା ଅଛି । ତୁମ ନାରୀତ୍ୱ ମତେ ବିମୋହିତ କରେ । ସମ୍ପର୍କ ତ କେବଳ ତୁମ ମନ ସହିତ ନୁହେଁ ଦେହ ସହିତ ମଧ୍ୟ ସ୍ଥାପିତ ହେବା ଦରକାର ଏଥିରେ ତୁମର ଆନ୍ତରିକ ସମର୍ଥନ ମୋର ଏକାନ୍ତ କାମ୍ୟ ।

ଆକସ୍ମିକ ଭାବେ ଦେହ ମନରେ ଶିହରଣ ବଦଳରେ ଏକ ଶିତକାର ଅନୁଭବ କଲା ଜିତା । ତା' ନିଜ ବୟସ ପ୍ରତି ସଚେତନ ହୋଇ ପଡ଼ିଲା ସେ । ବୟସ ତାର ଚାଳିସ ଟପି ସାରିଲାଣି । ଜିତା ତ ଯୌବନ ଗୋଟେ ବିଧବା ପ୍ରତି ଯେ ତାହା ମନରେ ଦରଦ ବଦଳରେ ଦୈହିତ ଆକର୍ଷଣ ଥାଇପାରେ ଏହା ବିଶ୍ୱାସ କରି ପାରୁନଥିଲା ସେ । ମାଂସ ଖିଆ ଛଞ୍ଚାଣ ପକ୍ଷୀ ପାଖରେ ନିରୀହ ପାରାଟେ ପରି ନିଜକୁ ଯଥେଷ୍ଟ ନଗ୍ନ ଅନୁଭବ କଲା ସେ । ସରମରେ ଝାଳରେ ଗାଧୋଇ ପଡ଼ିବାକୁ ହେଲା ତାକୁ । ପ୍ରତିବାଦର ସ୍ୱର ଉଠାଇବାକୁ ଚାହିଁ ମଧ୍ୟ ବାଷ୍ପରୁଦ୍ଧ କଣ୍ଠରେ ନୀରବରହିବାକୁ ଏକ ରକମ ବାଧ ହେଲା ଜିତା । ବାଇକରୁ ଓହ୍ଲାଇ ରିକସାରେ କଲୋନୀ ମୁହାଁ ଧରିଥଲା ସେ ପଛକୁ ନ ଚାହିଁ ।

ରାତ୍ରିର ବିଳମ୍ବିତ ପ୍ରହରରେ ଫୋନ୍ ରିଙ୍ଗ ହେଲା ସବୁତକୁ ସାମର୍ଥ୍ୟ ଖଟାଇ ମଧ୍ୟ ଶଯ୍ୟା ଛାଡ଼ି ପାରିଲାନି ଜିତା । ବରମ୍ବାର କ୍ରିଂ କ୍ରିଂ ହୋଇ ଫୋନଟା ଆପେ ଆପେ କଟିଗଲା । ଦେହ ମନରେ ଏକ ଅବ୍ୟକ୍ତ ଯନ୍ତ୍ରଣା ଖୁବ୍ ଅବଶ ଲାଗୁଥିଲା ତାକୁ ।

ଅସୁସ୍ଥତା ଦର୍ଶାଇ ପରଦିନ ଛୁଟି ନେଲା ଜିତା । ଅବଶ ଦେହ ମନକୁ ଚେଷ୍ଟା କରି ବି ଚଳ ଚଞ୍ଚଳ କରି ପାରିଲାନି । ମୁହଁରେ ଏକ ଉଦାଶ ଭାବ ଏକ ଆସନ୍ନ ଝଡ଼ା ଝଞ୍ଜାର ଯେମିତି କବଳିତ ସେ ।

ଉଚ୍ଚ ଶିକ୍ଷିତା ସହପାଠିନୀ ବାନ୍ଧବୀର ରସାଭାସ କଥା ତା ମନକୁ ଆନ୍ଦୋଳିତ କଲା । ଶୃଙ୍ଗାର ରସର ପ୍ରତିପାଦିତ ହୁଏ ।

ଯେତେବେଳେ ପ୍ରେମ ଗଢ଼ିଉଠେ ଦୁଇ ସମକଚ୍ଛ ଓ ସମକକ୍ଷ ଯୁବକ ଯୁବତୀଙ୍କ ମଧ୍ୟରେ ସଂପର୍କ ସ୍ଥାପିତ କରି । ପ୍ରେମିକ ଯୁଗଳଙ୍କ ମଧ୍ୟରେ ମିଳନ ଯେତିକି ବିଚ୍ଛେଦ ମଧ୍ୟ ସେତିକି ଆନନ୍ଦ ସୃଷ୍ଟି କରେ । ଶୃଙ୍ଗାର ରସର ସାର୍ଥକତା ପ୍ରମାଣିତ ହୁଏ । ମାତ୍ର ପ୍ରେମ ଯେତେବେଳେ ଶାସ୍ତ୍ର ବିରୁଦ୍ଧ ଦୁଇ ଚରିତ୍ର ମଧ୍ୟରେ ସ୍ଥାପିତ ହୁଏ । ସେଥିରେ ରସ ସୃଷ୍ଟି ବଦଳରେ ରସାଭାଷ ସୃଷ୍ଟି ହୁଏ । ଏହି ଚରିତ୍ର ମାନଙ୍କୁ ସମାଜ ଘୃଣ୍ୟ ଚକ୍ଷୁରେ ଦେଖେ ।

ଯୌବନର ଉତ୍ତରାର୍ଦ୍ଧରେ ପଦାର୍ପଣ କରିଥିବା ଛାର ଗୋଟେ ବିଧବା ପ୍ରତି ଏତେ ଆଶକ୍ତ କାହିଁକି ? ଏହାର ଅନ୍ତର୍ନିହିତ ଉଦ୍ଦେଶ୍ୟ କଅଣ । ଅନିଦ୍ରାରେ ଅନିଦ୍ରାରେ ପାହିଗଲା ରାତି । ପରଦିନ ଅଫିସ କାମରେ ମନ ଲାଗୁନଥିଲା ଜିତାର । ହଠାତ୍ ଅଚେତ ହୋଇ ପଡ଼ିଗଲା ସେ । ମୁହଁରେ ପାଣି ଛିଞ୍ଚି ସାଷ୍ଟାମ କରାଗଲା ତାକୁ । ବଡ଼ବାବୁ କହିଲେ ପାଣିବାବୁ ଆପଣ ଟିକେ ଜିତାକୁ ନେଇ ଘରେ ଛାଡ଼ି ଦିଅନ୍ତୁ । ବିଚାରି ବଡ଼ ଅସୁସ୍ଥ ଅଛି । ବାଘ ମୁହଁରେ ଶିକାର । ମୁହଁ ......ପୁରାଣ ପୃଷ୍ଠାର ସତୀ ଅନୁସୂୟା ନୁହେଁ ଯେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କୁ ତାର ସତୀତ୍ୱର ପରାକାଷ୍ଠାରେ ପୁତ୍ର ଶିଶୁ ବନାଇଁ ନିଜ ବକ୍ଷ ଦେଶରୁ ଅମୃତ ଝରାଇ ସେମାନଙ୍କୁ ତୃପ୍ତ କରିଦେବ । ସାମାନ୍ୟ ସାଧାରଣ ନାରୀଟିଏ ସେ, ଯାହାର କାମନା ବାସନା ଅଛି । କେଉଁ ଦୁର୍ବଳ ମୁହୂର୍ତ୍ତରେ ଅବସନ୍ନ ଦେହ ମନ ତା'ର ବୋଲି ନମାନି ପାରେ । ପ୍ରଣପଦ କ୍ଷେପରେ ଗୋଡ଼ ଖସି ଯିବାର ଯଥେଷ୍ଟ ସମ୍ଭାବନାକୁ ହୁଏତ ଏଡ଼େଇ ଦେଇ ହୁଏନା ।

ବାଟଯାକ ପଦୁଟିଏ କଥା ହେବାର ସୁଯୋଗ ସୃଷ୍ଟି କରି ନଥିଲା ଜିତା । ଭଲ ମନ୍ଦ ଉଭୟ ଦୃଷ୍ଟିରୁ ବିଚାରକରି ଦିନେ ପାହାଡ଼ି ଝରଣାଟି ପରି କଳ କଳ ଛଳ ଛଳ ନିନାଦରେ ବହି ଯାଉଥିବା ଜିତା ଏବେ ବେଶ୍ ଗମ୍ଭୀର ବେଶ ସ୍ଥିର ସାଧାରଣ ପୁଷ୍କରିଣୀଟିଏ ପରି ।

ମୁଁ ଏବେ ରହୁଛି । ଆପଣ ଆସି ପାରନ୍ତି । ଜିତା ପାଟି ଖୋଲି ପାଣିବାବୁଙ୍କ ଉଦ୍ଦେଶ୍ୟରେ କହିଲା । ପାଣିବାବୁଙ୍କର ମତଲବଟା ଯେ ଭଲ ନୁହେଁ, ହୁଏତ ଏକାନ୍ତରେ କିଛି ଦୁର୍ଘଟଣା ଘଟିଥିବା ଆଗରୁ ସତର୍କ ହୋଇ ତାଙ୍କର ସେ ମନ୍ଦ ଉଦ୍ଦେଶ୍ୟ ଠାରୁ ଦୂରେଇ ରହିଲା ଜିତା । ଫେରି ଯିବା ପାଇଁ ଗାଡ଼ି ଷ୍ଟାର୍ଟ କରିବାକୁ ଗଲେ ସେ ଏଇ କେତେଦିନ ହେବ ଘୃଣା ଆସୁଥିବା ପାଣି ବାବୁଙ୍କ ପ୍ରତି ହଠାତ୍ ଏକ ଦରଦ ଅନୁଭବ କଲା ଜିତା । ମନଟା ଦ୍ରବୀଭୂତ ହୋଇପଡ଼ିଲା ।

ହାଲୋ ଅଙ୍କଲ! ଆପଣ ଫେରି ଯାଇଛନ୍ତି ଯେ, ଜରୁରୀ କାମରେ ହଷ୍ଟେଲ ଛାଡ଼ି, ମୁଁ ଆପଣଙ୍କ ପାଖକୁ ଆସିଛି । ଓଃ କି ସୌଭାଗ୍ୟ । ହଜିଲା ବଳଦ ଖୋଜିଲା ଠେଇଁ ।

ସାମ୍ନାରେ ମମ, ତା'ର ପୁଣି ପାଣିବାବୁଙ୍କ ସହିତ କି ଜରୁରୀ କାମ ?

ହାଏ ମମ୍ । ବେଶ୍ ଅନ୍ତରଙ୍ଗ ଭାବେ ସେମାନେ ଭାବର ଆଦାନ ପ୍ରଦାନ କଲେ, ପାଣି ବାବୁଙ୍କ କାନ୍ଧରେ ଓହଳି ପଡ଼ି ତାଙ୍କୁ ଆଲିଙ୍ଗନ ପୂର୍ବକ ନାଚି ଉଠିଲା ମମ । ଓଃ ଅଙ୍କଲ ଆଜି ମୁଁ ଆପଣଙ୍କୁ ଖୁବ୍ ମିଶ୍ କରୁଥିଲି । କାମଟା ହୋଇଯିବ ନିଶ୍ଚୟ । ଏଇ ଆଲବମ୍ ଅଫରଟା ମତେ ହିଁ ମିଳିବ । ମୋ ଛଡ଼ା ଅନ୍ୟ କାହାକୁ ନୁହେଁ ।

ଇଏ କଅଣ ହଉଛି ମମ । ତୁ ପରା ବଡ଼ ଝିଅଟେ ହେଲୁଣି ଟିକେ ସଂଯମରେ କଥାବାର୍ତ୍ତା କର ।

ଓଃ ନୋ ମମି । 'ଡୋଣ୍ଟ ଫିଲ ଆଡ଼ଭର୍ସ ଦିସ୍ ଇଜ୍ ଦ ମର୍ଡ଼ନ ଏଜ୍ ।' ଖୁବ୍ ହାଲକା ଭାବରେ ଦି'ଣଙ୍କୁ ଉତ୍ତର କଲା ମମ ।

"ପ୍ରଥମ ଆଲବମରୁ ହିଁ ଚୁଲବୁଲି ନାୟିକା ହିସାବରେ ତୁମେ ତ ହିଟ୍ ଲିଷ୍ଟରେ ଟପର ଅଛି । ଆଉ ସିନେମା ହିରୋଇନ୍ ପାଇଁ ଅଫରଟା ଯାହା ବାକି ରହିଲା ।

ପାଣିବାବୁ ମନ୍ତବ୍ୟ ଦେଲେ କୃତ୍ୟ କୃତ୍ୟ ହୋଇ ପଡ଼ିଲା ମମ । ଏ ସବୁ ତ ଆପଣଙ୍କ ଯୋଗୁଁ ଇଂଜିନିୟରି ସମ୍ଭବ ହେଲା । ପଢ଼ା ଭିତରେ ମମ ଯେ ଆଲବମରେ ଅଭିନୟ କଲାଣି । ଏକଥା ଜଣା ନଥିଲା ତାକୁ ।

"କୂଳ ଛାଡ଼ିଲେ କି କରଇ ନାଆ
ଖୀର ଛାଡ଼ିଲେ କି କରଇ ମାଆ ।"

କଅଣ ଚାହୁଁଥିଲା କ'ଣ ଆଉ ଆଜି ସବୁ ଏ କଅଣ ହୋଇ ଯାଉଛି ? ଏ ତା ପ୍ରାରବ୍ଧର ଫଳ ନା ଭାଗ୍ୟର ବିଡ଼ମ୍ବନା ?

ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟ,
କଟକ -୧ ।

# ଏକ ପୁରୁଣା ପ୍ରଶ୍ନ

- ବିନୟ ମହାପାତ୍ର

ଗଳ୍ପଟି କହିବା ଆଗରୁ ମୁଁ ପ୍ରଥମେ ଆପଣଙ୍କୁ ଚନ୍ଦ୍ର ମୋହନଙ୍କ ସହିତ ପରିଚୟ କରେଇ ଦିଏ, ଚନ୍ଦ୍ର ମୋହନ ନାମକ ଚରିତ୍ରଟି କୌଣସି ଏକ ସରକାରୀ ଅଫିସରେ କିରାଣୀଟିଏ, ଯିଏ ଆଗରୁ ଏତେ ଦୁର୍ବଳ ନଥିଲା । ମନରେ ତାର ବହୁତ ଯୋରଥିଲା, କଥା କଥାରେ ସେ ଭାଗ୍ୟ କିମ୍ବା ଭଗବାନଙ୍କ ପ୍ରସଙ୍ଗ ଉଠାଉ ନଥିଲା । ନିଜର ସୌଭାଗ୍ୟ ପାଇଁ ନିଜକୁ ଯେପରି ଖୁବ୍ ପାରିବାର ଭାବୁଥିଲା, ନିଜର ଦୁର୍ଭାଗ୍ୟ ପାଇଁ ସେମିତି ନିଜର ଅପାରଗତାକୁ ହିଁ ଦୋଷି କରୁଥିଲା । ହେଲେ ହଠାତ୍ ଚନ୍ଦ୍ର ମୋହନ ଏପରି ଦୁର୍ବଳ ହୋଇଗଲ, ଭାବିଲେ ଆଶ୍ଚର୍ଯ୍ୟ ଲାଗେ । କଥା କଥାକେ କହେ ଛାଡ଼ ଭାଗ୍ୟରେ ନଥିଲା, "ଭାଗ୍ୟଂ ଫଳତି ସର୍ବତ୍ରଃ, ନଃ ଚ ବିଦ୍ୟାଂ ନଃ ଚ ପୌରୁଷଃ", କିମ୍ବା 'ଏହା ଭଗବାନ ଚାହୁଁ ନଥିଲେ' । ଏବଂ ଗୁଡ଼ାଏ ଦୀର୍ଘ ନିଶ୍ୱାସ ହିଁ ଛାଡ଼େ, ବିଶ୍ୱାସ ହୁଏନା, ଇଏ କଣ ସେଇ ଚନ୍ଦ୍ର ମୋହନ ?

ବାହାଘର ପୂର୍ବର ଚନ୍ଦ୍ରମୋହନ ଆଉ ପରର ଚନ୍ଦ୍ର ମୋହନ ଭିତରେ ଆକାଶ ପାତାଳର ଫରକ୍, ସତେ ଅବା, ଦିଗବିଜୟରେ ବାହାରିଥିବା ଚଣ୍ଡାଶୋକ, ଧଉଳୀର ପାଦଦେଶରେ ପହଂଚି ହଠାତ୍ ନିଶ୍ୱ ନିର୍ବିର୍ଯ୍ୟ ହୋଇ ଧର୍ମାଶୋକ ପାଲଟି ଯାଇଛି । ହଠାତ୍ ଦିନେ ତାର ମଥାରେ ଚନ୍ଦନ ଟିପାଟିଏ ଦେଖି ମୋ ପରି ଅନେକ ଆଶ୍ଚର୍ଯ୍ୟ ଚକିତ ହୋଇ ଯାଇଥିଲେ, ତାର ଧର୍ମପତ୍ନୀ ଯେଉଁ ଗୁରୁଙ୍କର ଶିଷ୍ୟା, ସେ ମଧ୍ୟ ସେହି ଗୁରୁଙ୍କର ଦୀକ୍ଷା ନେଇଯାଇଛି । ତା ପର ଠାରୁ, ଚନ୍ଦ୍ର ମୋହନର ଏ କାୟକଳ୍ପ । କଥା କଥାକେ ସେହି ଗୁରୁଙ୍କର ଗୁଣ କୀର୍ତ୍ତନ ଏବଂ ମହିମା ବଖାଣ କରିବାକୁ ଲାଗିଲା, ଗୁରୁଙ୍କର ବେଶ୍ ଗୁଡ଼ିଏ ବାଣୀ କଣ୍ଠସ୍ଥ, ମୁଖସ୍ଥ କରି ବ୍ୟାଖ୍ୟା କରିବାକୁ ଆରମ୍ଭ କରିଦିଏ । ତାର ଏପରି ଗୋଟିଏ ବିଶ୍ୱାସ ଆସଗଲା ଯେ ଏ ସଚରାଚର ବିଶ୍ୱ ବ୍ରହ୍ମାଣ୍ଡରେ, ପ୍ରତି ମୁହୂର୍ତ୍ତରେ ଯାହାବି ଘଟୁଚି ବା ଘଟିବ, ସବୁ ସେଇ ତାର ଗୁରୁଙ୍କର ଅପାର କରୁଣାରୁ ହିଁ ଘଟିବ । ନହେଲେ କେଉଁ ମୁହୂର୍ତ୍ତରେ କିଛିନା କିଛି ବିଭ୍ରାଟ ଘଟି ଯାଆନ୍ତା ।

ସେଦିନ ଚନ୍ଦ୍ର ମୋହନର ଶ୍ୟାମ ସୁନ୍ଦର ବାବୁଙ୍କ ସହ ଶୁଖିଲାଟାରେ ଝଗଡ଼ା ହୋଇଗଲା । କଥା ଏପରି ଗୁରୁତର ହେଲା, ସତେବା ଆସେମ୍ବ୍ଲି କି ପାର୍ଲିଆମେଂଟରେ ଚଉକି ଫିଙ୍ଗା କି ଚପଲ ଫିଙ୍ଗା ହେଉଛି । ଶେଷରେ ହାତାହାତି ପର୍ଯ୍ୟନ୍ତ କଥା ବଢ଼ିଗଲା । କଥା ସେମିତି କିଛି ଗୁରୁତର ନଥିଲା, କଥା ପଡ଼ିଲା କି, ଚନ୍ଦ୍ର ମୋହନର ଗୁରୁ ବଡ଼ ନା ଶ୍ୟାମ ସୁନ୍ଦର ବାବୁଙ୍କ ଗୁରୁ ? ଏଇ କଥାରୁ ହାତାହାତି ମୁଥ ମରା ମରି ପର୍ଯ୍ୟନ୍ତ ବଢ଼ିଗଲା । ଠିକ୍ ସମୟରେ ବଡ଼ବାବୁ ହସ୍ତକ୍ଷେପ କରି ନଥିଲେ ଅଫିସ୍ ରେ ମିନି ମହାଭାରତ ଯୁଦ୍ଧଟିଏ ଘଟି ଯାଇଥାନ୍ତା, ତୃତୀୟ ବିଶ୍ୱଯୁଦ୍ଧ ପାଇଁ ଆଉ ମାତ୍ର ମୁହୂର୍ତ୍ତେ ବାକିଥିଲା ।

କଥା କଣ ବୁଝୁ ବୁଝୁ ଜଣା ପଡ଼ିଲା କି ଚନ୍ଦ୍ର ମୋହନ ତାର ଗୁରୁଙ୍କୁ ସ୍ୱୟଂ ଈଶ୍ୱର ସାବ୍ୟସ୍ତ କରି ଶ୍ୟାମ ସୁନ୍ଦର ବାବୁଙ୍କ ଗୁରୁ ତାଙ୍କର ଜଣେ ଅବତାର ଅର୍ଥାତ୍ ତା ଗୁରୁଙ୍କ ଠାରୁ ଶ୍ୟାମ ବାବୁଙ୍କ ଗୁରୁ ଛୋଟ, ମାନେ ଜୁନିୟର ବାବା ପ୍ରମାଣିତ କରିବାକୁ ଯାଉଥିଲା, ହେଲେ ଏ କଥାକୁ ଶ୍ୟାମ ସୁନ୍ଦର ବରଦାସ୍ତ କେମିତି କରି ପାରି ଥାଆନ୍ତେ ? ଯେତେ ହେଲେ ତାର ଗୁରୁଙ୍କର ଇଜ୍ଜତ୍ କା ସୱାଲ, ହାଟ ମଝିରେ, ବିଚ୍ ବଜାରରେ ତା ଗୁରୁଙ୍କର ନାକ ନିଶ ତଳେ ପଡ଼ିଯିବନି ? ଥ୍ୟାଙ୍କ ଗଡ୍, ଠିକ୍ ସମୟରେ ବଡ଼ ବାବୁ ହସ୍ତକ୍ଷେପ କରି ଦେଲେ, ନହେଲେ କଣ ଯେ ହୋଇ ହୋଇ ଯାଇଥାନ୍ତା ଆଜି । ଶେଷରେ ବଡ଼ବାବୁ ସୁପ୍ରିମ କୋର୍ଟର ଅଧ୍ୟାଦେଶ ଜାରି କରିଲା ପରି କହିଲେ, ଆମ ଦେଶ ଭାରତବର୍ଷ ଏକ ଧର୍ମ ନୀରପେକ୍ଷ ରାଷ୍ଟ୍ର, ଏଠାରେ ସବୁ ଧର୍ମ, ସବୁ ଗୁରୁ ବରାବର, କେହି ଛୋଟ ବା ବଡ଼ ନୁହେଁ । ତେଣୁ ସବୁ ଧର୍ମ ସବୁ ଗୁରୁଙ୍କ ସମାନ ସମ୍ମାନ ଦେବା ଜଣେ ଭଲ ନାଗରୀକର କର୍ତ୍ତବ୍ୟ । ଏହା ଆମର ସମ୍ବିଧାନ କହୁଛି ।

କିନ୍ତୁ କଥା ଏତିକିରେ ସମାପ୍ତ ହେଲା ନାହିଁ । ଚାରିଟା ବେଳ ଟି-ବ୍ରେକରେ କଥାଟିକୁ ନେଇ ପୁଣି ଚା' କପ୍ ରେ ଏକ ମୃଦୁ ଝଡ଼ ଉଠିଲା, ଏକ ଲଘୁ ବ୍ୟକ୍ତିଙ୍କ ସଭାପତିତ୍ୱରେ । ସେ ହେଲେ ସୁଧାଂଶୁ ଶେଖର, ନୂଆ, ସିଧା କଲେଜରୁ ବାହାରି ଏଲ୍.ଡି କ୍ଲର୍କ ପୋଷ୍ଟରେ ଜଏନ୍ କରିଛନ୍ତି, ପିଛିଲା ଛ' ମାସ ହେଲା । ଚଙ୍ଗ ଚଙ୍ଗିଆ ଗଜା ଭେଣ୍ଡିଆଟିଏ । ବଡ଼ ପାଟିଟାଏ କରି କହିଲା ଏଇ ଆମର ଯେଉଁ ଧର୍ମ, ବାବା ଫାବା, ଦର୍ଶନ, ଶାସ୍ତ୍ର ଏ ସବୁ ଶଳା ଗୋଟେ ଫାର୍ସ । ଶଳା ସବୁ ଯାକ ବାବା, ଗୋଟେ ଗୋଟେ ଭଣ୍ଡ ନହେଲେ ମେଜିସିଆନ୍, ଶଳେ ଏମିତି ନହେଲେ ଶୂନ୍ୟରୁ କଦଳୀ ଖସେଇବା କି ହାତ ମୁଠାରୁ ବିଭୁତି କି ସୁନ୍ଦର ବାହାର କରିବା, ପ୍ରସାଦ ସେବନ କରେଇ ବାଞ୍ଝ ସ୍ତ୍ରୀଙ୍କୁ ଗର୍ଭବତୀ କରେଇ ଦେବା କେତେ ଅଜବ କଥା ସତେ, ଯା ଠାରୁ ଭଲ ମେଜିକ୍ ତ ପି ସି ସରକାର ଜୁନିୟର ଦେଖେଇ ପାରିବ । ଶଳେ ଧର୍ମ ଧର୍ମ

କହି ଗୋଟାଏ ତାମସା ଚଳେଇଛନ୍ତି, ଧର୍ମର ଦୋକାନ ଚଳେଇ କୋଟି କୋଟି ଟଙ୍କାରେ ଖେଳୁଛନ୍ତି । ଗୋଟାଏ ଲୀଳା ଚଳେଇଛନ୍ତି, ଆମ ଲୋକେ କେବଳ ସରଳ କି ଧର୍ମ ଭିରୁ ନୁହଁନ୍ତି, ନିହାତି ବୋକା କହିଲେ ଭୁଲ ହେବନି । ଶଳେ ହିନ୍ଦୁ ମୁସଲମାନ କହି ଭାରତ୍ ପାକିସ୍ଥାନ କରିଦେଲେ, ଏବେ ଗୁରୁ ଗୁରୁ କରି ଲୋକଙ୍କଠୁ ଲୋକଙ୍କୁ ଅଲଗା କରୁଛନ୍ତି ।

ତା ପରେ ପରେ ଆରମ୍ଭ ହେଲା ଅସଲ ହଟ୍ ଟପିକ୍ ଟା, ଭଗବାନ ଅଛନ୍ତି କି ନାହିଁ, ପୁଣି ଗୋଟିଏ ବିବାଦାସ୍ପଦ ପ୍ରଶ୍ନ, ମଞ୍ଜି ଆଗ ନା ଗଛ, ଅଣ୍ଡା ଆଗ ନା ମୁର୍ଗୀ, ଏକ ଅସମାଧିତ ପ୍ରଶ୍ନ । ଭଗବାନ ଯଦି ନାହାନ୍ତି ତେବେ ଗୁରୁବାଦର ସୃଷ୍ଟି କାହିଁକି ? ମୃତ୍ୟୁ ପରେ ମଣିଷ ଆଉ ଥରେ ଜନ୍ମ ହୁଏକି ନାହିଁ ? ମଲା ପରେ ମୁକ୍ତି ଅଥବା ନର୍କ ଗମନ ? ମଲା ପରେ କଣ ହୁଏ, କିଏ ଦେଖିଛି ? କଣ ହୁଏ ଅବା ନାହିଁ ।

ସଭା ମଝିରେ ଚନ୍ଦ୍ରମୋହନ ତାର କ୍ଷୁଦ୍ର ଭାଷଣରେ ଯାହା କହିଲା, ତାର ସାରମର୍ମ ହେଲା, ଭଗବାନ ଅଛନ୍ତି, ନିରାକାର, ଅଦୃଶ୍ୟ, ସ୍ପର୍ଶରୁ ବହୁ ଦୂର, ଭଗବାନ କେବଳ ଅନୁଭବର ଜିନିଷ, ଏବଂ ଭକ୍ତ ପ୍ରହଲ୍ଲାଦ ଉପାଖ୍ୟାନଟିକୁ ସଂକ୍ଷିପ୍ତରେ ବର୍ଣ୍ଣନା କରି କହିଦେଲା, ଭଗବାନ ସର୍ବତ୍ର ବିଦ୍ୟମାନ ।

ଶ୍ୟାମ ସୁନ୍ଦର କିନ୍ତୁ କଥାଟାକୁ ମଝିରେ କାଟି କହି ଉଠିଲେ ନିରାକାର ନୁହନ୍ତି, ଆମ ଗୁରୁଜୀ ହିଁ ହେଉଛନ୍ତି ସାକ୍ଷାତ ପରମେଶ୍ୱର । ସବୁ ଅସମ୍ଭବକୁ ସମ୍ଭବ କରି ପାରିବାର ଚମତ୍କାରୀ କ୍ଷମତା ଥିବା ଗୁରୁ ହିଁ ଭଗବାନ ।

ସୁଧାଂଶୁ ଶେଖରର ଧର୍ଯ୍ୟାର ବନ୍ଧ ଯେମିତି ଭାଙ୍ଗିବ, ଭାଙ୍ଗିବ ହେଉଥିଲା, ସିଏ ଆଉ ସମ୍ଭାଳି ନପାରି ହଠାତ୍ ଠିଆ ହୋଇ ପଡ଼ିଲା, କହିଲା, ଭଗବାନ ଫଗବାନ କିଛି ନୁହେଁ ହୋ, ଭଗବାନ ଆଉ ଭୁତ ଏକା କଥା, ଯାହାକୁ କେବେ କିଏ ନା ଦେଖିଛି ନା ଛୁଇଁଛି, ଖାଲି ଗୁଲି ଉପରେ ବଢ଼େଇ ଚଢ଼େଇ କହିବା ପାଇଁ ଗୋଟିଏ ବିଷୟ । ଭଗବାନଙ୍କର ଦୁଇରୁ ଆରମ୍ଭ କରି ଶହ ଶହ ମୁଣ୍ଡ, ଆଠ ଦଶଟା ହାତ କଣ କଣ ସବୁ ଧରିଥିବେ, ପଦ୍ମ ଫୁଲରୁ ଆରମ୍ଭ କରି ଖଣ୍ଡା ତଲୁଆର ଯାଏ । ଏଇ ସବୁ କିମ୍ଭୁଦ କିମାକାର ଅଦ୍ଭୁତ କଳ୍ପନା, ପିଲାଙ୍କୁ ଡରେଇବାକୁ ଭୁତ ଆଉ ବଡ଼ଙ୍କୁ ଡରେଇବା ପାଇଁ ଭଗବାନ । ସବୁ କଥାର ସାର ହେଲା ଭଲ କାମ କର, ଅନ୍ୟକୁ ଇର୍ଷା, ହିଂସା, ଛଳ କପଟ କର ନାହିଁ, ନିଜେ ସୁଖରେ ଖୁସିରେ ରୁହ, ଅନ୍ୟକୁ ସୁଖରେ ରହିବାକୁ ଦିଅ । ଅସଲ କଥା ହେଲା ମାନବିକତା ଓ ମାନବ ଧର୍ମ । ମଣିଷକୁ ଭଲ ପାଅ, ଜାତି, ଧର୍ମ, ବର୍ଣ୍ଣ, ପୁରୁଷ କି ସ୍ତ୍ରୀ ଭୁଲି ମଣିଷକୁ ଭଲପାଅ, ସେମାନଙ୍କ ସୁଖରେ ଖୁସି ହୁଅ ଦୁଃଖରେ ସମଭାଗୀ ହୁଅ, ସମ୍ବେଦନଶୀଳ ହୁଅ, ଭଗବାନ କୁହ କି ଗୁରୁ ଏସବୁ ଏକ ଅବଲମ୍ବନ ମାତ୍ର । ଏଇଆ ହେଉଛି ଧର୍ମ, ମୋ ପାଇଁକି ତ ଧର୍ମ ଏଇଆ, ବାକି ତୁମେ ତୁମର ଡିସାଇଡ୍ କର ।

ଚନ୍ଦ୍ର ମୋହନ କୌଣସି ସାଧୁଙ୍କର ପ୍ରବଚନ ଶୁଣିଲା ପରି ଏକଲୟରେ ସୁଧାଂଶୁ ବାବୁଙ୍କ କଥା ପିଇ ଯାଉଥିଲେ , ଜଣେ ଦାର୍ଶନୀକ ପରି ନାକ ଉପରେ ଦୁଇ ଆଙ୍ଗୁଠି ରଖି ଉର୍ଦ୍ଧମୁଖରେ କିଛି ସମୟ ସିଲିଂ ଫ୍ୟାନ୍‌କୁ ଚାହିଁ ରହିଲେ, ସତେ ଯେପରି କିଛି ମନେ ପକଉଛନ୍ତି, କଣ ଭାବି ହଠାତ୍ ଠିଆ ହୋଇଗଲେ । ପୁଣି କହିଲେ, ବୁଝିଲେ ସୁଧାଂଶୁ ବାବୁ, ଆପଣ ପିଲା ଲୋକ, ଧର୍ମ ଆଉ ଦର୍ଶନ ଉପରେ ଆପଣଙ୍କର କଣ ଅନୁଭବ ଅଛି ? କଣ ଜାଣିଛନ୍ତି ଆମର ସଂସ୍କୃତି, ଗୀତା, ଭାଗବତ, ବେଦ, ପୁରାଣ ବିଷୟରେ ? ଭାଗବତ କହେ, 'ବିଶ୍ୱାସେ ମିଳଇ ହରି, ତର୍କେ ବହୁ ଦୂର' । ଭଗବତ୍ ସମ୍ପର୍କିତ କୌଣସି ଆଲୋଚନାରେ ତର୍କର ସ୍ଥାନ ନାହିଁ । ସତେ ଅବା ଚନ୍ଦ୍ରମୋହନ ସବୁ ଠିକ୍ ଶୁଣି, ସବୁ ଠିକ୍ ବୁଝିଲେ ବି ନିଜର ମତ ପରିବର୍ତ୍ତନ କରିବାକୁ କୁଣ୍ଠିତ ହେଉଥିଲେ, କିମ୍ବା ସେ ଇଚ୍ଛା କରି ମଧ୍ୟ ଗୁରୁଦ୍ରୋହୀ ହେବା ଭୟରେ ସୁଧାଂଶୁ ବାବୁଙ୍କ କଥା ମାନିନେବାକୁ ପ୍ରସ୍ତୁତ ନଥିଲେ, ତେଣୁ ତର୍କର ନାଆରେ ବସି ଏଇ ଆଲୋଚନାରୁ ପଳେଇ ଯିବାକୁ ଚାହୁଁଥିଲେ । ଟି-ବ୍ରେକ୍ ସମୟ ସମାପ୍ତ ହୋଇ ସାରିଥିଲା, ଅନ୍ତତଃ ସମସ୍ତେ ନିଜ ନିଜର ସିଟ୍ କୁ ଫେରିଗଲେ, କିନ୍ତୁ ମୁଁ ତଥାପି ଭାବୁଥିଲି, ସତ ଆଉ ଠିକ୍ କଥା କିଏ କହୁଥିଲା ? ସୁଧାଂଶୁ ନା ଚନ୍ଦ୍ର ମୋହନ ? ମୋତେ ତ ଉତ୍ତର ମିଳୁନି, ଆପଣଙ୍କୁ ଯଦି ମିଳି ଯାଏ ମୋତେ ନିଶ୍ଚୟ କହିବେ, ଧନ୍ୟବାଦ ।

ପଟିଆ, ଭୁବନେଶ୍ୱର, ଓଡ଼ିଶା

# ବୃଦ୍ଧ ଲାଲ ଗୋବିନ୍ଦ

- ସୂର୍ଯ୍ୟକାନ୍ତ ଦାସ୍

ଲାଲ ଗୋବିନ୍ଦର ମନ ଆଜି କାହିଁକି ବିଷର୍ଣ୍ଣ ହୋଇପଡ଼ିଛି ? କେଜାଣି ? ତାକୁ ମାୟାଧର ପଚାରିବାରୁ ଉଁ କି ଚୁଁ ହେଲା ନାହିଁ । ପ୍ରତିଦିନ ହସ କୌତୁକରେ, ଥଟ୍ଟାମଜାରେ ମାୟାଧର ସହିତ ଗେଲ ରହସ୍ୟ ହୁଏ । ଆଜି କାହିଁକି ସେ ଏକଦମ୍ ନୀରବ ଓ ସ୍ତବ୍ଧ ? ବିଷର୍ଣ୍ଣ ମୁଖମଣ୍ଡଳକୁ ଦେଖି ସେ ହତଚକିତ ହୋଇଗଲା । ଏହାର ରହସ୍ୟ ବାହାର କରିବା ପାଇଁ ସେ ଆନ୍ଦୋଳିତ ହେଲା । ଘନିଷ୍ଠ ବନ୍ଧୁର ମନର କଥା ଜାଣିବାକୁ କିଏ ବା ଆନ୍ଦୋଳିତ ହୋଇଉଠିବନି !

ମାୟାଧର ପାଖ ପଡ଼ିଶା ଘରର ସ୍ତ୍ରୀ ଲୋକଠାରୁ ଜାଣିବାକୁ ପାଇଲା ପୁଅ ଶ୍ୟାମର କଟୁବଚନ ତାର ଛାତି ମଧ୍ୟରେ ଯେମିତି ଛୁରି ମାରିଲା ପରି ଭୁସି ହୋଇଯାଇଛି । ସେ କାହିଁକି ଏମିତି କଥା କହିବ ? ସବୁବେଳେ ତ ବା;ବା, କହି ଖାଇବାକୁ ଡାକୁଥିଲା ।, ଭଲମନ୍ଦ ପଚାରୁଥିଲା । କିନ୍ତୁ ଆଜି ହଠାତ୍ ଏପଟ ସେପଟ ହୋଇଗଲା କିପରି ?

ଲାଲ ଗୋବିନ୍ଦ ନିଜ ରାସନ୍ କାର୍ଡ଼ଟିରେ ନିଜକୁ ଓ ସ୍ତ୍ରୀ ସଂଯୋଜିତ କରିଥିଲା । ତିନି ପୁଅଙ୍କର ଅଲଗା ହାଣ୍ଡି ଅଲଗା ଚୁଲି । ବୁଢ଼ାବୁଢ଼ୀ ମାସକୁ ଚାରି ସପ୍ତାହେ ସାନପୁଅ ଦୁଇଜଣଙ୍କଠାରେ ଭାଗ କରି ଖାଆନ୍ତି । କିନ୍ତୁ ବଡ଼ପୁଅ ସାହିଠାରୁ ଦୂରରେ ଅନ୍ୟ ଏକ ସାହିକୁ କିଛି ବର୍ଷ ହେଲା ଉଠିଯାଇଥିଲା । ବଡ଼ପୁଅ ବୋହୂ ପାଖକୁ ବୁଢ଼ାବୁଢ଼ୀ ଚାଲିକି ଯିବା ଆସିବା କରିକି ଯାଇପାରନ୍ତି ନାହିଁ । ତେଣୁ ସେମାନେ ସାନଦୁଇ ଘରେ ଖାଇ ସମୟ କଟାଇ ଦିଅନ୍ତି । ସେଦିନର କଥା ଲାଲଗୋବିନ୍ଦ ରାସନ୍‌କାର୍ଡ଼ରେ ତାର ପ୍ରାପ୍ୟ କିରୋସିନି ଆଣି ବଡ଼ବୋହୂକୁ ଦେଇ କି ଆସିଥିଲା । ସାନପୁଅ ବୋହୂ ଏହା ଜାଣିବା କ୍ଷଣି ଚିତ୍କାର କରି କହି ଉଠିଲେ "କାହିଁକି ତୁମେ ଦେଇ ଆସିଲ, ସେ କ'ଣ ତୁମକୁ ଖାଇବାକୁ ନିତି ଦଉଛି କି ? ଗୁଣ୍ଡା ମାରିଲା ବେଳକୁ ଆମ ପାଖରେ ଆଉ କିରୋସିନି ଆଣିଲା ବେଳକୁ ତା ପଖରେ । କ'ଣ ପାଇଁ ମ' ।"

ଏକଥାକୁ ସମାଧାନ ସ୍ୱରରେ ବୁଢ଼ା କହିଲା "ତୁମକୁ ମୁଁ ତ ସବୁବେଳେ ଦେଇ ଆସୁଛି । ଆଜି ସିଏ ନେଇଗଲା । ଏହାକୁ ନେଇ ପାଟି କରିବାର ଉଦ୍ଦେଶ୍ୟ କେଉଁଠାରେ ରହିଲା ।" କିନ୍ତୁ ଏକଜିଦିଆ ପୁଅ ଶ୍ୟାମ କ'ଣ ବୁଝିଲା । ବୁଢ଼ା ବାପାଟା ସହିତ କଦର୍ଯ୍ୟ ଗାଳିଗୁଲଜ କରି ଗାଁ ଦାଣ୍ଡ ଉଠାଇଲା, ପକାଇଲା । ବୁଢ଼ା କିଛି ନକହି ନୀରବ ହୋଇ ବସି ରହିଲା । କହିବ ମ' ଆଉ କ'ଣ ? ଭୁଲ ତ କରିଦେଇଛ । କି' ଭୁଲ ! ବଡ଼ପୁଅ ପାଖକୁ ଖାଇବାକୁ ଯାଇପାରିଲିନି ବୋଲି କ'ଣ ଭୁଲ ହୋଇଗଲା । ସେ ତ ସବୁବେଳେ ମାଗି ନଥିଲା । ଥରେ ନେଇଗଲା, ନେଉ । ଏକଥାଟା ବୁଝିବାକୁ ସାନ ପୁଅ ନାରାଜ ।

ସମୟ ସକାଳ ୧୨ଟା ବେଳେ ଏହି ଘଟଣାଟି ଘଟିଛି । ଆସି ଅପରାହ୍ନ ୪ଟା ବାଜିଲାଣି । ବୁଢ଼ାବୁଢ଼ୀ ଉପାସ ରହିଛନ୍ତି । ସାନବୋହୂ ମଧ୍ୟ ଖାଇବାକୁ ଡାକିଲା ନାହିଁ । ମଝିଆ ବୋହୂଟି ଯାହା ଡାକିଥାନ୍ତା । ଶ୍ୟାମର ଅସଭ୍ୟ ଗାଳିଗୁଲଜ ପାଇଁ ସେ ଡାକିପାରିଲା ପାହିଁ । କାରଣ ସେ ଗେରସ୍ତହୀନା । ପାଖରେ କଲେଜ ପଢୁଥିବା ପୁଅ ଓ ଝିଅ । ଗୋଟିଏ ଖଞ୍ଜାରେ ବୁଢ଼ାର ସାନପୁଅ ଓ ମଝିଆ ବୋହୂ ରୁହନ୍ତି । ତାର ଦୁଇବଖରାକୁ ଇଆର ଦୁଇବଖରା । ଶ୍ୟାମର କିଛି ପରିବା ଲୁଣରେ ମଝିଆ ବୋହୂ କିଛି ଦିନ ଚଳିଯାଉଛି । ବୁଢ଼ାକୁ ସେ ଡାକି ପାରିଲା ନାହିଁ । ହସ କୁତୁକୁତିଆ ମୁହଁଟି ମଳିନ ପଡ଼ିଗଲାଣି । ବୁଢ଼ୀ ମଧ୍ୟ ବାଡ଼ି ଢଙ୍ଗ ଢଙ୍ଗ କରି ଏ ପିଣ୍ଡାକୁ ସେ ପିଣ୍ଡା ଯାଏ । କିନ୍ତୁ ଆଜି ନିଜର ଗୋଟିଏ ପିଣ୍ଡା କୋଣରେ ବସିରହିଛି । ସାଇପଡ଼ିଶା କିଏ ବା ଡାକିବ ? ପୁତ୍ର ଶ୍ୟାମ ମଧ୍ୟ କହିକି ଯାଇଛି, ଯିଏ ଡାକିବ ସେ ମୋ ଠୁଁ ଭଲ କି ଶୁଣିବ । ଜେଜ ଜେପାଙ୍କ ବିଷର୍ଣ୍ଣ ବଦନକୁ ଦେଖି ଶ୍ୟାମର ଛୋଟ ପୁଅଟିର ମୁହଁରେ ହସ ଯେମିତି ହଜିଯାଇଛି ।

ସଂଧ୍ୟା ସମୟରେ ବଡ଼ପୁଅ ଖବର ପାଇ ବୁଢ଼ା ବାପା ମା' ପାଖକୁ ଆସିଲା । ଗାଁର ମାନ୍ୟଗଣ ଭଦ୍ରବ୍ୟକ୍ତି ଡାକି ନିଶାବ ବସାଇଲା । କିନ୍ତୁ ଏକଜିଦିଆ ଶ୍ୟାମ ବୁଝିବ କାହୁଁ । ସେ ସଭାରେ କହି ଉଠିଲା "ମୁଁ ବିଗତ ଦୁଇବର୍ଷ ହେଲା ଖାଇବାକୁ ଦେଇ ଆସୁଛି, ଏଇ ଦୁଇ ବର୍ଷରେ ଦୁଇ ଓଳି ଖାଇବାକୁ ଦେଇନି ଆସିଲା ଭଦ୍ରଲୋକ ଦେଖେଇ ।" ଶର୍ଯ୍ୟାଶାୟିନୀ ମନ୍ତ୍ରଣାରେ ବଡ଼ପୁଅ ବି ମନ୍ତ୍ରିତ । ସେ ବା କ'ଣ କହିବ ? ସଭା ମଧ୍ୟରେ ଭାଇମାନଙ୍କ ମଧ୍ୟରେ ଏଭଳି କଥାକଟାକଟିକୁ ନେଇ ଗ୍ରାମ୍ୟର ଭଦ୍ରଲୋକ ବିବେଚନା କଲେ, ଏକଳି ଦୁଇ ଭାଇ ଚାହିଁଲେ ଛିଡ଼ିବ । ଯଦି ଦୁଇଜଣ ମଧ୍ୟରେ ଏପରି ଭର୍ତ୍ସନା ଚାଲିବ, ତାହା ହେଲେ ହୋ ଛିଣ୍ଡିବ ନାହିଁ ।

ସେଠାରେ ତାଙ୍କର ଗାଳିଗୁଲଜ ମାଡ଼ପିଟି ଉପରକୁ

ଚାଲିଗଲା । ଏହା ଦେଖି ଉପସ୍ଥିତ ଭଦ୍ରବ୍ୟକ୍ତି ଗଣ ତତ୍‌କ୍ଷଣାତ୍ ଉଠି ଚାଲିଗଲେ । ଉଭୟ ପୁତ୍ର ମଧ୍ୟରେ କଜିଆ ଦେଖି ବୁଢ଼ାର ଦୁଃଖର ଅବସ୍ଥା ବଢ଼ିଚାଲିଲା । ସାନ ବୋହୂ ଖଣ୍ଡକ ଆସି ଗାଁ ଦାଣ୍ଡରେ ଦେଢ଼ଶୁର ସହିତ କଜିଆରେ ମାତିଲା । ଘରର ବୋହୂ ଘରେ ରହିବା କଥା । ଦାଣ୍ଡରେ ଏମିତି ଗାଳିଗୁଲଜ କରିବା କ'ଣ ଠିକ୍ କଥା ? ସେ ପୁଣି ନିଜର ଦେଢ଼ଶୁର ସହିତ । ଏ କଥାଟା ବୁଢ଼ାର ଛାତିରେ ଛୁରୀ ମାରିଲା ଭଳି ଲାଗିଲା । ଦାଣ୍ଡରେ ଉଭୟପୁତ୍ରର ଗଡ଼ାଗଡ଼ି ପ୍ରାୟ ଅଧଘଂଟା ପର୍ଯ୍ୟନ୍ତ ଲାଗିଲା । ସାମାନ୍ୟ କିଛି କିରୋସିନି ପାଇଁ ଏଇ ଦୁଇଭାଇଙ୍କ ମଧରେ କଳିଟା ଦେଖି ଗାଁ ଲୋକ ମଧ୍ୟ ଫୁସୁର ଫାସର ହେବାରେ ଲାଗିଲେ । କାହିଁ ଜାଣିବେ ଏ ଦୁଇ ମୁର୍ଖେ । କିରୋସିନି ତକ ତ ବୁଢ଼ା ଅନ୍ୟ କାହାକୁ ଦେଇ ନାହିଁ, ଦେଇଛି ଶ୍ୟାମର ବଡ଼ ଭାଇ କି । ଭାଇ ଭାଇର ସମ୍ପର୍କ କ'ଣ ଏଇଆ ।

ଦିନର ଘଟଣା, ରାତିର କଳିତକରାଳ ଦେଖି ବୁଢ଼ା ନିଜ ମୁଖରୁ ବାଣୀ ବାହାର କରି କହିଲା "ମୋତେ କେହି ଖାଇବାକୁ ଦେବ ନାହିଁ । ମୋ କଥା ମୁଁ ବୁଝିବି । ଆରେ ତମମାନଙ୍କୁ ଏଇ ବାପା ତା ହାତରେ ବଡ଼ କରିଛି । ଖାଦ୍ୟ, ବସ୍ତ୍ରଠାରୁ ଆରମ୍ଭ କରି ତୁମର ସବୁକଥା ସମ୍ଭାଳିଛି । ଆଜି ସାମାନ୍ୟ କିରୋସିନି ପାଇଁ ଉଭୟଙ୍କ ମଧରେ କଳି କରି, ଏ ବାପର ଇଜ୍ଜତଟା ଦାଣ୍ଡରେ ପକାଇଦେଲ । ବାପାର କଥାଶୁଣି ବଡ଼ପୁଅ ଟିକିଏ ଶାନ୍ତ ହୋଇଗଲା । ରାଗ ତମ ତମ ହୋଇ ସେ ତାର ଘରକୁ ପଳାଇଲା ।

ଆରମ୍ଭ ହୋଇଗଲା ସାନବୋହୁର ଗାଳିଗୁଲଜ । ବଡ଼ପାଟିରେ ଚିତ୍କାର କରି କହିଲା "ଏ ବୁଢ଼ାଟା ପାଇଁ ମୋ ଗେରସ୍ତ ମାଡ଼ ଖାଇ, ଇଏ ମଜାରେ ଦେଖିବ । ଏମିତି ବିଭିନ୍ନ ପ୍ରକାରର କଥା । ବିଭିନ୍ନ ଗାଳି ଗୁଲଜ କରି ବୁଢ଼ା ଉପରକୁ ମାରିବାକୁ ଧାଇଁ ଆସିଲା । ପୁଅ ଶ୍ୟାମ ଠିଆ ହୋଇଛି । କହୁ ନାହିଁ ତୁ ତାର ବୋହୂ ହେବୁ, ସେ ତୋର ବାପା ହେବ, ତାକୁ କ'ଣ ତୁ ହାତ ଉଠାଇବାକୁ ଚାଲିଯାଉଛୁ । ଓଲଟା ଶ୍ୟାମ କହିଲା "ଶଳାଟାକୁ ମାରେ, ଏଇଟା ପାଇଁ ତା ପୁଅ ମୋତେ ମାରିବ ।" ଏହା କହି ବୁଢ଼ାର ଛାତିକୁ ଗୋଟେ ଧକ୍କା ମାରିଲା, ବୁଢ଼ା ମୁହଁ ମାଡ଼ି ତଳେ ପଡ଼ିଗଲା ।

ପୁଅ ବୋହୂ ସେଠାରୁ ଚାଲିଯାଇ ଘରର ମୁଖ୍ୟ ଦ୍ୱାରକୁ ବନ୍ଦ କରିଦେଲେ । ରାସ୍ତାକୁ ଲାଗି ରହିଥିବା ଆଜ୍‌ବେଷ୍ଟ ଘରକୁ ବୁଢ଼ା ଚାଲିଗଲା । ସେହିଠାରେ ସେ ସବୁଦିନ ଶୁଏ, ଆଜି ମଧ୍ୟ ଶୋଇବା ପାଇଁ ଗଲା । ତା ମନ ମଧରେ ଏହି ଘଟଣା ଗୁଡ଼ିକ ଆନ୍ଦୋଳିତ ହୋଇ ବିରାଗ ଭାବନା ଜାଗ୍ରତ ହେଉଥାଏ । ବୁଢ଼ାକୁ ନିଦ ଲାଗୁନଥାଏ । ତଥାପି ଏକଡ଼ ସେକଡ଼ ହୋଇ କଡ଼ ଲେଉଟାଉଥାଏ । ସକାଳ ହେବାରୁ ସେହି ଘରୁ ଶ୍ୟାମର ଛୋଟପୁଅଟି ତାର ଛୋଟିଆ ସାଇକେଲଟି ଆଣିବା ପାଇଁ ଗଲା । ଜେପାକୁ ଦେଖି ସେଠାରୁ ଚାଲି ଆସିଲା । ଆସି ତା ବୋଉକୁ କହିଲା "ବୋଉ ଜେପା ଯେଉଁଠି ଶୋଇଥିଲା ସେଠାରେ ସେ ଓହୋଳିଛି, ଆସୁନୁ ଦେଖିବୁ ।"


କଳା ଭୂଷଣ ଛାତ୍ର

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀ ବିହାର

ଭୁବନେଶ୍ୱର

## "ଇଞ୍ଜିୟରରେ ପ୍ରେମିକା"

– ସୁଦର୍ଶନ ସାହୁ

ପ୍ରୀତିର ଦୁଇ ପୋଟଳ ଚିରା ଆଖିରୁ ଆଜି ଲୁହ ଆଉ ବନ୍ଦ ହେଉ ନାହିଁ । ସୁଶାନ୍ତକୁ ବିବାହ କରିବା ତା'ର ମାତ୍ର କିଛିଦିନ ପୁରିନାହିଁ, ଆଖିରେ ତା'ର ଲୁହ । ତା'ର ଆଖିରେ ଆଖିଏ ଲୁହକୁ ଯିଏବି ଦେଖିବ ତା'ର ମନର playstore ରୁ ସନ୍ଦେହର app ଟିକୁ download କରିବାକୁ ବାଧ ହେବ । କିନ୍ତୁ ପ୍ରୀତି ଏହା କାହାକୁ କରିବାକୁ ଦେଉ ନାହିଁ, କାରଣ ତାର ଲୁହ ଭିଜା ଆଖିକୁ ମାର୍ବଲ ପ୍ଲେଟ୍ ପକା ଭଡ଼ା ଘରର କୋଠରୀରରେ ବନ୍ଦ କରି ଦେଉଛି ।

ଦିନେ ସୂର୍ଯ୍ୟ ବଢ଼ିବାର କିଛି କ୍ଷଣ ଯାଇନି ଚୁପ୍ ଚାପ୍ ମୋବାଇଲ ଟିକୁ ଧରି ଏକ କାନ୍ଥକୁ ଆଉଜେଇ ବସି ପଡ଼ିଲା ଏବଂ camera ଫୋଟରେ ବିଭିନ୍ନ ପ୍ରକାରର ଫୋଟ କୁ ଦେଖୁ ଦେଖୁ କଲେଜ ପଢ଼ିବା ବେଳର ସାଙ୍ଗ ଜୟାର ତାର ଆଖିରେ ପଡ଼ିଗଲା, ଠିକ୍ ସେହି ସମୟ ଠାରୁ ତାର ଆଖି ମୋବାଇଲ ର ସ୍କ୍ରିନ୍ ରୁ ଦୂରେଇ ଯାଇ ତୀକ୍ଷ୍ଣ ଭାବରେ ମାର୍ବଲ ଚଟାଣର ଅଙ୍କା ବଙ୍କା ଫୁଲ ଉପରେ ରହି ଭାବି ବସିଲା ତାର ଅତୀତର ସ୍ମୃତି ସବୁ... । ସ୍କୁଲ ପାଠପଢ଼ା ଶେଷ ହେଲା ପରେ ଯେତେବେଳେ କଲେଜରେ ପାଦ ଦେଲା ତାର ପ୍ରଥମ ସାଙ୍ଗ ଜୟା ସହିତ ସାକ୍ଷାତ ହୋଇଥିବା କଥା, ଆଉ ତାର ରୁଢ଼ିଆ ହାଇସ୍କୁଲରୁ ରିଟାଡ୍ ହୋଇଥିବା ବୁଢ଼ା ବାପଟି କଥା । ଗାଁରେ କଥା ହୁଅନ୍ତି ବୁଢ଼ାର ସବୁ ଧନ ଏହି ଝିଅର ବାହାଘରରେ ଖର୍ଚ୍ଚ କରିବ, ଏହି କଥା ଶୁଣି ସେ ଲାଜେଇ ଯାଇ ମୁରୁକି ହସି ଦିଏ । କିନ୍ତୁ କଲେଜରେ ପଢ଼ିବା ବେଳେ ଜୀବନର ଜାତୀୟ ରାଜପଥ କେତେବେଳେ ରାଜ୍ୟ ରାଜପଥରେ ବଦଳି ଯାଇଥିଲା ସେ ନିଜେ ବି ଜାଣିପାରିନଥିଲା । ବାପା ଦେଇଥିବା oppo A37 ମୋବାଇଲ ରେ ଦିନେ Facebook ଚଲାଇଲା ବେଳେ ଇଞ୍ଜିନିୟର ସୁଶାନ୍ତ ନାମକ freind request ଆସିଲା, କିନ୍ତୁ ସେ ତାର profile ର ସମସ୍ତ ବିବରଣୀକୁ ଟିକିନିଖି କରି ପରଖି ବନ୍ଧୁତାକୁ ଗ୍ରହଣ କରିଥିଲା । ପରବର୍ତ୍ତୀ କ୍ଷେତ୍ରରେ ସେହି ସୁଶାନ୍ତ ସହିତ ପ୍ରେମ ସମ୍ପର୍କ କେତେବେଳେ ଯେ ଗଢ଼ିଉଠିଥିଲା ସେ ନିଜେ ବି ଜାଣି ନଥିଲା ।

ହଠାତ୍ ସେହି ଫୁଲଟି ଉପରେ ଏକ ଝିଟିପିଟି ପଡ଼ିବାରୁ ତାର ଆଖିର ପତା ଧପ କିରି ବନ୍ଦ ହୋଇ ପୁଣି ଖୋଲି ଭାବି ବସିବାକୁ ଲାଗିଲା– ତାର ଆଜି ବେଶି ମନେ ପଡୁଛି ବୁଢ଼ା ବାପାକୁ ଏକା କରି ସେହି ଇଞ୍ଜିନୟର ସୁଶାନ୍ତ ସହିତ ଘରୁ ବାହାରି ଆସିଥିଲା, ଆଜି କେମିତି ସେହି ଇଞ୍ଜିନୟର ସୁଶାନ୍ତ ଏକ ଘରୋଇ କଲେଜର ପିଅନ ହୋଇପାରିଲା ।

(ଏଥିପାଇଁ ନାୟିକା ପ୍ରୀତି ମୋ ସ୍ୱପ୍ନରେ ଆସି କଇଁ କଇଁ କାନ୍ଦି କହିଗଲା ଯେ, ସମାଜର ଯୁବପିଢ଼ି ମାନଙ୍କୁ ଚେତାଇ ଦେବାକୁ, ତାହାଭଳି ଅନ୍ଧଭାବରେ କାହାରିକୁ ଭଲ ନପାଇ ଏବଂ ଫେସବୁକ ର ଫେକ୍ ଆଇଡ଼ି ମାନଙ୍କ ଠାରୁ ଦୂରେଇ ରହିବାକୁ । ।)

କ୍ଷୀରୋ, ଷଠିପୁର, ଯାଜପୁର

# ତଥାପି ଅପେକ୍ଷା କରାଯାଉ

– ଡକ୍ଟର ବିଜୟାନନ୍ଦ ସିଂହ

ଶୀତଦିନର ସକାଳଟା ଅତ୍ୟନ୍ତ ବିବର୍ଣ୍ଣ ଦେଖାଯାଉଥିଲା । ଚାରିଆଡ଼ କୁହୁଡ଼ିରେ ପରିପୂର୍ଣ୍ଣ । ଟିକେ ବି ଖରା ଦେଖାଯାଉ ନାହିଁ । ପଙ୍କଜ ଉପର ମହଲାରୁ ତଳ ଡ୍ରଇଁରୁମ୍‌କୁ ଆସିଲେ । କବାଟଟା ଖୋଲିଦେଲେ । ଶୀତଦିନିଆ ଥଣ୍ଡା ପବନ ଦଲକାକୁ ଦଲକା ମାଡ଼ିଆସୁଛି ଘର ଭିତରକୁ । ପଙ୍କଜ ପୁଣି କବାଟ ଆଉଜାଇ ଦେଲେ । ଏତେବେଳଯାଏ ଖବରକାଗଜ ଆସି ନାହିଁ । ସେ ସକାଳୁ ସକାଳୁ ଚା' ପିଉ ପିଉ ଖବରକାଗଜ ପଢ଼ା ସାରିଦିଅନ୍ତି । ଏଇ ଦୁଇ ତିନିଦିନ ହେବ ଜୀବନଟା ତାଙ୍କର କେମିତି ଅସଜଡ଼ା ହୋଇଯାଇଛି । ଅଫିସ୍ ନ ଯାଇ ଛୁଟିରେ । କେମିତି ସେ ଅଫିସ୍ ଯିବେ ! ଅଫିସ୍‌ରେ ପହଞ୍ଚିଲାମାତ୍ରେ ଯେଉଁସବୁ ଘଟଣା ଘଟିଯିବ, ତାକୁ ସେ ସାମନା କରିପାରିବେ ତ ? ପ୍ରଥମେ ଅର୍ଦ୍ଦଳି ପିଅନ ନମସ୍କାର କରି ଅଫିସ୍ ଚ୍ୟାମ୍ବରର କବାଟ ଖୋଲି ଠିଆହେବ ପରବର୍ତ୍ତୀ ନିର୍ଦ୍ଦେଶ ଅପେକ୍ଷାରେ । ତା' ଆଖିରେ ବହୁ ପ୍ରଶ୍ନବାଚୀ ଖୁଦି ହୋଇ ରହିଥିଲେ ବି ସେ କ'ଣ ସାହସ କରି ପଚାରିବ ତାଙ୍କର କ'ଣ ହୋଇଛି ବୋଲି ? ପ୍ରାଇଭେଟ ସେକ୍ରେଟେରୀ, ଷ୍ଟେନୋ, ଆଖିରେ ଆଖିଏ ଲେଖାଏଁ ପ୍ରଶ୍ନ ଧରି ନିର୍ବାକ୍ ଭଳି ଅନାଇ ରହିଥିବେ ତାଙ୍କ ମୁହଁକୁ । ଆଉ..ଅଫିସ୍‌ର ଅନ୍ୟାନ୍ୟ କର୍ମଚାରୀ ତାଙ୍କ ବିଷୟରେ କେତେ କ'ଣ ଆଲୋଚନା କରୁଥିବେ । କଥାବାର୍ତ୍ତା ହେଉଥିବେ-ଏତେ ବଡ଼ ଅଫିସର୍....ଏତେ କର୍ମନିଷ୍ଠ...ଉଚିତ କଥାରେ କାହାକୁ ତ ଛାଡ଼ନ୍ତି ନାହିଁ...ଅଫିସ୍‌କୁ ଶୃଙ୍ଖଳିତ କରିବା ପାଇଁ ଯେତେ ସବୁ କଠୋରତା ଅବଲମ୍ବନ କରନ୍ତି । ଅଥଚ ତାଙ୍କର ଛୋଟିଆ ପରିବାରକୁ ଶୃଙ୍ଖଳିତ କରିପାରିଲେ ନାହିଁ ।

ଏଇ କେଇଦିନ ତଳେ ସସ୍‌ପେଣ୍ଡ ହୋଇଥିବା ରାତି ଜଗୁଆଳ ନରହରି କିନ୍ତୁ ଗଦ୍‌ଗଦ୍ ଆନନ୍ଦରେ କହୁଥିବ-ବେଟାକୁ ଠିକ୍ ହୋଇଛି । ସଚ୍ଚୋଟପଣିଆ ଦେଖାଉଥିଲଶ, ମୋତେ ସସ୍‌ପେଣ୍ଡ କରିଥିଲା, ତା'ର ଫଳ ଏବେ ଭୋଗୁଛି । ମୋର କ'ଣ ବା ଦୋଷ ଥିଲା । ଚାକିରି କଲାଦିନୁ କେବେ ତ ମୁଁ ଠିକ୍ ସମୟରେ ଆସିପାରେ ନାହିଁ । ଘଣ୍ଟେ ଦି' ଘଣ୍ଟା ଡେରି ହୋଇଯାଏ । ଏଇଟା କ'ଣ ଗୋଟେ ଭୁଲ୍ ନା ଏ ଡେରି ଆଜିକାଲିର ? ଆବହମାନ କାଳରୁ ଚାକିରି କଲାଦିନୁ ଏମିତି ଡେରିରେ ଆସୁଛି । ୟା'ପରି କେତେ ଅଫିସର ଆଇଲେଣି -ଗଲେଣି । କାହିଁ ସେମାନେ ତ ସସ୍‌ପେଣ୍ଡ କରିନଥିଲେ ? କେହି କେବେ ଅଭିଯୋଗ କଲେ ସେମାନେ ପାଖକୁ ଡାକି କେବଳ ବିରକ୍ତ ହୁଅନ୍ତି ବା ତାଗିଦା କରିଦିଅନ୍ତି । ୟେ କ'ଣ କଲା ନା କୁହା ନାହିଁ ବୋଲା ନାହିଁ ଏକାଥରକେ ସସ୍‌ପେଣ୍ଡ । ଶଳା ଯେମିତି କରିଛି, ସେମିତି ଫଳ ପାଉଛି ।

ଅଫିସ୍ ଟେବୁଲ ଉପରେ ଫାଇଲସବୁ ଗଦା ହୋଇଯିବଣି । ବିଚରା ଯେଉଁମାନେ ଫାଇଲ୍ ଉପରେ ନିର୍ଭର କରି ଭବିଷ୍ୟତକୁ ଦେଖୁଥିବେ, ସେମାନେ କେତେ ବ୍ୟସ୍ତ ହେଉଥିବେ । ଷ୍ଟେନୋ ଗୁରୁଚରଣ ଫୋନ୍ କରି କହୁଥିଲେ – କ୍ୟାସିୟରବାବୁ ବ୍ୟସ୍ତ ହେଉଛନ୍ତି–କେତେ ଜଣଙ୍କର ଚେକ୍ ଦସ୍ତଖତ ହୋଇନି ବୋଲି ସେମାନେ ଟଙ୍କା ପାଇପାରୁ ନାହାନ୍ତି । ପଚାରୁଥିଲେ, ସାର୍ କେବେ ଆସିବେ ।

ପଙ୍କଜ ବଡ଼ ବ୍ୟସ୍ତ ହୋଇପଡୁଥିଲେ । ଏତେଦିନ ଧରି ଆଦର୍ଶ, ନିଷ୍ଠା ଓ ଦକ୍ଷତାକୁ ନେଇ ବଂଚୁଥିବା ମଣିଷ ଯେ – କ'ଣ ତାଙ୍କ ଜୀବନରେ ଘଟିଗଲା । ସୋଫା ଉପରୁ ଉଠିପଡ଼ି ବାଚାଳଙ୍କ ପରି ଏପଟ ସେପଟ ହେଲେ । ଟିଭିକୁ ଅନ୍ କଲେ । ପୁରୁଣା ହିନ୍ଦୀ ଗୀତ ଚ୍ୟାନେଲ୍ ଖୋଲିଲେ । ବାଜିଉଠିଲା ମହମ୍ମଦ ରଫିଙ୍କର ବହୁଚର୍ଚ୍ଚିତ ପୁରୁଣା ଏକ ବିରହ ସଂଗୀତ । ଭାବବିହ୍ୱଳ ହୋଇଗଲେ ସେ । ଘରେ କାମ କରୁଥିବା ପିଅନଟା ଆସି ଚା' କପ୍‌ଟିକୁ ଟିପୟ ଉପରେ ରଖିଦେଇ ଗଲାଣି । ଚା' ପିଉ ପିଉ ବସିପଡ଼ି ଭାବିଲେ- କ'ଣ ତାଙ୍କର ଭୁଲ ? କ'ଣ ପାଇଁ ଏ ଦଣ୍ଡ ?

ତିନିଦିନ ହେବ ସୁଚେତା ଘରେ ନାହିଁ । ଫୋନ୍ ବି କରୁନାହିଁ । ପଙ୍କଜ ଟୁର୍‌ରେ ବଲାଙ୍ଗୀର ଯାଇଥିଲେ । ରେସିଡେନସରୁ ପିଅନ ଫୋନ୍ କରି କହିଲା – ମା' ଗତକାଲିଠାରୁ ଘରୁ ଗଲେଣି । ଫେରି ନାହାନ୍ତି । ଗଲାବେଳେ ବଡ଼ ବ୍ରିଫକେଶ୍‌ଟା ନେଇ ଯାଇଛନ୍ତି । ଆପଣ ଟୁର୍‌କୁ ବାହାରିଗଲା ପରେ ସେ କଲେଜ ନ ଯାଇ ତାଙ୍କ ବ୍ରିଫକେଶ୍‌ଟାକୁ ସଜାଡୁଥିଲେ । ବୋଧହୁଏ ବ୍ରିଫ୍‌କେଶ୍‌ରେ ତାଙ୍କର ଶାଢ଼ୀ, ଡ୍ରେସ ସଜାଇ ରଖୁଥିଲେ । ମୁହଁସଂଜ ହେବ ଗୋଟିଏ ଧଳା ଇଣ୍ଡିଗୋ କାର୍ ଆସି ଘରର ମେନ୍‌ଗେଟ୍ ପାଖରେ ଠିଆହେଲା । କାର୍‌ର ଡ୍ରାଇଭର ଆସି ବେଲ୍ ମାରିବାରୁ ମା' ତଳକୁ ଆସି ମୋତେ କହିଲେ – ବ୍ରିଫ୍‌କେଶ୍‌ଟା ଗାଡ଼ିରେ ଥୋଇଦେ ।

ମୁଁ ତାଙ୍କ ଆଦେଶରେ ବ୍ରିଫ୍‌କେଶଟା ଗାଡ଼ିରେ ରଖିଦେବାମାତ୍ରେ ମା' ଡ୍ରାଉଭର ପାଖ ସିଟ୍‌ରେ ବସିପଡ଼ିଲେ । ଗାଡ଼ି ଚାଲିଗଲା । ରାତି ଦଶ ବାଜିଲା, ଏଗାର ବାଜିଲା, ବାର

ବାଜିଲା – ତଥାପି ମା' ଫେରିଲେ ନାହିଁ । ବବୁଲୁବାବୁ ଦିଲ୍ଲୀରୁ ଫୋନ୍ କରି ପଚାରୁଥିଲେ ମା'ର ମୋବାଇଲ୍ କାହିଁକି ବନ୍ଦ ଅଛି ? କ'ଣ ସେ କରୁଛନ୍ତି ? କହିଲି ସେ ଘରେ ନାହାନ୍ତି । କୁଆଡ଼େ ଯାଇଛନ୍ତି ଯେ ଏପର୍ଯ୍ୟନ୍ତ ଫେରି ନାହାନ୍ତି ।

ପଙ୍କଜ ବଡ଼ ବ୍ୟସ୍ତ ହୋଇପଡ଼ିଲେ । ଫୋନ୍ କଲେ ସୁଚେତାକୁ । ମୋବାଇଲ୍ ସୁଇଚ୍ ଅଫ୍ । କ'ଣ କରିବେ ? ଏତିକିବେଳେ ପୁଅ ବବୁଲୁ ଫୋନ୍ କଲା । କହିଲା – ବାବା! ମା'ଙ୍କର ଫୋନ୍ ସୁଇଚ୍ ଅଫ୍ ଦେଖାଉଛି । କ'ଣ ହୋଇଛି ତାଙ୍କର ? ପିଅନ କହୁଥିଲା ମା' ଘରେ ନାହାନ୍ତି ବୋଲି ? କୁଆଡ଼େ ଯାଇଛନ୍ତି ସେ ?

ପଙ୍କଜ ଫେରିଆସିଲେ ଭୁବନେଶ୍ୱରକୁ । ସକାଳୁ ସକାଳୁ ଘରେ ପହଞ୍ଚି ପିଅନ ଜଟାଧାରୀକୁ ପଚାରିଲେ – ସେ ଗାଡ଼ିରେ ଆଉ କିଏ ଥିଲେ ?

ଗାଡ଼ି ନମ୍ବର କେତେ ମନେରଖିଛୁ ? ଜଟାଧାରୀ ମୁଣ୍ଡ ହଲାଇ ମନାକଲା । ବନ୍ଧୁ ଅବନୀଙ୍କୁ ପଙ୍କଜ ଫୋନ୍ କରି କହିଲେ– ଅବନି! ସୁଚେତା ତିନିଦିନ ହେବ କୁଆଡ଼େ ଚାଲିଯାଇଛି । ତା'ର କିଛି ଖୋଜଖବର ନାହିଁ । ମୋବାଇଲ୍‌କୁ ସୁଇଚ୍ ଅଫ୍ କରିଦେଇଛି । ଏବେ କ'ଣ କରିବି, କିଛି ବୁଦ୍ଧି ବାଟ ଦିଶୁ ନାହିଁ ।

ଅବନୀ ଉତ୍ତର ଦେଲେ – ବ୍ୟସ୍ତ ହୁଅନି । ଏଇ ସଂଗେ ସଂଗେ ଯାଇ ତୁମ ଘରେ ପହଞ୍ଚୁଛି ।

ପଙ୍କଜଙ୍କ ସରକାରୀ କୋଠିରେ ଅବନୀ ପହଞ୍ଚି, ସବି ଘଟଣା ଶୁଣି କହିଲେ କାହିଁକି ତୁମେ ଏମିତି ଭାଙ୍ଗିପଡୁଛ ? ସେ କୁଆଡ଼େ ବନ୍ଧୁବାନ୍ଧବଙ୍କ ଘରକୁ ଯାଇଥିବେ । ଚାଲିଆସିବେନି । ଏମିତି କେତେ ଦିନ ଜଣେ ବିବାହିତା ମହିଳା ବାହାରେ ରହିପାରିବେ ? ତୁମେ ତାଙ୍କ ସାଙ୍ଗମାନଙ୍କୁ ପଚାରୁନ...କିଛି ଖବର ମିଳିପାରେ । ହଁ ହଁ କହି ଅନିରୁଦ୍ଧ ସୁଚେତାଙ୍କ ସାଙ୍ଗ ଝରଣାକୁ ଫୋନ୍ ଲଗାଇ ପଚାରିଲେ–ସୁଚେତା କ'ଣ ଆପଣଙ୍କ ଘରକୁ ଯାଇଛନ୍ତି କି ?

ରାଜନୀତି ବିଜ୍ଞାନର ଅଧ୍ୟାପିକା ଝରଣା ଷଡ଼ଙ୍ଗୀ ପଚାରିଲେ – କାହିଁ କ'ଣ ହେଲା କି ? ତିନିଦିନ ହେବ ସେ କଲେଜ ଆସିନାହାନ୍ତି । ତାଙ୍କ ହେଡ୍ ଅଫ୍ ଦି ଡିପାର୍ଟମେଣ୍ଟ ବ୍ୟସ୍ତ ହୋଇ କହୁଥିଲେ କେମିତି ଚାଲିବ ଏ ଡିପାର୍ଟମେଣ୍ଟ ? ଏପର୍ଯ୍ୟନ୍ତ କୋର୍ସ ଶେଷ ହେଲା ନାହିଁ । ଆଗକୁ ପରୀକ୍ଷା ।

ପଙ୍କଜ ବ୍ୟସ୍ତ ହୋଇ ଫୋନ୍ କାଟିଦେଇ କଲେଜ ପ୍ରିନ୍‌ସିପାଲଙ୍କୁ ଲଗାଇଲେ । ସୁଚିତ୍ରା କ'ଣ କିଛି ଛୁଟି ଦରଖାସ୍ତ ଆପଣଙ୍କୁ ଦେଇଛି କି ?

ପ୍ରିନ୍‌ସିପାଲ କହିଲେ – କିଛିଦିନ ତଳେ ସୁଚେତା ମୋତେ କହୁଥିଲେ ତାଙ୍କ ଦେହ ଅନେକ ଦିନ ହେବ ଭଲ ରହୁନାହିଁ । ମେଡ଼ିକାଲ୍ ଚେକ୍‌ଅପ୍ ଲାଗି ସେ ଦିଲ୍ଲୀ ଯିବାକୁ ସ୍ଥିର କରିଛନ୍ତି । ଅତି କମ୍‌ରେ ତିନିମାସ ଛୁଟି ଦରକାର । ମୁଁ କହିଲି, ସମରଭେକେସନ୍ ସମୟକୁ ଛୁଟି ନେଲେ ହୁଅନ୍ତାନି ?ଏବେ ଡିସେମ୍ବର ମାସ ଶେଷ ହେଲା । ଆଗକୁ ପରୀକ୍ଷା ଅଛି । ପରୀକ୍ଷାଟା ସରିଯାଉ, ଆପଣ ଯିବେ । ଉତ୍ତରରେ ସେ କହିଲେ ମୋର ମେଡ଼ିକାଲ ଚେକ୍‌ଅପ୍ ପାଇଁ ଡେଟ୍ ଫିକ୍ସ ହୋଇଯାଇଛି । ତାକୁ ବଦଳାଇଲେ ଆଉ ସହଜରେ ଡେଟ୍ ମିଳିବ ନାହିଁ । ବଧହୋଇ ପ୍ରଥମ ପର୍ଯ୍ୟାୟରେ ତାଙ୍କୁ ଗୋଟିଏ ମାସର ଛୁଟି ମଞ୍ଜୁର କରିଛି ।

ଅଜଣା ଆଶଙ୍କାରେ ପଙ୍କଜଙ୍କ ଦେହ ଥରିଉଠିଲା । ଫୋନ୍‌ଟା ଥୋଇଦେବା ମାତ୍ରେ ଅବନୀ ପଚାରିଲେ – ପ୍ରିନିସିପାଲ୍ କ'ଣ କହିଲେ ?

ପଙ୍କଜ ସରକାରୀ କ୍ଷେତ୍ରରେ ଜଣେ ଦକ୍ଷ ପ୍ରଶାସକ ଥିଲେ ମଧ୍ୟ ପାରିବାରିକ କ୍ଷେତ୍ରରେ ଏତେ ଦୁର୍ବଳ ଥିଲେ ଯେ, ପ୍ରିନିସିପାଲ୍‌ଙ୍କ କଥା ଶୁଣିବାମାତ୍ରେ ତାଙ୍କ ଆଖିରୁ ଝରଝର ହୋଇ ଲୁହ ଝରିଯାଇଥିଲା । ଅବନୀବାବୁଙ୍କୁ ଉତ୍ତର ଦେବାପାଇଁ ଗୋଟିଏ ଶବ୍ଦ ମଧ୍ୟ ତାଙ୍କ କଣ୍ଠ ଭେଦକରି ବାହାରକୁ ଆସିପାରୁନଥିଲା ।

ଅବନୀ କହିଲେ – ତୁମେ ଜଣେ କର୍ତ୍ତବ୍ୟପରାୟଣ ଅଫିସର ଭାବେ ରାଜ୍ୟରେ ନାଁ କମାଇଛ । ଜୀବନର ସବୁତକ ସମୟ ଅଫିସ୍ ପାଇଁ ଦେଇଛ । ଶୃଙ୍ଖଳା, କର୍ମନିଷ୍ଠା ତୁମର ଜୀବନର ବ୍ରତ । ଅଥଚ ଏହି ସାମାନ୍ୟ ପାରିବାରିକ ସମସ୍ୟାରେ ଏମିତି ଭାଙ୍ଗିପଡୁଛ ? ହଉ ହେଲା, ଏବେ ମନକୁ ଥଣ୍ଡା କରି ବିଶ୍ରାମ ନିଅ । ମୁଁ ଯାଉଛି, ପୁଣି ସନ୍ଧ୍ୟା ପରେ ଆସିବି ।

ପଙ୍କଜ ବେଡ୍‌ରୁମ୍‌କୁ ଯାଇ ଦେଖିଲେ, ସୁଚେତା ତା'ର ସବୁ ଡ୍ରେସ୍, ଶାଢ଼ୀ, ଏପରିକି ଚପଲ କେଇ ହଳ ବି ସାଭ୍‌ଗରେ ନେଇଯାଇଛି । ଲୁହା ଆଲମିରାଟା ବନ୍ଦ ଥିଲା । ଚାବି ଖୋଜିଲେ, ପାଇଲେ ନାହିଁ । ପିଅନକୁ ଆଲମିରା ସହିତ ଲାଗି ତାକୁ ଖୋଲିଦେଲା । ଲକ୍‌ରଟା ଖାଲି । ସବୁତକ ସୁନାଗହଣା ନେଇ ଚାଲିଯାଇଛି ସୁଚେତା ।

ପଙ୍କଜଙ୍କ ମୁଣ୍ଡ ଭିତରଟା ଘାଇଁ ଘାଇଁ ହୋଇ ଘୂରିବାକୁ ଲାଗିଲା । ଦେହହାତରୁ ଗମଗମ ହୋଇ ଝାଳ ବୋହିଯାଉଥିଲା । ଥରି ଥରି ସେ ବେଡ୍ ଉପରେ ଶୋଇଗଲେ ।

ପଙ୍କଜ ସିନା ବେଡ୍ ଉପରେ ଶୋଇଗଲେ, ହେଲେ ତାଙ୍କୁ କ'ଣ ନିଦ ହେଲା । ଟିଭି ପରଦାର ଚିତ୍ର ପରି ଗୋଟିଏ ପରେ ଗୋଟିଏ ଦୃଶ୍ୟ ତାଙ୍କ ଆଖି ସାମନାରେ ଭାସିଉଠିଲା ।

ଦ୍ୱିବିଂଶତମ ବିବାହ ବାର୍ଷିକୀ ସେ ଏଇ କେତେଦିନ ତଳେ ପାଳନ କରିସାରିଛନ୍ତି । ମନେପଡ଼ିଯାଇଛି ସୁଚେତାଙ୍କ

ସହିତ ତାଙ୍କର ବିବାହ ବେଳର କଥା । ସୁଚେତା ସେତେବେଳେ ଗୃହବିଜ୍ଞାନରେ ଏମ୍.ଏ. ପାସ୍ କରିସାରିଥିଲେ ।

ପଙ୍କଜଙ୍କ ବିବାହ ପାଇଁ କେତେଆଡୁ କେତେ ପ୍ରସ୍ତାବ ଆସୁଥିଲା । ବଡ଼ଭାଉଜ ଓ ସାଙ୍ଗସାଥିମାନେ ତାଙ୍କୁ ବହୁ ଝିଅଙ୍କ ଫଟୋ ଦେଖାଇ ବିବାହ ପାଇଁ ପ୍ରବର୍ତ୍ତାଉଥିଲେ । କିନ୍ତୁ କେଉଁଥିରେ ସେ ସମ୍ମତ ହେଉନଥିଲେ ।

ପଙ୍କଜଙ୍କ ସହପାଠୀ ସୌଭାଗ୍ୟ । ସେ ଭାରତୀୟ 'ବିଦେଶ ସେବା ବିଭାଗ' ର ଜଣେ ପଦସ୍ଥ କର୍ମଚାରୀ । ତାଙ୍କର ଏକମାତ୍ର ଭଉଣୀ ସୁଚେତା । ସୌଭାଗ୍ୟଙ୍କ ସହ ତାଙ୍କ ଘରକୁ ସେ କେତେଥର ଯାଇଛନ୍ତି । କଲେଜ ପାଖରେ ସୌଭାଗ୍ୟ ବାପାଙ୍କର କ୍ୱାର୍ଟର ଥିଲା । ପଙ୍କଜ ମେଧାବୀ ଛାତ୍ର ଥିବାରୁ ସୌଭାଗ୍ୟଙ୍କ ଘରେ ତାଙ୍କୁ ଯଥେଷ୍ଟ ଆଦର ମିଳୁଥିଲା । ସୁଚେତା ସେତେବେଳେ ମାଟ୍ରିକ୍ ଶେଷ ବର୍ଷର ଛାତ୍ରୀ । ତା'ର ହାସ, ଚାହାଣି, ବ୍ୟବହାର ପଙ୍କଜଙ୍କୁ ମୁଗ୍ଧ କରିଥିଲା ।

ସୌଭାଗ୍ୟ ଓ ପଙ୍କଜଙ୍କର ଆଉ ଜଣେ ସାଙ୍ଗ ଅବନୀ । ଅବନୀ ଦିନେ କଥାପ୍ରସଙ୍ଗରେ ପଙ୍କଜଙ୍କୁ କହିଲେ – ତୋ ପାଇଁ ଗୋଟଇଏ ଭଲ ପ୍ରସ୍ତାବ ମୋ ପାଖରେ ଅଛି । ତୁ ଶୁଣିଲେ ନିଶ୍ଚୟ ରାଜି ହୋଇଯିବୁ । ଆଉ କେତେଦିନ ଏମିତି ବାଡୁଅ ହୋଇ ବୁଲୁଥିବୁ ?ତୁ ତ ଜାଣୁ, ସୌଭାଗ୍ୟର ଭଉଣୀ ସୁଚେତାକୁ । ସେ ହୋମ୍ ସାଇନ୍‌ସରେ ପିଜି କରିଛି । ଫାଷ୍ଟକ୍ଲାସ୍ ବି ପାଇଛି । ତୋ ସହ ତା'ର ବିଭାଘର ହୋଇଗଲେ ଭଲ ହୁଅନ୍ତା । ତୁ ଯଦି ରାଜି ହେବୁ, ଏ ପ୍ରସ୍ତାବରେ ଆଗେଇବି । ପଙ୍କଜ କିନ୍ତୁ ସଂଗେ ସଂଗେ କୌଣସି ଉତ୍ତର ନ ଦେଇ ଦୁଇଦିନ ମଧ୍ୟରେ ନିଜ ମାତମତ ଜଣାଇବେ କହି ଅବନୀଙ୍କ ପାଖରୁ ବିଦାୟ ନେଲେ ।

ପଙ୍କଜ ତ ବହୁ ପୂର୍ବରୁ ସୁଚେତାର ରୂପଗୁଣ ସମ୍ପର୍କରେ ସଚେତନ ଥିଲେ । ପ୍ରସ୍ତାବଟି ମଧ୍ୟ ଅତି ଉତ୍ତମ ଥିଲା । ତାଙ୍କ ଘର ପାଇଁ ସୁଚେତା ଉପଯୁକ୍ତ ବୋହୂଟିଏ ହୋଇପାରିବ ବୋଲି ମନ୍ତବ୍ୟ ଦେଇ ସେ ତାଙ୍କ ମା'ଙ୍କୁ ଫୋନ୍‌ରେ ଜଣାଇ ମତାମତ ଲୋଡ଼ିଲେ । ପୁଅର ଯେତେବେଳେ ମନ ମାନିଛି । ମା'ଙ୍କର ବିରୋଧ କରିବାର କିଛି କାରଣ ନଥିଲା । ପ୍ରସ୍ତାବ ଆଗେଇଲା ।

ପଙ୍କଜଙ୍କର ସୁଚେତାଙ୍କ ସହିତ ବାହାଘର ହୋଇଗଲା । ବାହାଘରର କିଛିଦିନ ପରେ ଦିନେ ସୁଚେତା କହିଲା – ତୁମେ ତ ରାଜ୍ୟସରକାରଙ୍କର ଏତେବଡ଼ ଅଫିସରଟିଏ ହୋଇଛ । ନିଜ ସ୍ତ୍ରୀକୁ ତୁମ ଅଫିସରେ ହେଉ ବା ଅନ୍ୟ କେଉଁଠି ହେଉ ଚାକିରିଟିଏ କରାଇଦେଇପାରୁନ ? ମୁଁ ଏତେ ପାଠ ପଢ଼ି ଘର କୋଣରେ ବସିରହିବା ତୁମକୁ କ'ଣ ଖରାପ ଲାଗୁ ନାହିଁ ।

ସବୁଦିନେ ଏମିତି ଅଭିଯୋଗ ବାଢ଼ିବ ସେ ସୁଚେତା । ପଙ୍କଜ ଦିନେ ବଡ଼ ସଂକୋଚରେ ତାଙ୍କ ଉପରିସ୍ଥ ଅଫିସରଙ୍କୁ ଏ ସବୁ କଥା ଜଣାଇବାରୁ ସେ କହିଲେ – ଇଏ ଗୋଟାଏ କି ଛାର କଥା ! ଅତି ଶୀଘ୍ର ଆପଣଙ୍କ ସ୍ତ୍ରୀଙ୍କ ପାଇଁ ଆଡହକ୍ ନିଯୁକ୍ତିଟିଏର ବ୍ୟବସ୍ଥା କରାଇଦେବି ।

ସୁଚେତା କଲେଜରେ ଆଡହକ୍ ନିଯୁକ୍ତି ପାଇଲା ପରେ ଖୁବ୍ ଉତ୍‌ଫୁଲ୍ଲିତା ହୋଇପଡ଼ିଥିଲା । ଏଣିକି ଜୀବନଟା ଅତ୍ୟନ୍ତ ସୁଖମୟ ହୋଇଉଠିବ ବୋଲି ଭାବିଥିଲେ ପଙ୍କଜ । ପଙ୍କଜଙ୍କ ଜନ୍ମ ନିପଟ ଏକ ମଫସଲରେ ପାଣି କାଦୁଅଭରା ଧାନବିଲ ପିରପୂର୍ଣ୍ଣ ଅଞ୍ଚଳରେ । ବାପା ତାଙ୍କର ନାମମାତ୍ର ଚାଷୀ । ପଙ୍କଜଙ୍କର ମନେଅଛି, ସେ ଖାଲି ପାଦରେ ପ୍ରାୟତଃ ସ୍କୁଲକୁ ଯାଉଥିଲେ ମାଟ୍ରିକ୍ ପାସ୍ କରିବା ପର୍ଯ୍ୟନ୍ତ । ପ୍ୟାଣ୍ଟ ଶାର୍ଟ ମାତ୍ର ଦୁଇହଳ ଥିଲା ତାଙ୍କର । ସକଳ ସଂଘର୍ଷ ଭିତରେ ତାଙ୍କର ଛାତ୍ରଜୀବନ କଟିଯାଇଥିଲା । ସେହି ସଂଘର୍ଷ ହିଁ ଦେଇଥିଲା ତାଙ୍କୁ ସଫଳତା । ମାଟ୍ରିକରେ ସେ ଦଶଜଣଙ୍କ ଭିତରେ ସ୍ଥାନ ପାଇ ଗୌରବାନ୍ୱିତ କରିଥିଲେ ତାଙ୍କ ସ୍କୁଲ ଓ ଗାଁକୁ । କଠିନ ପରିଶ୍ରମ ଓ ଅଧ୍ୟବସାୟ ତାଙ୍କୁ ପ୍ରଦାନ କରିଥିଲା ପଦସ୍ଥ ଅଧିକାରୀ ପଦବୀ ।

ବିବାହର କିଛି ବର୍ଷ ପର୍ଯ୍ୟନ୍ତ ସେ ଅଫିସ୍‌ରୁ ଆସିବାମାତ୍ରେ ସୁଚେତା ତାଙ୍କୁ ବାହାରୁ ପାଛୋଟି ନେଉଥିଲା ଘର ଭିତରକୁ । ଅଫିସ୍‌ରୁ ଆସିବାରେ ଟିକେ ବିଳମ୍ବ ହେଲେ ସେ ବାରମ୍ବାର ଫୋନ୍ କରୁଥିଲା । ଥରେ ଥରେ ଷ୍ଟେନୋକୁ ନିର୍ଦ୍ଦେଶ ଦେଉଥିଲା ତାଙ୍କୁ ଶୀଘ୍ର ଘରକୁ ପଠାଇ ଦେବାପାଇଁ । ହେଲେ ସେ ସମୟ କେବେଠାରୁ ଅତୀତ ହେଇଗଲାଣି । ସୁଚେତା ଦୁଇଟି ସନ୍ତାନର ଜନନୀ । ପିଲାଦୁଇଟି ସ୍କୁଲକୁ ଯିବା ଆରମ୍ଭ କଲେଣି । ବଡ଼ପୁଅ ସାନପୁଅ ଭିତରେ ବ୍ୟବଧାନ ମାତ୍ର ତିନିବର୍ଷ । ବେଳେବେଳେ ପିଲାଙ୍କୁ ଘରେ ପାଠ ପଢ଼ାଇବା ସମୟରେ ସୁଚେତା ଅତ୍ୟନ୍ତ କଠୋର ହୋଇଉଠେ । ସାମାନ୍ୟ ତ୍ରୁଟିରେ ସେମାନଙ୍କୁ ପିଟାପିଟି କରେ । ପିଲାଙ୍କ ବିକଳ କାନ୍ଦଣାରେପଙ୍କଜ ବ୍ୟତିବ୍ୟସ୍ତ ହୋଇ ସେମାନଙ୍କ ସପକ୍ଷରେ କିଛି ସମ୍ବେଦନଶୀଳ କଥା କହିଲେ ସୁଚେତା ସଂଗେ ସଂଗେ ବିରକ୍ତ ହୋଇଉଠି ପ୍ରତିବାଦ କରେ ।

ଅଫିସ୍ କାମରେ ସଦା ବ୍ୟସ୍ତ ପଙ୍କଜ ବିଭିନ୍ନ ସମୟରେ ସରକାରୀ ଗସ୍ତରେ ରାଜ୍ୟର ଭିନ୍ନ ଭିନ୍ନ ସ୍ଥାନକୁ, ଏପରିକି ରାଜ୍ୟ ବାହାରକୁ ମଧ୍ୟ ଯାଇଥାନ୍ତି । ଥରେ ତାଙ୍କ ବାଲ୍ୟବନ୍ଧୁ ଅନିକେତ ସହ ସେକ୍ରେଟାରିଏଟ୍‌ରେ ଦେଖା ହୋଇଥିଲା । ସେ କହିଲା – ଗତମାସ କୋଡ଼ିଏ ତାରିଖରେ ତୋ ମିସେସ୍‌କୁ ଜଣେ ସୁଦର୍ଶନ ବ୍ୟକ୍ତିଙ୍କ ସହ ପୁରୀ ବେଳାଭୂମିରେ ବୁଲୁଥିବାର ଦେଖିଥିଲି । ସେଦିନ ମୋର ଜଣେ ବନ୍ଧୁଙ୍କ ନିର୍ବନ୍ଧରେ ଯୋଗ ଦେବାପାଇଁ ମିସେସଙ୍କ ସହ ପୁରୀ ଯାଇଥିଲି । ସମୁଦ୍ରକୂଳରେ ବୁଲାବୁଲି କରିବା ସମୟରେ ଦୂରରୁ ତାଙ୍କ ଉପରେ ମୋର ନଜର ପଡ଼ିଯାଇଥିଲା । ସେମାନେ ମସଲା ମୁଢ଼ି କିଣୁଥିଲେ ।

ଅନିକେତର ଏପରି ମର୍ମଦାହୀ ବର୍ଣ୍ଣନାରେ ପଙ୍କଜଙ୍କ ହୃଦୟ ଖଣ୍ଡବିଖଣ୍ଡିତ ହୋଇଯାଇଥିଲେ ମଧ୍ୟ ସେ ଯଥାସମ୍ଭବ ନିଜକୁ ଆୟତ୍ତରେ ରଖି କଥାର ପ୍ରସଙ୍ଗ ବଦଳାଇ ଦେଇଥିଲେ ।

ଘରକୁ ଫେରିବା ପରେ ଆଉ ମୁହୂର୍ତ୍ତେ ବି ଶାନ୍ତିରେ ରହିପାରିଲେ ନାହିଁ ପଙ୍କଜ । ସର୍ବଦା ଅନିକେତର କଥା ପ୍ରତିଧ୍ୱନିତ ହେବାରେ ଲାଗିଲା । ସୁଚେତା ପ୍ରତି ଘୃଣାରେ ତାଙ୍କ ମନ ଭରିଯାଇଥିଲା । ତାଙ୍କ ଅନୁପସ୍ଥିତିରେ ସୁଯୋଗ ନେଇ ସୁଚେତା ଯେ ଧୀରେ ଧୀରେ ସ୍ୱେଚ୍ଛାଚାରିଣୀ ହୋଇଯାଉଛି, ଏଥିରେ ଆଉ ସନ୍ଦେହ ରହିଲାନାହିଁ । ଅନିକେତ ଯେଉଁ ତାରିଖରେ ସୁଚେତାକୁ ବେଳାଭୂମିର ଦେଖିଥିଲା, ସେ ତାରିଖରେ ପଙ୍କଜ ଦିଲ୍ଲୀରେ ଥିଲେ ।

ତହିଁ ପରଦିନ ସୁଚେତା କଲେଜ ଯାଇଥିବା ସମୟରେ ଘରେ ରୋଷେଇ କରୁଥିବା ପିଅନଟିକୁ ଡାକି ପଙ୍କଜ ପଚାରିଲେ– ମୁଁ ଟୁର୍‌ରେ ଥିବା ସମୟରେ ମାଡ଼ାମ ସବୁଦିନେ କଲେଜରୁ ଫେରି ଘରେ ରୁହନ୍ତି ନା ବାହାରକୁ ଚାଲିଯାଆନ୍ତି ?

ପିଅନଟି ଥଥମମ ହୋଇ କହିଲା – ମା' ପ୍ରାୟ ବାହାରକୁ ଯାଇ ଅଧିକ ରାତିରେ ଘରକୁ ଫେରନ୍ତି । ଛୁଟିଦିନମାନଙ୍କରେ ତ ସକାଳୁ ଚାଲିଯାଆନ୍ତି ଯେ, ଫେରୁ ଫେରୁ ରାତି ଅଧ ହୁଏ । ପଙ୍କଜଙ୍କ ମନେପଡ଼ିଗଲା, ଅନେକ ଦିନ ତଳେ ବଡ଼ପୁଅ ବବୁଲୁ ସୁଚେତା ବିରୋଧରେ ଏହିସବୁ କଥା କହୁଥିଲା । ସେମାନଙ୍କର ଭଲ ମନ୍ଦ କିଛି ନ ବୁଝି ମା' କିପରି ବହୁ ସମୟ ଧରି ବାହରକୁ ଚାଲିଯାଉଛନ୍ତି । ସେ ଅଭିଯୋଗ ବାପାଙ୍କ ପାଖରେ କରିଥିଲା । ସେତେବେଳେ ଅବଶ୍ୟ ବବୁଲୁ କଥାରେ ପଙ୍କଜ କୌଣସି ଗୁରୁତ୍ୱ ଦେଇନଥିଲେ, କିନ୍ତୁ ଏବେ ପିଅନଠାରୁ ସବୁ ଶୁଣିବା ପରେ ଆଉ ଗୁରୁତ୍ୱ ନ ଦେବାର କାରଣ ନଥିଲା ।

ସେଦିନ ରାତିରେ ଶୋଇବା ସମୟରେ ସୁଚେତାକୁ ସବୁକଥା ପଚାରିଲେ ପଙ୍କଜ । ପ୍ରଥମେ ତ ସୁଚେତା ଫାଙ୍କି ଦେଉଥିଲା; କିନ୍ତୁ ଅନିକେତ, ପିଅନ ଓ ବବୁଲୁ କଥା ଯେତେବେଳେ ଏକ ହୋଇଯିବାର ପ୍ରମାଣ ମିଳିଲା, ଆଉ ଅସ୍ୱୀକାର କରିପାରିଲା ନାହିଁ । ତେବେ କଥାଟା ଚଳାଇବା ଭଳି କହିଲା ଏ ସହରରେ ମୋ ବାପଘର ଆଡ଼ର ବହୁ ବନ୍ଧୁବାନ୍ଧବ ଅଛନ୍ତି । ତୁମେ ତ ଟୁର୍‌ରେ ଚାଲିଯାଅ । ମୁଁ ଏକାଟିଆ ରହି ବୋର୍ ହୋଇଯାଉଥିବାରୁ ବନ୍ଧୁମାନଙ୍କୁ ଘରକୁ ଯାଇ ବୁଲାବୁଲି କରି ଫେରିଆସେ ।

ପଙ୍କଜ ଆଉ ଅଧିକ କିଛି ନ କହି ନିରବ ହୋଇଗଲେ । ହେଲେ ଏଇ ନିରବତା ପାଇଁ ଭବିଷ୍ୟତରେ ତାଙ୍କୁ ବହୁ ମୂଲ୍ୟ ଦେବାକୁ ପଡ଼ିଥିଲା ।

ପ୍ରବହମାନା ଏକ ନଦୀ ପରି ନାରୀର ଚରିତ୍ର । ଶୃଙ୍ଖଳାର ବାଡ଼ବନ୍ଧ ଭାଙ୍ଗି ସେ ସର୍ବଦା ସ୍ୱାଧୀନତାର ସକଳ ନିର୍ଯ୍ୟାସ ଶୋଷର କରିନେବା ପାଇଁ ଚେଷ୍ଟିତା । ନାରୀ ପ୍ରତି ଅଧିକ ସ୍ନେହବଶରୁ ପୁରୁଷର ତା' ପ୍ରତି ଶ୍ରଦ୍ଧାଞ୍ଜଳୀ ମନୋଭାବକୁ ନାରୀ କୃତଜ୍ଞତାର ସହ ଗ୍ରହଣ କରିବା ପରିବର୍ତ୍ତେ ଏହା ପୁରୁଷର କାପୁରୁଷତା ଓ ଭୀରୁତା ଭାବେ ବିଚାର କରି ନାରୀର ସ୍ଖଳନକୁ ଥରକ ପାଇଁ କ୍ଷମା ଦେବା ପରେ ପରବର୍ତ୍ତୀ ସମୟରେ ଯେତେ ଇଚ୍ଛା କଲେ ବି ତାକୁ ଶାସନର ଚଉହଦୀ ମଧ୍ୟରେ ଆବଦ୍ଧ କରି ରଖିପାରେନା, ବରଂ ସେ ମଣିହରା ଫଣୀ ପରି ନାରୀ ନିକଟରେ ଆତ୍ମସମର୍ପଣ କରିବାପାଇଁ ବାଧ୍ୟ ହୁଏ । ତାହାହିଁ ଘଟିଥିଲା ପଙ୍କଜଙ୍କ ଜୀବନରେ ।

ସ୍ୱେଚ୍ଛାଚାରିଣୀ ସୁଚେତା ବିରୋଧରେ ସକଳ ପ୍ରମାଣ ପାଇବା ପରେ ବି ତାକୁ କ୍ଷମା ଦେଇ ପଙ୍କଜ ଭାବିଥିଲେ ତାଙ୍କ ଉଦାରତାରେ ସୁଚେତା କୃତଜ୍ଞା ହୋଇ ନିଶ୍ଚୟ ଉଚିତ ମାର୍ଗକୁ ଫେରିଆସିବ । କିନ୍ତୁ ହେଲା କ'ଣ ? ସୁଚେତା କ'ଣ ଫେରିଆସିପାରିଲା ? ବରଂ ଅଧିକ ବେଗବତୀ ହେଲା ତା' ମନର ମୟୂରୀ । ଯେଉଁ ବନ୍ଧୁମାନଙ୍କୁ ସେ ଏକଦା ପଙ୍କଜଙ୍କ ଅଗୋଚରରେ ସାକ୍ଷାତ କରୁଥିଲା, ସେମାନଙ୍କୁ ପ୍ରକାଶ୍ୟରେ ଏଣିକି ନିଜ ଘରକୁ ଆମନ୍ତ୍ରଣ କରି ପଙ୍କଜଙ୍କୁ ସେମାନଙ୍କ ସହିତ ପରିଚୟ କରାଇଦିଏ ।

ସବୁ ବନ୍ଧୁଙ୍କ ମଧ୍ୟରେ ଆଶିଷ ତା'ର ଅତ୍ୟନ୍ତ ଘନିଷ୍ଠ । ଆଶିଷ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ । ସୁଚେତାର ଦୁଇଟି ଉପର ବ୍ୟାଚ୍‌ରେ ସେ ପଢୁଥିଲେ ବି କଲେଜ ଡ୍ରାମାରେ ଦୁହେଁ ନାୟକ ନାୟିକା ଭୂମିକାରେ ଅବତୀର୍ଣ୍ଣ ହେବା ଫଳରେ ଉଭୟଙ୍କର ଘନିଷ୍ଠତା ବୃଦ୍ଧି ପାଇଥିଲା । ସୁନ୍ଦର ସ୍ୱାସ୍ଥ୍ୟ ପାଇଁ କଲେଜରେ ବହୁବାର ସେ ପୁରସ୍କୃତ ହୋଇଛନ୍ତି । ପଙ୍କଜବାବୁ କିନ୍ତୁ ସୁଚେତା ଓ ଆଶିଷର ଏପରି ଅବାଧ ମିଳାମିଶାକୁ ଆଦୌ ପସନ୍ଦ କରୁନଥିଲେ ।

ସେଥିପ୍ରତି ଭ୍ରୂକ୍ଷେପ ନ ଥିଲା ସୁଚେତାର; ବରଂ ଆଶିଷ ସହିତ ଯେତିକି ଅଧିକ ସେ ମିଶୁଥିଲା, ପଙ୍କଜଙ୍କ ଭଲମନ୍ଦ ପ୍ରତି ଧ୍ୟାନ ଦେବା ଅଭ୍ୟାସଟା ତା'ର ସେତେ କମି କମି ଆସୁଥିଲା । ଛୋଟ ଛୋଟ କଥାରେ ବି ତା'ର ବିରକ୍ତିଭାବ ଅଧିକ ପରିସ୍ଫୁଟ ହୋଇଉଠୁଥିଲା ।

ସୁଚେତା ଏଣିକି ଶାଢ଼ି ପିନ୍ଧିବା ଛାଡ଼ି ଡ୍ରେସ୍ ପିନ୍ଧିବା ଆରମ୍ଭ କରିଦେଲାଣି । ଜଣେ ବନ୍ଧୁଙ୍କର ବିବାହ ଉତ୍ସବରେ ଯୋଗ ଦେବାପାଇଁ ସୁଚେତା ଜିନ୍‌ପ୍ୟାଣ୍ଟ ଓ ଚିପା ଶାର୍ଟ ପିନ୍ଧି ଗାଡ଼ିରେ ବସିପଡ଼ିଲା । ପଙ୍କଜ ବିରକ୍ତି ପ୍ରକାଶ କରି କହିଲେ – ତୁମେ ଜଣେ ଅଧ୍ୟାପିକା । ବହୁ ଛାତ୍ରଛାତ୍ରୀଙ୍କୁ ଗଢ଼ି ମଣିଷ କରୁଛ । ତା' ଛଡ଼ା ଆମେ ଏକ ପାରିବାରିକ ଉତ୍ସବକୁ ଯାଉଛେ । ଆମ ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଏହି ଉତ୍ସବକୁ ଆସିଥିବେ । ତୁମେ ଏପରି ପୋଷାକରେ ଗଲେ ସେମାନେ କ'ର ଭାବିବେ ? ତେଣୁ ଏ ପୋଷାକ ପରିବର୍ତ୍ତନ କରି ଶାଢ଼ି ପିନ୍ଧି ଆସ ।

ଗାଡ଼ିରୁ ହଠାତ୍ ଓହ୍ଲାଇପଡ଼ି ଅତ୍ୟନ୍ତ କଠୋର ସ୍ୱରରେ ସୁଚେତା କହିଲା – ମାଇଁ ଫୁଟ ! ମୋର ସେ ରକ୍ଷଣଶୀଳ ଉତ୍ସବକୁ ଯିବାର ଆବଶ୍ୟକ ନାହିଁ । ତୁମେ ଏକାକୀ ଯାଅ କହି କହି ଘର ଭିତରକୁ ଚାଲିଗଲା । ଅଗତ୍ୟା ଏକାକୀ ଯିବା ପାଇଁ ବାଧ୍ୟ ହୋଇଥିଲେ ପଙ୍କଜ । ସେଠାରେ ବାପା ବୋଉଙ୍କ ଠାରୁ ଆରମ୍ଭ କରି ସମସ୍ତ ଆତ୍ମୀୟସ୍ୱଜନ ସୁଚେତା ନ ଆସିବାର କାରଣ ପଚାରିଥିଲେ । କୌଣସି ଏକ ଆଳ ଦେଖାଇ କଥାଟାକୁ ଏଡ଼ାଇ ଯାଇଥିଲେ ପଙ୍କଜ ।

ସାବିତ୍ରୀ ଦିନର ଘଟଣା ଅତ୍ୟନ୍ତ ବିବ୍ରତ କରିଦେଇଥିଲା ପଙ୍କଜଙ୍କୁ । ବ୍ରତଦିନ ଏକ ମୂଲ୍ୟବାନ୍ ସମ୍ବଲପୁରୀ ପାଟ ସୁଚେତାକୁ ଉପହାର ଦେଇ ପଙ୍କଜ ପଚାରିଲେ – ଏ ଶାଢ଼ିଖଣ୍ଡିକ ତୁମ ମନକୁ କେମିତି ପାଉଛି ?

ସୁଚେତା ନିସ୍ପୃହ ଚାହାଣିରେ ଚାହିଁ ଉତ୍ତର ଦେଲା – ଏତେ ମୂଲ୍ୟବାନ୍ ଶାଢ଼ି ନ ଆଣି, କମ୍ ଦାମ୍‌ର ଡ୍ରେସଟିଏ ଆଣିଥିଲେ ମୁଁ ଅଧିକ ଖୁସି ହୋଇଥାନ୍ତି ।

ପଙ୍କଜ ସେଦିନ ଅଫିସ୍ ଗଲାବେଳେ ଲକ୍ଷ୍ୟ କଲେ ସୁଚେତା ମନ ପୂରାଇ ଟିଭି ସିରିଏଲଟିକୁ ଦେଖୁଛି ଅଥଚ ସାବିତ୍ରୀ ବ୍ରତ ପାଇଁ ତା'ର ଟିକିଏ ବି ତତ୍ପରତା ନାହିଁ । କିନ୍ତୁ ସେ ଗଲାବେଳେ ରାସ୍ତାରେ ଦେଖିଲେ କେତେ କେତେ ଗୃହିଣୀ ସୁନ୍ଦର ସୁନ୍ଦର ଶାଢ଼ି ପିନ୍ଧି, ପୂଜାଥାଳି ହାତରେ ଧରି ମନ୍ଦିରକୁ ଯାଉଛନ୍ତି । ପଙ୍କଜ ମନକୁ ମନ କହିଲେ – ଯେଉଁ ସଧବା ନାରୀ ଶଙ୍ଖା ସିନ୍ଦୂରକୁ ସମ୍ମାନ ଦେଇ ଜାଣେ ନାହିଁ, ତା'ର ସାବିତ୍ରୀ ବ୍ରତ କରିବାର କି ପ୍ରୟୋଜନ ?

ସୁଚେତା ଦୃଷ୍ଟିରେ ପଙ୍କଜ ଯେମିତି ଅପାଙ୍‌କ୍ତେୟ ହୋଇଉଠିଛନ୍ତି । ଥରେ ସେ ଅଫିସ୍ ଯିବା ପାଇଁ ତରତର ହେଉଥିବାବେଳେ ପଚାରିଦେଲେ – ସୁଚେତା ! ମୋର ଟାଇଟା କେଉଁଠି ଅଛି, ଦେଖିଛ କି ?

ସୁଚେତା ଚିହିଁକିଉଠି କହିଲା – ମୁଁ କ'ଣ ତୁମର କେୟାର ଟେକର ନା ବଡ଼ିଗାର୍ଡ଼ ? ଏଣିକି ତୁମର ପୋଷାକ ପତ୍ରକୁ ନଜର ଦେବାପାଇଁ ଜଣେ ଲୋକ ନିଯୁକ୍ତ କର ।

ଅପମାନବୋଧରେ ସେଦିନ ପଙ୍କଜଙ୍କ ମୁହଁ ରଙ୍ଗା ପଡ଼ିଯାଇଥିଲା । ସେ ମନେ ମନେ ଭାବୁଥିଲେ, ତିନି ତିନିଟା ମୋବାଇଲ୍ ରଖି ସୁଚେତା ବନ୍ଧୁମାନଙ୍କ ସହ କଥାବାର୍ତ୍ତା ହୋଇପାରେ, ଟିଭି ସିରିଏଲ୍ ଭିତରେ ହଜିଯାଇପାରେ, ଆଶିଷ ସହ ଘଣ୍ଟା ଘଣ୍ଟା ଧରି ଗପ କରିପାରେ, ଅଥଚ ତାଙ୍କର ସାମାନ୍ୟତମ ଯତ୍ନ ନେବାପାଇଁ ଏତେ କୁଣ୍ଠା ।

ସୁଚେତାର ବ୍ୟବହାରରେ ଅତିଷ୍ଠ ହୋଇ ଦିନେ ଶ୍ୱଶୁରଙ୍କୁ ଫୋନ୍ ଯୋଗେ ସବୁକଥା ଜଣାଇ ଦେଇଥିଲେ ପଙ୍କଜ । ଶ୍ୱଶୁର କହିଲେ – ତୁମ ବିରୋଧରେ ଝିଅର ମଧ୍ୟ ଅଭିଯୋଗ ଗୁରୁତର । ଅଫିସ୍ କାମ ବାହାନାରେ ତୁମେ ବାହାରେ ଅଧିକ ସମୟ ବିତାଉଛ । ତେଣୁ ସେ ତା'ର ସାଙ୍ଗସାଥି ମେଳରେ ଅଧିକ ସମୟ ଅତିବାହିତ କରିବାରେ ଦୋଷ କେଉଁଠି ରହିଲା ? ଉତ୍ତରରେ ପଙ୍କଜ କହିଲେ– ଯେଉଁ ସ୍ୱାମୀମାନେ ଘରଠାରୁ ଶହଶହ କିଲୋମିଟର ଦୂରରେ ଚାକିରି କରୁଛନ୍ତି, ସେମାନଙ୍କର ପତ୍ନୀମାନେ କ'ଣ ନିଜ ଘର ବା ପିଲାଛୁଆଙ୍କ ପ୍ରତି ଧ୍ୟାନ କ ଦେଇ ଏମିତି ବାହାରେ ବୁଲୁଛନ୍ତି ?

ଦିନକର ଘଟଣା – ୨୦୦୯ ଅଗଷ୍ଟ ପନ୍ଦର ତାରିଖ ରାତି ୧୦ଟା ପର୍ଯ୍ୟନ୍ତ ସୁଚେତା ଘରକୁ ଫେରିଲା ନାହିଁ । ଅପେକ୍ଷା କରି କରି ବ୍ୟସ୍ତ ହୋଇପଡ଼ିଲେ ପଙ୍କଜ । ରାତି ପ୍ରାୟ ଏଗାରଟା ସମୟରେ ସୁଚେତା ଘରେ ପହଞ୍ଚିଲା । ପଙ୍କଜ ଧୀର କଣ୍ଠରେ ପଚାରିଲେ – ଆଜି ଏତେ ବିଳମ୍ବ ହେଲା କାହିଁକି ?

ସୁଚେତା ଖୁବ୍ ଜୋର୍‌ରେ ଚିତ୍କାର କରିଉଠିଲେ – କ'ଣ ହେଲା ସେଉଠୁ ? ତୁମେ ତ ସବୁଦିନେ ଅଧରାତିରେ ଫେରୁଛ ? ମୋର ଦିନେ ଡେରି ହୋଇଗଲା ଯେ, କ'ଣ ମେଦିନୀ ଫାଟିଗଲା ନା ମୋ ବିରହ ସହି ନ ପାରି ତୁମେ ପାତାଳରେ ପ୍ରବେ। କରିଗଲ ?

ଅଗତ୍ୟା ପଙ୍କଜ ଚୁପ୍ ରହିଲେ । ପ୍ରତିବାଦ କଲେ ସୁଚେତାର କଣ୍ଠସ୍ୱର ଆହୁରି ତୀବ୍ର ହେବ । ପଡ଼ୋଶୀ ପରିବାରମାନଙ୍କର ଶାନ୍ତି ଭଙ୍ଗ ହେବ । ତେଣୁ ସେ ଅଧିକ ଯୁକ୍ତିତର୍କ କରିବାକୁ ଚାହିଁଲେ ନାହିଁ । ସେହିଦିନଠାରୁ ପାରିବାରିକ ଯେତେ ବଡ଼ ଅଘଟଣା ଘଟିଗଲେ ସୁଦ୍ଧା ପଙ୍କଜ ସୁଚେତାକୁ କିଛି ପ୍ରଶ୍ନ କରନ୍ତି ନାହିଁ ।

ଆଉ ଦିନକର କଥା – ରାତି ବାରଟା ଟପିଗଲା ପରେ ଘରକୁ ଫେରିଲା ସୁଚେତା । ପାଦ ତା'ର ଟଳମଳ । ଶରୀରର ଭାରସାମ୍ୟ ରକ୍ଷା କରିପାରୁ ନାହିଁ । ମୁହଁରୁ ମଦର ଭଣଭଣ ଗନ୍ଧ ବାହାରୁଛି । ଏରୁଣ୍ଡିବନ୍ଧ ଡେଇଁ ଘର ଭିତରକୁ ପଶି ଆସୁ ଆସୁ ଭୂଇଁରେ ଅଜାଡ଼ି ହୋଇପଡୁଥିଲା ସୁଚେତା । ବାହୁ ଦେଖାଇ ଅଟକାଇ ଦେଲେ ପଙ୍କଜ । ନିମ୍ନ ସ୍ୱରରେ କହିଲେ ତୁମେ ଆଜି ମଦ ପିଇଛ ସୁଚେତା ? ଆମ ବଂଶର ମର୍ଯ୍ୟାଦା ଏମିତି ତଳେ ପକାଇଦେଲ ? ତୁମକୁ ଯେଉଁମାନେ ରାସ୍ତାରେ ଭେଟିଥିବେ, କ'ଣ ଭାବିଥିବେ ? କ'ଣ ଭାବିବେ ମତେ ?ମୋର ସ୍ତ୍ରୀ ହୋଇ ମୋ ସମ୍ମାନ ବି ଟିକେ ରଖିଲ ନାହିଁ ? ଛି ଛି, ଏତେ ତଳକୁ ଖସିଗଲ ? ତୁମ ବାପମା' କ'ଣ ତୁମକୁ ଏଇ ସଂସ୍କାର ଦେଇ ଗଢ଼ିଥିଲେ ?

ଗର୍ଜିଉଠିଲା ସୁଚେତା । ମୋ ସ୍ୱାଧୀନତା ଉପରେ ହସ୍ତକ୍ଷେପ କରିବାକୁ ତୁମେ କିଏ ? କ'ଣ ଭାବିଛ କି ମୋତେ ? ଯଦି ତୁମର ଇଜ୍ଜତ ଚାଲିଯାଉଛି, ତେବେ ମୋ ଠାରୁ ଆଜି ଏଇ ମୁହୂର୍ତ୍ତରେ ଅଲଗା ହୋଇଯାଅ । ତୁମ ପଛରେ କେବେବି ମୁଁ

ଗୋଡ଼ାଇ ଯିବି ନାହିଁ । ତେବେ ଏତିକି ଜାଣିରଖ....ହିନ୍ଦୁ ବିବାହର ଏ ପଦ୍ଧତି ଉପରେ ମୋର ଆଦୌ ବିଶ୍ୱାସ ନାହିଁ । ପିଞ୍ଜରାବଦ୍ଧ ଜୀବନକୁ ମୁଁ ଘୃଣା କରେ । ଏ ପୃଥିବୀରେ ତୁମର ଯେତିକି ଅଧିକାର ଅଛି, ମୋର ବି ସେତିକି ଅଛି । ଆଇନଗତ ବ୍ୟବସ୍ଥା ମୁଁ ଭଲଭାବରେ ଜାଣିଛି ।

ନିର୍ମମ ବାକ୍ୟବାଣରେ ପଙ୍କଜଙ୍କୁ ପରାହତ କରି ସୁଚେତା ବେଡ୍‌ରୁମକୁ ଚାଲିଗଲାଣି । ଡ୍ରଇଁରୁମର ଗୋଟଇଏ ସୋଫା ଉପରେ ବସିପଡ଼ି ଅସହ୍ୟ ଅପମାନରେ ପିଲାଙ୍କ ପକରି କାନ୍ଦି ଉଠୁଥିଲେ । କାନ୍ଦି କାନ୍ଦି ଭାବୁଥିଲେ-ସୁଚେତା ଆଉ ଆଇନଗତ ବ୍ୟବସ୍ଥାର ଧମକ ଦେଇଗଲା, ତାହା କ'ଣ କେବଳ ନାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ? ଦିନ ଥିଲା, ପୁରୁଷ ପ୍ରଧାନ ସମାଜରେ ନାରୀ ନର୍ଯ୍ୟାତନା, ନାରୀ ଶୋଷଣ ବଢ଼ି ବଢ଼ି ଚାଲିଥିଲା । ସେଥିଲାଗି ନାରୀକୁ ସୁରକ୍ଷା ଯୋଗାଇ ଦେବାଲାଗି କଠୋର ଆଇନ ପ୍ରଣୟନ ହେଲା । କିନ୍ତୁ ବର୍ତ୍ତମାନ ! ଏବେ ପାଳି ପଡ଼ିଛି ପୁରୁଷର । ନାରୀର ପୁରୁଷ ପ୍ରତି ଅମାନବୀୟ ବ୍ୟବହାର ପାଇଁ କ'ଣ ଅଛି ଆଇନରେ ବ୍ୟବସ୍ଥା ? କିଏ ଶୁଣିବ ନିର୍ଯ୍ୟାତିତ ପୁରୁଷର ଦୁଃଖ କାହାଣୀ । ସମ୍ବିଧାନ ନା ସଂସଦ, ନା ପ୍ରଶାସନ ? କିଏ ବିଶ୍ୱାସ କରିବ ନିର୍ଯ୍ୟାତିତ ପୁରୁଷର ସତ୍ୟକଥନ । ସକଳ ଆଇନ ପୁରୁଷ ପାଇଁ ନିରବ ।

ବନ୍ଧୁ ହୃଷୀକେଶ କହୁଥିଲେ -ତାଙ୍କ ଘର ପାଖରେ ଏକ ଛୋଟ ପରିବାର ବାସ କରୁଥିଲେ । ଗତବର୍ଷ ତାଙ୍କ ପୁଅର ବିବାହ ସମ୍ପନ୍ନ ହୋଇଥିଲା । ବିବାହର ମାତ୍ର କେତୋଟି ମାସ ପରେ ନବବଧୂର ଦୁର୍ବ୍ୟବହାରରେ ସେ ପରିବା ଶାଶୂ, ଶ୍ୱଶୁର, ନଣନ୍ଦ, ଦିଅର ଅତିଷ୍ଟ । ବୋହୂ କଥାକଥାକେ ଧମକ ଦେଉଛି- 'ସାରା ପରିବାରକୁ ପୋଲିସ୍‌ରେ ଦେବି । ସମସ୍ତଙ୍କୁ ଜେଲ ପଠାଇଦେବି ।' ଏଥିରେ ସମସ୍ତେ ଚୁପ୍ । ସେମାନଙ୍କର ଭୟ ଆଇନକୁ, ଭୟ ପୋଲିସ୍‌କୁ ଭୟ ଜେଲ୍‌କୁ । ନିରବରେ ନବବଧୂର ଅତ୍ୟାଚାର ସହିବା ବ୍ୟତୀତ ସେମାନଙ୍କର ଅନ୍ୟ ପନ୍ଥା ନାହିଁ ।

ପଙ୍କଜ ଭାବିଲେ ପ୍ରଥମେ ନିଜ ଆଡୁ କିଛି ଆଇନଗତ ବ୍ୟବସ୍ଥା ଗ୍ରହଣ କରିବା ଉଚିତ ହେବ କି ? ନା, ନା ଏପରି କରିବା ଦ୍ୱାରା କ'ଣ ଭାବିବ ଏ ସମାଜ ତାଙ୍କୁ ? ତାଙ୍କର ଯେଉଁ ପ୍ରତିଷ୍ଠା ଅଛି, ସେଥିରେ କଳଙ୍କ ଲାଗିଯିବ । ନିଜର ବନ୍ଧୁପରିଜନ ଛି-ଛାକର କରିବେ । ବୃଦ୍ଧ ପିତାମାତା ଦୁଃଖରେ ଭାଙ୍ଗିପଡ଼ିବେ । ତେବେ କ'ଣ କରିବେ ସେ ? ସୁଚେତାର ଏପରି କୁତ୍ସିତ ସ୍ୱେଚ୍ଛାଚାରିତାକୁ କ'ଣ ଆଜୀବନ ମଥାପାତି ସହିଯିବେ ?

ଅତୀତର ଗୋଟି ଗୋଟି କଥା ଭାବି ଚାଲିଛନ୍ତି ପଙ୍କଜ । ସନ୍ଧ୍ୟା ହେଲାଣି, ତଥାପି ତାଙ୍କର ଭାବନା ଥମି ନାହିଁ । ଏପର୍ଯ୍ୟନ୍ତ ସୁଚେତା ସହିତ ତାଙ୍କର ଗଢ଼ିଆସିଥିବା ସମ୍ପର୍କ ଗୋଟି ଗୋଟି ହେଇ ଚଳଚ୍ଚିତ୍ର ପରି ଭାସିଯାଉଛି ତାଙ୍କ ଆଖି ସାମ୍ନାରେ । ନିରାଶାର ଦରିଆରେ ଅସହାୟ ଜୀବନର ପୋତଟି ଭାସିଚାଲିଛି ଲକ୍ଷ୍ୟହୀନ ଭାବରେ । ବତିଖୁଣ୍ଟ ଦେଖାଯିବା ଆଉ ସମ୍ଭାବନା ନାହିଁ ।

ଏତିକିବେଳେ ଆସି ପହଞ୍ଚିଯାଇଛନ୍ତି ବନ୍ଧୁ ଅବନୀ । ପଙ୍କଜଙ୍କର ଏପରି ଦୟନୀୟ ଅବସ୍ଥାକୁ ଲକ୍ଷ୍ୟ କରି ସାନ୍ତ୍ୱନାଭରା ସ୍ୱରରେ କହିଲେ - କେବଳ ଭାବିଚାଲିଲେ କ'ଣ ସବୁ ସମସ୍ୟାର ସମାଧାନ ହୋଇଯିବ ? ତୁମର ଏତେ ଶିକ୍ଷାଦୀକ୍ଷା ଥାଇ ବି କାହିଁକି ଏମିତି ବାଚାଳଙ୍କ ପରି ହେଉଛ ? ଏପର୍ଯ୍ୟନ୍ତ ଥାନାରେ ଖବର ନଦେଇ କ'ଣ ଠିକ୍ କରିଛ ? ନା ଆଉ ଅପେକ୍ଷା କରିହେବ ନାହିଁ । ଚାଲ, ଅନ୍ତତଃ ଏଫ୍.ଆଇ.ଆର.ଟା ଦେଇଆସିବା । ନ ହେଲେ ଜାଣିଛନା, ସୁଚେତା ଯେପରି ଧୂର୍ତ୍ତା ସେ ଯଦି ପ୍ରଥମେ ତୁମ ନାଁରେ ଏଫ.ଆଇ.ଆର ଦେଇଦିଏ ତୁମର ଅବସ୍ଥା କ'ଣ ହେବ ବୁଝିପାରୁଛ ? ନେଡ଼ିଗୁଡ଼ କହୁଣୀକୁ ବୁହାଇଦେଇ ଯେତେ କାନ୍ଦିଲେ ବି କେହି ଶୁଣିବେ ନାହିଁ ।

ପଙ୍କଜ କ'ଣ କରିବେ କ'ଣ ନ କରିବେ କିଛି ଭାବିଚନ୍ତି ଠିକ୍ କରି ପାରିଲେ ନାହିଁ । ସାରାଜୀବନ ଏକାଠି ବିତାଇବା ପାଇଁ ଅଗ୍ନିକୁ ସାକ୍ଷୀ ରଖି ପଣ କରିଥିବା ନାରୀଟି ବିରୋଧରେ କ'ଣ ସେ ଥାନାକୁ ଯିବେ ? ଏପରି ଅନ୍ୟାୟକୁ ଧର୍ମ କ'ଣ ସହିବ ? ନା ନା, ସେ ଏହା କଦାପି କରିପାରିବେ ନାହିଁ । ସୁଚେତା ବିରୋଧରେ ସେ କୌଣସି ଅଭିଯୋଗ ଥାନାରେ କରିବେ ନାହିଁ ।

ଅବନୀ କହିଲେ - କ'ଣ ଆଉ ଏତେ ଭାବୁଛ ? ଭାବିଲେ କିଛି ଲାଭ ହେବନାହିଁ; ବରଂ ଅଧିକ କ୍ଷତି ସହିବ । ପ୍ରାକ୍ଟିକାଲ୍ ହେବାକୁ ଚେଷ୍ଟା କର । ଯଦି ଏବହୁଁ ସତର୍କ ନହେବ, ସୁଚେତାର ଚକ୍ରାନ୍ତରେ ଦିନେ ଅଣନିଶ୍ୱାସୀ ହୋଇପଡ଼ିବ । ସେ ତୁମକୁ ଯେକୌଣସି ମୁହୂର୍ତ୍ତରେ ଆଇନ ଜାଲରେ ଛନ୍ଦିଦେବ ।

ପଙ୍କଜ ତଳକୁ ମୁହଁ ପୋତି କହିଲେ - ଏତେ ଦିନ ତ ସହିଲିଣି...ଏତେ ଧୈର୍ଯ୍ୟ ତ ଧରିଲଣି, ଆଉ କେଇଟା ଦିନ କ'ଣ ସୁଚେତାର ଲେଉଟାଣି ବାଟକୁ ଚାହିଁ ଅପେକ୍ଷା କରିପାରିବ ନାହିଁ ? ମୋର ମନ କହୁଛି, ସେ ତା'ର ଭୁଲ ବୁଝିପାରି ନିଶ୍ଚୟ ଫେରିଆସିବ ।

ଅବନୀ ଆଉ ଅଧିକ କିଛି ନ କହି ଏକ ଲୟରେ ଚାହିଁରହିଥିଲେ ଏଇ ସରଳ ବିଶ୍ୱାସୀ ନିରୀହ ମଣିଷଟିର ମୁହଁକୁ ।

ସଭାପତି
ଉତ୍କଳ ସାହିତ୍ୟ ସମାଜ
ଶ୍ରୀରାମଚନ୍ଦ୍ର ଭବନ, କଟକ ।

# ସୁଧାର ଗାଈର ବାଛୁରୀ ମନ୍ତର

- ଅନୁପମା ନନ୍ଦ (ଗୃହିଣୀ)

ସୁନିତା ତା' ଠାକୁର ଘରେ ଯୌଥ ପରିବାରରେ ବଡ଼ ବୋହୂ । ଯେତେବେଳେ ସେ ବାହା ହୋଇ ଶଶୁର ଘରକୁ ଯାଇଥିଲା ତା ମା ତାକୁ କହିଥିଲେ ଶଶୁର ଘରକୁ ପରଘର ଭାବିବୁ ନାହିଁ । ଆଜିଠୁ ସେଇଟା ତୋ ନିଜଘର । ସମସ୍ତଙ୍କୁ ନିଜର କରି ଚଳିବୁ । ସୁନିତା ଉଚ୍ଚଶିକ୍ଷିତା ସଂସ୍କାରୀ ଓ ସରଳ ମଧ୍ୟ । ମାତ୍ର ଶଶୁର ଘରେ ପାଦ ଦେବା ପରେ ସେ ପୁରାପୁରି ବଧୂ ନିରୁପମା ପାଲଟି ଗଲା । ତା'ର ସ୍ୱାମୀ ବି ସେମିତି ଭଦ୍ର ଅମାଇକ ଓ ନିଃସ୍ୱାର୍ଥପର ସୁନିତା ସ୍ୱାମୀ, ଶଶୁର, ଶାଶୁ, ଦିଅର, ନଣନ୍ଦ ସମସ୍ତଙ୍କ ପାଇଁ ମନଦେଇ କରିବା ଆରମ୍ଭ କରିଦେଲା । ତା ମୁହଁରେ ଏତେ କାମ ସତ୍ତ୍ୱେ କେବେ କ୍ଲାନ୍ତିର ଲେସମାତ୍ର ଦେଖିବାକୁ ମିଳେନା । କାରଣ ସେ ନିଜ ଭୂମିକାକୁ ନେଇ ସନ୍ତୁଷ୍ଟ ଥିଲା । ନିଜ କର୍ତ୍ତବ୍ୟବୋଧକୁ ଉପଲବ୍ଧ କରୁଥିଲା ଏବଂ ନିଷ୍ଠାର ସହ ପାଳନ କରୁଥିଲା । ସବୁବେଳେ ତା ମୁହଁ ହସହସ ବର୍ଷ ବର୍ଷ ପରେ ତା ମୁହଁରେ ଚିନ୍ତାର ରେଖା ମାଡ଼ିଆସିଲା ବୋଧହୁଏ କିଛି ସମସ୍ୟା ଥିଲାପରି ମନେ ହେଉଥିଲା । ତାକୁ ପଚାରିବାରୁ ଜଣାପଡ଼ିଲା ଢ଼େର କଲିଣି । ଆଉ ପାରୁନି । ତାପରେ ଆଉ ଦୁଇଟା ବୋହୂ ଘରକୁ ଆସିଲେରି କେହି ଟିକେ ରୋଷେଇ ଘରେ ପାଦ ଦେଲେନି । ଘରର କାମ କେହି ବୁଝିଲେ ନାହିଁ । ଘରେ ହେଉଥିବା ଖର୍ଚ୍ଚ ପାଇଁ କେହି ମୁଣ୍ଡ ଖେଳାଇଲେ ନାହିଁ । ଯେଉଁ ଗଛ ଫଳ ଫୁଲରେ ମଣ୍ଡିତ ହୋଇଥାଏ ଫୁଲ ତୋଳିବା ପାଇଁ ଲୋକେ ତାର ଡାଳକୁ ଟାଣି ମୋଡ଼ି ନୁଆଁଇ ତାକୁ ଝୁଣି ପକାନ୍ତି । ଡାଳପତ୍ର ଭାଙ୍ଗି ଦିଅନ୍ତି ଫଳ ତୋଳିବା ପାଇଁ ଲୋକେ ଗଛକୁ ଏପରି ଦୋହଲାଇ ଦିଅନ୍ତି ଗଛର ମୂଳ ବି ଦୋହଲି ଯାଏ । କିଏ ପୁଣି ଫଳ ଫୁଲ ତୋଳିବା ପାଇଁ ନଗି ବାଆଙ୍କୁଡ଼ି ଲଗାଇ ତାକୁ କଲବଲ କରିପକାନ୍ତି । ଯେଉଁ ପୁଅ ବୋହୂ ସାନ୍ତ ସୁଧାର ସେ ବାପା ମା' ଭାଇ ଭଉଣୀଙ୍କର ଦାୟିତ୍ୱ ନିଏ । ପୁନେଇଁ ପର୍ବରେ ସମସ୍ତଙ୍କ କଥା ବୁଝିଥାଏ । ନିଜ ଭାଇ, ଭଉଣୀ ପୁତୁରା, ଝିଆରୀ ମାନଙ୍କ ପାଇଁ ଲୁଗାପଟା ଠାରୁ ଆରମ୍ଭ କରି ହାତଖର୍ଚ୍ଚ ମଧ୍ୟ ଦିଅନ୍ତି ମାତ୍ର ଯେଉଁ ପୁଅ ସ୍ତ୍ରୀ କଥାରେ ପଡ଼ି ଏସବୁକୁ ନକରେ ତାହାଠାରୁ ସମସ୍ତେ ଆଶା ଛାଡ଼ି ଦିଅନ୍ତି । ତାର ଢ଼େର ପଇସା ବଳେ ସେ ଖୁସିରେ ରୁହେ । କିନ୍ତୁ ସୁନିତା ନିଜ ସ୍ୱାମୀ ଓ ପିଲାଙ୍କ କଥା ଭାବିବାକୁ ସମୟ ପାଏନାହିଁ । ଅନ୍ୟ ଯାହାର ଯାହା ହେଲେ ହେଉ ପଛେ ତାକୁ କେହି ସ୍ୱାର୍ଥପର କହିଲେ ବି ସେ ତାର ପଛୁଆ କରିନଥାଏ । ଯାହାର ଯେତେବେଳେ ଧାର କରଜ ଦରକାର ପଡ଼େ ସେ ମଧ୍ୟ ଦେଇଥାଏ ତାର ସୁବିଧା ନେଇ ସେ ଫେରାଏ ନଚେତ୍ ଫେରାଇବାର ନାଁ ଧରେ ନାହିଁ । ଆଉ ଯିଏ ଟାଣୁଆ ପଡ଼େ ତା' ପଇସା କେହି ଖାଇ ପାରନ୍ତି ନାହିଁ । ସେ ବାଘ ପାଟିରୁ ବି ହାତ ପୁରାଇ ଛଡ଼ାଇ ଆଣେ । ନିଜ ଆହାର ଯେଉଁ ଡାକ୍ତର ରାତି ଦିନ ଭୁଲି ରୋଗୀଙ୍କର ସେବା କରେ ସେ ସେବାପରାୟଣ ଡାକ୍ତର ରାତିରେ ଶୋଇପାରେ ନାହିଁ । ଯେଉଁଘରେ ଅଧିକ ଲୋକ ଥାଆନ୍ତି ସେ ଘରେ କିଛି କାମ ହୋଇପାରେନାହିଁ । ଢିଙ୍କି ପଡ଼ିଛି ଆଠଖଣ୍ଡା ଶୁଖେଇ ନେବାକୁ ଜଣେ ଭେଣ୍ଡା । ଏତେ ବଡ଼ ଘରକୁ ଗୋଟିଏ ଲୋକ କାମ କଲେ ଯାହା ହୁଏ । କହିବାର କଥା ହେଲା ଭଲ ପଣିଆ ଅନେକ ସମୟରେ ଆମକୁ ବୋଝ ବୁହାଏ କଷ୍ଟ ଦିଏ । ଆମ ମଣିଷପଣିଆ ବଦଳରେ ଆମେ ପାଉ ମନକୁ ଆଘାତ ଦେଲାଭଳି ବ୍ୟବହାର ଅତ୍ୟଧିକ ଉତ୍ସର୍ଗ ତ୍ୟାଗ ଆମକୁ ନିସ୍ୱ କରିଦିଏ । ଦାନୀଲୋକ ଦେଇ ଦେଇ କାଙ୍ଗାଳ ହୋଇଯାଏ । ନମ୍ର ଓ ବିନୟୀ ଲୋକ ଅବହେଳିତ ହୁଏ । ଅତ୍ୟାଚାରିତ ହୁଏ । ଅପର ପକ୍ଷରେ ସ୍ୱାର୍ଥପର ହେଲେ ବୋଝ ବୋହିବାକୁ ପଡ଼େନା କଷ୍ଟ ସହିବାକୁ ପଡ଼େନା । ଅନ୍ୟ ପାଇଁ ଭାବିବା ବନ୍ଦକରି ଦେଲେ ଆଖିକୁ ଲୁହ ଆସେନା କି ମନକୁ କଷ୍ଟ ଆସେନା ।

ଉଦ୍ଧତ ଓ ଅହଂକାରୀ ହେଲେ ଭୟରେ କେହିପାଖ ମାଡ଼ନ୍ତି ନାହିଁ । କି କିଛି ସାହାଯ୍ୟ ମାଗନ୍ତି ନାହିଁ । ତଥାପି କେତେ ଜଣଙ୍କ ପୁଣ୍ୟ ଫଳରେ ହିଁ ଅନ୍ୟମାନେ ଭୋଗି ହୋଇଥାନ୍ତି । ଏବଂ ପୃଥିବୀ ନିରାସର ଏକ ମରୁଭୂମି ନହୋଇ ସବୁଜ ଶୀତଳ ଏକ ମରୁଦ୍ୟାନ ହୋଇ ଆଶାର ସଞ୍ଚାର କରିଥାଏ । ଯେଉଁ ଦିନ ପୃଥିବୀର ସବୁ ବୋହୂ ସ୍ୱାର୍ଥପର ଓ ଆତ୍ମକୈନ୍ଦ୍ରିକ ହୋଇଯିବେ ସେଦିନ ଆଉ କେଉଁଠି ଚୁଲି ଜଳିବ ନାହିଁ । ସମସ୍ତେ ଉପାସ ରହିବେ । ଯେଉଁଦିନ ସବୁ ଫଳନ୍ତି ଗଛ ବନ୍ଧ୍ୟା ହୋଇଯିବେ ସେଦିନ ପୃଥିବୀ ଧ୍ୱଂସ ହୋଇଯିବ । ଯେଉଁଦିନ କୃଷକଟି କହିବ କଣ ଦରକାର ଏହି ମାଟି କାଦୁଅରେ କଲବଲ ହେବା ସେ ଦିନତ ସାରାସଂସାର ମୃତ୍ୟୁ ନିଶ୍ଚିତ । ଏହିମାନଙ୍କ ପୂଣ୍ୟ ଫଳରେ ସଂସାର ଚାଲିଛି । ଏମାନଙ୍କ ସଂଖ୍ୟା ଗୌଣ ହେଲେ ମଧ୍ୟ ତାଙ୍କର ତ୍ୟାଗ ଅନ୍ୟମାନଙ୍କ ପାଇଁ କାମ ଜୀବନ ସାରା ଯେତେ କଷ୍ଟ ପାଇଲେ ବି ନିରୁପମା ଅନୁପମା, ନମ୍ରତା ବୋହୂମାନେ ସବୁବେଳେ ସ୍ମରଣୀୟ ହୋଇ ରୁହନ୍ତି । ଏଥିପାଇଁ ସେମାନେ ଧନ୍ୟବାଦର ପାତ୍ର ।

ଜଗତପୁର, କଟକ ।

## ଆମ ପରିବେଶ

- ରୁବିନ୍ ନାଏକ

ଆହା କି ସୁନ୍ଦର ଆମ ପରିବେଶ
ତା'ର ମଧ୍ୟେ ନିହିତ ଜଳ ସ୍ଥଳ ଆକାଶ
କେବେ ମନୋରମ ତା ସୃଷ୍ଟିର ସମ୍ଭାର
ସେ ଦୂଷିତ ହେଲେ ଜାଣ ସର୍ବନାଶ ।
ଆମ ପରିବେଶ ଆମରି ଦାୟିତ୍ୱ
ରଖିବା ତାହାକୁ ସଦା ପ୍ରଦୂଷଣ ମୁକ୍ତ
ସୂର୍ଯ୍ୟ ଚନ୍ଦ୍ର ଏଠି ହୁଏ ଆତ ଜାତ
ତା' ପାଇଁ ପ୍ରାଣୀଗଣ ଅନ୍ଧାରରୁ ମୁକ୍ତ ।
ଦୂର ପାହାଡ଼ର ସବୁଜ ବନାନୀ
ତା' ସାଥେ ଶୋଭିତ ମନ୍ଦିର ମାଳିନୀ
କେତେ କାରୁକାର୍ଯ୍ୟ ଶୀଳାନ୍ୟାସ କଳା
ଲୋକ ବିସ୍ମିତ ଦେଖି ତହିଁ ଖୋଦିତ ଲିଖନୀ ।
ସହରାଞ୍ଚଳରେ ଗଢ଼ି ନାନା ଶିଳ୍ପାୟନ
ପରିବେଶକୁ ରଖେନା ଜମା ସନ୍ତୁଳନ
ନାନା ବର୍ଜ୍ୟବସ୍ତୁ ଆବର୍ଜନା ଯେତେ
ପରିବେଶ ଠାରୁ କର ସଦା ବର୍ଜନ ।
ଆମେ କରିବା ଯେବେ ପରିବେଶର ସୁରକ୍ଷା
ହୋଇବ ସେବେ ମାନବ ଜୀବନ ରକ୍ଷା
ଘରେ ବ୍ୟବହାର କଲେ ପାଇଖାନା
ହଇଜା ଟାଇଫଏଡ଼ ଠାରୁ ପାଇବ ରକ୍ଷା ।
ଗାଁ ପରିବେଶ କର ସଫା ସୁତୁରା
ଦେହ ସୁସ୍ଥ ସଦା ରହିବ ମନ ନିର୍ମଳ
ଶସ୍ୟରେ ପକାନା ବିଷାକ୍ତ କୀଟନାଶକ ସାର
ସୁସ୍ଥ ସ୍ୱାସ୍ଥ୍ୟ ପାଇଁ କର ଭଲ ଶସ୍ୟ ଅମଳ ।
ପରିବେଶେ ଅଛି ଯେତେ ନଈ ନାଳ ସମୁଦ୍ର
ତାକୁ ପିଇ ତୃଷ୍ଣା ମେଣ୍ଟେ ଜୀବଜନ୍ତୁଙ୍କର
ବଡ଼ ବିଚିତ୍ର ଏ ସୃଷ୍ଟିର ସମ୍ଭାର
ସଦା ପରିଚ୍ଛନ୍ନ ରଖ ଆମ ପରିବେଶର ।

ବାରିପଦା, ମୟୂରଭଞ୍ଜ ।

## ସୃଷ୍ଟିର ମୂଳ

- ପୁଷ୍ପାଞ୍ଜଳି ପଣ୍ଡା

ସ୍ନେହର ପ୍ରେମର
ତ୍ୟାଗ ତିତିକ୍ଷାର
ସଞ୍ଜିବନୀ ସୁଧା
ଝରେ ଯା ଅନ୍ତର
ଅନୁପମ ସୃଷ୍ଟିଟିଏ
ନାରୀ ନାମ ବହିଥାଏ ।
ଶୀତଳ ଛାଇରେ
ସହନ ଶୀଳତାର
ହୃଦୟ ତା ଭରା
ପୀୟୁଷ ପସରା
ସକଳ ଶକ୍ତି ଭଣ୍ଡାର
ମାଆ ସେ ପରା ଈଶ୍ୱର ।
ଅଳି ଅର୍ଦ୍ଧଳୀର
ସମ୍ପର୍କ ଯାହାର
ତିକ୍ତ କୁ ମଧୁର
କରିବା ବେଭାର
ଭାଇ ଦୁଃଖ ଆଦରାଇ
ସ୍ନେହୀ ଭଗିନୀ ସିଏ ବୋଲାଇ ।
ପ୍ରେମ ଅନୁରାଗ
ହାରିନେଇ ଦାଗ
ଦୁଃଖ ରେ ସୁଖରେ
ଚାଲଇ ସାଥୀରେ
ଜୀବନ ସଙ୍ଗିନୀ ହୋଇ
ନାରୀ ଅର୍ଦ୍ଧାଙ୍ଗିନୀ ସିଏ ହୋଇ ।
ଜନନୀ ଭଗିନୀ
ଜାୟା ସୁହାଗିନୀ
ଅନେକ ରୂପରେ
ନାରୀ ଜୀବନରେ
ସଂସାର ନିଏ ଆଗେଇ
ସୃଷ୍ଟିର ମୂଳ ନାରୀ ଅଟଇ ।

## ଆ ସଭ୍ୟତାର ବାର୍ତ୍ତା

- ବିଶ୍ୱନାଥ କର

ଚିରିଦିଅ ସେ ଗ୍ରନ୍ଥ ସବୁ
ଜାଳିଦିଅ ତା'ର ପ୍ରତିଟି ଅକ୍ଷର
ଯେଉଁଠି ଲେଖା ଅଛି
ନାରୀଟିଏ ଖାଲି ରାତିସାରା ଜଳିବା ପାଇଁ
ଫୁଲଟିଏ ଭଳି ରୂପରେ ବାସରେ ମହକେଇ
ସକାଳକୁ ଝଡ଼ିଯିବା ପାଇଁ ।
ଟିକ୍ ଟିକ୍ କରି ଚିରିଦିଅ ସେ ଗ୍ରନ୍ଥର ପ୍ରତ୍ୟେକ ଫର୍ଦ୍ଦ
ଉଡ଼େଇ ଦିଅ ଫୁର୍ ଫୁର୍ କରି
ଝଂଜାର ପବନରେ ତା'ର ପ୍ରତିଟି ଟୁକୁଡ଼ା
ବିଂଚିଦିଅ ତା'ର ପ୍ରତିଟି ଅକ୍ଷରର ପୋଡ଼ା ପାଉଁଶ ସବୁ
ଏ ମାଟିରେ ପାଣିରେ
ତମ ଅହମିକାର ରୁଦ୍ଧ କୋଠରୀରେ ।
ଲାଗିଯାଉ ମେଂଚା ମେଂଚା କଳାଦାଗ
ତମ ମନ ତଳର ଅହମିକାରର ଅଂଧାରରେ
ସନ୍ତୁଳି ହେଉଥିବା ତମ

ବାରିପଦା, ମୟୂରଭଞ୍ଜ ।

## ଚିର ଅଭିମାନ

- ଲକ୍ଷ୍ମୀପ୍ରିୟା ମାଇତି

ଯଦିଓ ପ୍ରେମିକ
ରାତିଟିଏ ହୋଇଥାନ୍ତେ
ବୁଝନ୍ତେ ଯେତେ
ଶୂନଶାନର ଯନ୍ତ୍ରଣା ।
ଯଦିଓ ସ୍ୱାମୀ
ଦିନଟିଏ ହୋଇଥାନ୍ତେ
ବୁଝନ୍ତେ ଯେତେକ
ଖରାର ଯାତନା ।
ପ୍ରେମିକର ଟିକିଲିରେ
ହୁଏ ନାହିଁ ନାରୀ
ବିଜୟିନୀ ଚିର ସୁନ୍ଦରୀ ।
ସ୍ୱାମୀର ଶଙ୍ଖା ସିନ୍ଦୂରରେ
ହୁଏନି ସେ ଚିର ଐଶ୍ୱର୍ଯ୍ୟ
ଆଉ ସୁହାଗିନୀ ।
ନାରୀଟିଏ ଯେ ଦୀପ ମହବମବତୀ
ସିଏ କେତେ ଯେ ଅନନ୍ୟା
ତଥାପି ଟିକେ ଟିକେ ଭୁଲ ପାଇଁ
ବୁଝେନି ପୁରୁଷ
ବୁଝେନି ଦୁନିଆଁ
ଦିଏ ନିନ୍ଦା କଳଙ୍କ
ବୁହାଏ ଲହୁ ଲୁହର ସେ ବନ୍ୟା ।

ଏରସମା, ଜଗତସିଂହପୁର ।

## ନିମିତ୍ତ ମାତ୍ର

- ଆନନ୍ଦ କୁମାର ମାଇତି

କେବେ କେବେ ଶୂନଶାନ୍ ରାତିରେ
ମୋ ସ୍ପନ୍ଦନ ଶିହରିତ ହୋଇଉଠେ
ମୁଁ ଜନ୍ମିତ ଗୋଟା ପଣେ ଜୀବନ୍ତ
ଅଥଚ
ମୋ ଜନ୍ମ ଦିନ କିନ୍ତୁ ବହୁତ ଦୂରରେ
ମୁଁ ପଥିକ ଅମଡ଼ା
ଅଧା ପାଚିଲା ନିଘଞ୍ଚ ଅରଣ୍ୟ ଭିତରେ
ମୋ ଜନ୍ମ ଦିନ ପୂର୍ବରୁ
ଧରାଶାୟୀ ବୃଦ୍ଧ ପତର
ପାଦରେ ଭଗ୍ନାଂଶ ଶବ୍ଦ ସୃଷ୍ଟି କରେ, ଲାଗେ
ସାମ୍ନାରେ ବସିଚିକି ଗୋମୁଆ ଭୂତୁଣି
ନିରୀକ୍ଷଣ ପ୍ରବୃତି ଜାଗ୍ରତ ହେଇ ଚାଲିଛି
ଅକସ୍ମାତ ତୋଫା ଜନ୍ମ ଟା ଲୁଚିଯାଏ
କାଳିଆ ବାଦଲ ପଛରେ ।
କେବେ କେବେ ନିଜକୁ ପ୍ରତିବିମ୍ବରେ ଦେଖିଲେ
ନିଶ୍ଚଳ ସ୍ଥିର ମୁଦ୍ରାରେ
ଆଖି ଦେଖି ପକାୟ
ଏକ ଜୀବନ୍ତ ଆତ୍ମାର ମୃତ୍ୟୁ ଘଟିଛି
ରଙ୍ଗୀନ ସିମେଣ୍ଟ କାନ୍ଥରେ
କେତେବେଳେ ଛାତ ଚଟାଣରେ
ଆଖି ଭ୍ରୁ ସଙ୍କୁଚିତ ହୁଏ
ହୃଦୟ ବିବ୍ରତ ଆଚରଣ କରେ
ମନନ ଶକ୍ତି ନଇସ୍ୱରତାର ବିରୁଦ୍ଧରେ
ବିଚାର କରୁ କରୁ କେମିତି
ବାରମ୍ବାର ବିଯାଙ୍କ ନିର୍ଣ୍ଣୟ କରିପକାଏଂ
ଅତି ନିକଟତର ହୋଇ ଆସେ
ଜନ୍ମ, ଜାତକ, ଯୁଦ୍ଧ
ବିବେକ ଯେମିତି ରଣ ଉଲ୍ଲାସ ମୁଖି ପାଲଟିଯାଏ
ନିର୍ଭୟରେ ଘୋଷଣା କରିପକାଏ ।
ତୁମ ଦୃଷ୍ଟରେ ସମାପ୍ତର ଏଇ ଭୟଙ୍କର ସୂଚନା
ଜୀବନ ମୁତ୍ୟୁର ଏ ଅଲୌକିକ ତାଣ୍ଡବ
ତା ଭିତରେ ତୁମେ ମାତ୍ର ନିମିତ୍ତ ।

ଝାଟିପାରି, ଏରସମା, ଜଗତସିଂହପୁର ।

## ଶେଷ ଠିକଣା

- ସୁନନ୍ଦା ମହାନ୍ତି

ପାହାଡ଼ର ସେପାଖେ
ନଈଧାରେ ଟିକେ ବାଙ୍କେ
ନୁଆଁଣିଆ ଚାଳଘର ଭିତରେ
ମୋ ଶାଶୁଘର ଗାଁ
ଇତିହାସେ ନଥାଉ ପଛେ ତା ନାଆଁ
ମୋ ହୃଦୟେ ଲେଖା ତାର ନାଆଁ
ପଚାରନା କିଆଁ କିଆଁ ?

ଭୁଲିଥିଲି ଯୋଉଠି
ମୋ ଷଷ୍ଠୀ ଘର କୋଉଠି
ବାପା ମାଆ ଭାଇଭଗ୍ନୀ
ବଦଳେ ପାଇଲି ଯାହା ଏଠି
ଆଜବ କାଇଦା
ଅଜବ କଟକଣା
ଧୀରେ ଧୀରେ ଦେହସୁହା
ତମେ ଥିଲ ଯେଣୁ ପାଖେଟି
ତମଗାଁ ତମ ନାଁ ପରିଚୟ ମୋ ଗୋଟି ।

ଏତେ ଦିନ ପରେ ଆଜି
ସ୍ମୃତି ଫେରେ ପହଡ଼ ଭାଜି
ଚାଲଯିବା ହାତ ଧରି ସାଥି ସାଜି
ମୋ ଗାଁ ଉନ୍ନତି ହେଜି
ପୁରାଣ ଭଗବତେ ଭିଜି
ଉଦାସୀ ଆଖିରେ ମଜ୍ଜି
ପୁଣି ପାଇବା ଖୋଜି
ଶାନ୍ତି ଟିକେ ପ୍ରଶାନ୍ତିରେ ହଜି
ରଖିବ ତମେ ବାପାମାଆ ନାଁ
ମୁଁ ପାଇଯିବି ମୋ ଦୁନିଆଁ ।

ସାକ୍ଷୀଗୋପାଳ, ପୁରୀ ।

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.pracheevoice.in

Whatsapp No. :
+91 88957 07011
Follow us :

# ଆପଣଙ୍କର ମୁଠାଏ ଦାନା
# ଆମର ଗୋଟାଏ ପେଟ



**ପକ୍ଷୀମାନଙ୍କୁ ଦାନା ଦିଅନ୍ତୁ * FEED THE BIRDS**

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.pracheevoice.in

Whatsapp No. :
+91 88957 07011
Follow us :

## ଆପଣଙ୍କର ଟିକିଏ କଷ୍ଟ
## ଆମର ଗୋଟିଏ ପେଟ



**ବୁଲା ପଶୁଙ୍କୁ ଖାଦ୍ୟ ଦିଅନ୍ତୁ * FEED THE STRAY ANIMAL**

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ